# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୫/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Thursday, August 15/2024 | Page 20 | ₹ 7.00 | BALASORE

୫୦ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 262 | ମୂଲ୍ୟ ₹୭/-




ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସରେ ଧରିତ୍ରୀର ବିନମ୍ର ପ୍ରଣତି।

## ଶୁଭେଚ୍ଛା

ସ୍ୱାଧୀନତା ଦିବସ ଅବସରରେ ଧରିତ୍ରୀ ତା'ର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଖବରଦାତା, ଏଜେଣ୍ଟ, ବିତରକ, ପୃଷ୍ଠପୋଷକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ସ୍ୱାଧୀନତା ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୧୫ ତାରିଖ ଗୁରୁବାର ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

ସାମାଜିକ ବିବିଧତା

## ଆଜିର ମନ୍ତବ୍ୟ

"ନ୍ୟସ୍ତ ରାଜନୈତିକ ସ୍ୱାର୍ଥ ପାଇଁ ଭାରତକୁ ବିଭାଜନ ମୁହଁକୁ ଠେଲି ଦିଆଯାଇଥିଲା। ମାନବିକତାର ବିଭାଜନ ପାଇଁ ନିଆଯାଇଥିବା ଏହି ଅମାନବୀୟ ନିଷ୍ପତ୍ତି ଯୋଗୁ ଅଗଣିତ ନିରୀହ ଲୋକ ବିସ୍ଥାପନର ଯନ୍ତ୍ରଣା ଭୋଗିଥିଲେ।

-ଯୋଗୀ ଆଦିତ୍ୟନାଥ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ

# ଗଣବଳାତ୍କାର ସନ୍ଦେହ

## ମହିଳା ଡାକ୍ତରଙ୍କ ମୃତଦେହରୁ ମିଳିଲା ୧୫୦ ମି.ଗ୍ରା. ସିମେନ

କୋଲକାତା, ୧୪।୮

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା ନୂଆ ମୋଡ଼ ନେଇଛି। ପୀଡ଼ିତାଙ୍କ ମୃତଦେହରୁ ୧୫୦ ମିଲିଗ୍ରାମର ସିମେନ(ଶୁକ୍ରାଣୁ) ମିଳିଥିବା ନେଇ ପୋଷ୍ଟମର୍ଟମ କରୁଥିବା ଡାକ୍ତର ସୁବର୍ଣ୍ଣା ଗୋସ୍ୱାମୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୁବର୍ଣ୍ଣା କହିଛନ୍ତି, ପୀଡ଼ିତାଙ୍କୁ ଗଳା ଚିପି ହତ୍ୟା କରାଯାଇଥିବାବେଳେ ତାଙ୍କଠାରେ ଯୌନ ନିର୍ଯାତନାର ସ୍ପଷ୍ଟ ଲକ୍ଷଣ ଥିବା ଜଣାପଡ଼ିଛି। ଅନେକ ଆଘାତର ଚିହ୍ନ ରହିଛି, ଯାହା ତାଙ୍କୁ ନିର୍ଦ୍ଦୟ ଭାବେ ଆକ୍ରମଣ କରାଯାଇଥିବା ନେଇ ସୂଚିତ କରୁଛି। ପୀଡ଼ିତାଙ୍କ କାନ ଏବଂ ଓଠରେ ଆଘାତ ରହିଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ିଛି। ପୀଡ଼ିତାଙ୍କ ଶରୀରରୁ ୧୫୦ ମିଲିଗ୍ରାମ ସିମେନ ମିଳିଥିବାରୁ ତାଙ୍କୁ ବଳାତ୍କାରରେ ଏକାଧିକ ବ୍ୟକ୍ତିଙ୍କର ସମ୍ପୃକ୍ତି ରହିଥିବା ସେ ଆଶଙ୍କା କରିଛନ୍ତି। ଡାକ୍ତର ସୁବର୍ଣ୍ଣାଙ୍କ ବୟାନରୁ ମହିଳା ଟ୍ରେନି ଡାକ୍ତରଙ୍କ ସହ ଗଣବଳାତ୍କାର ହୋଇଥିବା ନେଇ ସନ୍ଦେହ ବଢ଼ିଛି ଏବଂ କୋଲକାତା ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଏହି ମାମଲାରେ କୋଲକାତା ପୋଲିସ ପୀଡ଼ିତାଙ୍କ ମୃତଦେହ ଜବତ ହେବାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ସଞ୍ଜୟ

### କୋଲକାତାରେ ସିବିଆଇ ଟିମ୍‌ର ତନାଘନା

ରାୟଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ କେବଳ ଜଣେ ବ୍ୟକ୍ତି ସାମିଲ ଥିବା କୋଲକାତା ପୋଲିସ କହିଥିଲା। ତେବେ ମଙ୍ଗଳବାର କୋଲକାତା ଉଚ୍ଚ ନ୍ୟାୟାଳୟ ଏହି ମାମଲାର ତଦନ୍ତଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଥିଲେ। ସିବିଆଇ ବୁଧବାରଠାରୁ ଏହି ବଳାତ୍କାର ଓ ହତ୍ୟା ମାମଲାର ତଦନ୍ତ ଆରମ୍ଭ କରିଛି। ବୁଧବାର ସକାଳେ ସିବିଆଇର ବରିଷ୍ଠ ଅଧିକାରୀଙ୍କ ☞ପୃଷ୍ଠା–୪

## ଭୁବନେଶ୍ୱର ଏମ୍‌ସରେ ଡାକ୍ତର ଆନ୍ଦୋଳନ

### ରୋଗୀସେବା ବ୍ୟାହତ

ଭୁବନେଶ୍ୱର, ୧୪।୮ (ଅସମାପିକା ସାହୁ)

ପଶ୍ଚିମବଙ୍ଗରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ବୁଧବାର ଏମ୍‌ସ ଭୁବନେଶ୍ୱରର ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ, ଠିକ ତଦନ୍ତ ଓ ଡାକ୍ତରଙ୍କୁ ସୁରକ୍ଷା ପାଇଁ ଦାବି କରିଛନ୍ତି। ସିନିୟର ରେସିଡେଣ୍ଟ, ଜୁନିୟର ରେସିଡେଣ୍ଟ ଓ ଡାକ୍ତରୀ ଛାତ୍ରୀଛାତ୍ର ମୁଣ୍ଡରେ ଧଳା ପଟି, ହାତରେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରିଥିଲେ। ଜରୁରିକାଳୀନ ସେବାକୁ ଛାଡ଼ି ଓପିଡି, ଆଇପିଡି, ଓଟି କାର୍ଯ୍ୟରୁ ସେମାନେ ନିବୃତ୍ତ ରହିଥିଲେ। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ଏମ୍‌ସ ଭୁବନେଶ୍ୱରର ଆଡିସିନାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଭାସ ତ୍ରିପାଠୀ କହିଛନ୍ତି, ସିନିୟର ରେସିଡେଣ୍ଟ, ଜୁନିୟର ରେସିଡେଣ୍ଟ, ଡାକ୍ତରୀ ଛାତ୍ରୀଛାତ୍ର ଆନ୍ଦୋଳନ କରିଛନ୍ତି। ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରମାନେ ରୋଗୀ ଦେଖୁଛନ୍ତି। ଯେପରି ରୋଗୀ ସେବା ବ୍ୟାହତ ନ ହେବ ସେନେଇ ଚେଷ୍ଟା କରାଯାଉଛି। ସୂଚନାଯୋଗ୍ୟ, ଗତ ଗୁରୁବାର କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ୩୧ ବର୍ଷୀୟା ଡାକ୍ତରଙ୍କୁ ବଳାତ୍କାର ସହ ହତ୍ୟା କରାଯାଇଥିଲା। ସେଠାରେ ସେ ଟ୍ରେନି ଭାବେ କାମ କରୁଥିଲେ।

# ଭିନେଶଙ୍କ ଆବେଦନ ଖାରଜ

## ୧୪୦ କୋଟି ଭାରତୀୟ ନିରାଶ

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରେ ଆଉ ଏକ ରୌପ୍ୟ ପଦକ ଆଶାରେ ରହିଥିବା ୧୪୦ କୋଟି ଭାରତୀୟଙ୍କୁ ନିରାଶ ହେବାକୁ ପଡ଼ିଛି। ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟଙ୍କ ଆବେଦନ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ(କାସ୍)ରେ ଖାରଜ ହୋଇଥିବା ନେଇ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ) ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଭାରତୀୟ ମହିଳା ଭାବରେ ଭିନେଶ ୫୦କିଗ୍ରା ଓଜନ ବର୍ଗ ଫାଇନାଲରେ



ଭିନେଶ ଫୋଗଟ

ପହଞ୍ଚିଥିବା ବେଳେ ଦ୍ୱିତୀୟ ଦିନ ସକାଳେ ତାଙ୍କ ଓଜନ ଆବଶ୍ୟକତାଠାରୁ ୧୦୦ ଗ୍ରାମ୍ ଅଧିକ ରହିଥିଲା। ଫଳରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଏହା ବିରୋଧରେ ଭିନେଶ କାସ୍‌ର ଦ୍ୱାରସ୍ଥ ହୋଇ ଦୁଇଟି ଅଭିଯୋଗ ଦାଖଲ କରିଥିଲେ। ପ୍ରଥମ ଅଭିଯୋଗରେ ତାଙ୍କୁ ଫାଇନାଲ ଖେଳିବା ପାଇଁ ଅନୁମତି ମିଳିବାକୁ ସେ ଦାବି କରିଥିବା ବେଳେ ଏହା ଖାରଜ ହୋଇ ଯାଇଥିଲା। ଅନ୍ୟ ପକ୍ଷରେ ଦ୍ୱିତୀୟ ଅଭିଯୋଗରେ ଯୁଗ୍ମ ଭାବରେ ☞ପୃଷ୍ଠା–୪











A quality product from
PAN BAHAR
ପ୍ରତ୍ୟେକ
ହୃଦୟରେ
ସ୍ପନ୍ଦିତ
ହୁଏ ଇଣ୍ଡିଆ
NEW PACK
ASHOK & CO.- PAN BAHAR LTD.
BAHAR
THE HERITAGE
PAN MASALA
HAPPY INDEPENDENCE DAY
www.panbahar.in
CHEWING OF PAN MASALA IS INJURIOUS TO HEALTH. NOT FOR MINORS
NO TOBACCO NICOTINE

**ମନ୍ଦିର ପରିସରରେ ଫଳ ଚାରା ରୋପଣ**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲସ୍ଥିତ ହରିହର ମନ୍ଦିର ପରିସରରେ ବୁଧବାର ଫଳ ଚାରା ରୋପଣ କରାଯାଇଛି। ବଡବିଲ ତହସିଲଦାର ତଥା ମନ୍ଦିର କମିଟି ସଭାପତି ଡିଏସଏସ ଯୋଶୀ, ଓଡ଼ିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅବନୀ କାନ୍ତ ପ୍ରଧାନ, ବଡବିଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବନମାଳୀ ଜେନା, ମନ୍ଦିରର କମିଟି ସଦସ୍ୟଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଯା' ଗୁରୁତର

ପାଟଣା,୧୪।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡବିଟ୍ ହାତୀ ନୋଟା ଗ୍ରାମରେ ବୁଧବାର ଭାଲୁ ଆକ୍ରମଣରେ ୨ ଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗାଁର ମକରଧ୍ୱଜ ମହାନ୍ତଙ୍କ ସ୍ତ୍ରୀ ଗୋଲାପ (୫୮), ଜଗବନ୍ଧୁ ମହାନ୍ତଙ୍କ ସ୍ତ୍ରୀ ଜାଗରୀ(୪୫)। ଉଭୟ ସମ୍ପର୍କରେ ୨ ଯା' ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ୨ ଯାଆ ଜଙ୍ଗଲ ନିକଟ ପୋଖରୀକୁ ଭୋର ୫ଟାରେ ଶୌଚ ହେବାକୁ ଯାଇଥିଲେ। ସେହି ସମୟରେ ୩ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ ଉଭୟଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ଭାଲୁ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇଥିଲେ। ଜାଗରୀ ସାମାନ୍ୟ ଆହତ ହୋଇଥିବା ବେଳେ ଗୋଲାପଙ୍କ ବେକ, ଅଣ୍ଟା ଆଦି ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ବନପାଳ ପିଅନ ନାଏକ କହିଛନ୍ତି, ସରକାରୀ ଗାଇଡ୍‌ଲାଇନ ମୁତାବକ ପୀଡ଼ିତାଙ୍କୁ ସହାୟତା ଯୋଗାଇ ଦିଆଯିବ।

### ଦୋଷୀଙ୍କୁ ୧୦ ବର୍ଷ ଜେଲ
#### ନାବାଳିକା ଅପହରଣ ମାମଲା

କେନ୍ଦୁଝର,୧୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟ୍‌ଟ୍ରାକ୍ କୋର୍ଟରେ ଜଣେ ନାବାଳିକାଙ୍କୁ ଅପହରଣ ଓ ଜବରଦସ୍ତ ବିବାହ କରାଇବା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ ମିଶ୍ର ମାମଲାରେ ଅଭିଯୁକ୍ତ କେଶଦୁରାପାଳ ଗ୍ରାମର ଚେପନ ମୁଖୀଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଆଦେଶ କରିଛନ୍ତି। ଘଟଣାରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଇନ୍ ସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, କେନ୍ଦୁଝର ସହର ଡାଙ୍ଗରପଡ଼ାରୁ ନାବାଳିକାଙ୍କୁ ୨୨ ଏପ୍ରିଲ ୨୦୨୨ରେ ଅପହରଣ କରାଯାଇଥିଲା। ଚେପନ ମୁଖୀ ଅପହରଣ କରିନେଇ ନାବାଳିକାଙ୍କୁ ତାଙ୍କ ପୁଅଙ୍କ ସହ ବିବାହ କରାଇଥିଲେ। ନାବାଳିକାଙ୍କ ମା'ବାପା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଷିପୁରା ଥାନା କେଶଦୁରାପାଳରୁ ନାବାଳିକାଙ୍କୁ ଉଦ୍ଧାର କରି ଚେପନ ଓ ତାଙ୍କ ଝିଅ ମୀନାଙ୍କୁ କୋର୍ଟଚାଲାଣ କରିଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ମୀନାଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

### ଛୁରି ଭୁସି ଯୁବକଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ଯୋଡ଼ା,୧୪।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝରଠାରେ ଲେଙ୍ଗା ଶବର(୫୦)ଙ୍କୁ ଛୁରି ଭୁସି ହତ୍ୟା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଘଟଣାର ଅଭିଯୁକ୍ତ ଦେଓଝର ଘନସାହିର ମଙ୍ଗଲୁ ପାତ୍ରଙ୍କୁ ବୁଧବାର ଗିରଫ ପରେ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଲେଙ୍ଗା ଓ ମଙ୍ଗଲୁଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା। ଲେଙ୍ଗା ଅନେକ ସମୟରେ ମଙ୍ଗଲୁଙ୍କ ପୁଅ ସନ୍ତୋଷଙ୍କୁ ମାଡ଼ ମାରିବା ସହ ଧମକ ଦେଉଥିଲେ। ଘଟଣାକୁ କେନ୍ଦ୍ର କରି ମଙ୍ଗଲୁ ପ୍ରତିଶୋଧ ନେବା ପାଇଁ ସୁଯୋଗ ଅପେକ୍ଷାରେ ଥିଲେ। ରବିବାର ରାତିରେ ଲେଙ୍ଗାଙ୍କୁ ଘରୁ ଡାକି ନେଇ ମହାଦେବନଶା ଛକ ରାସ୍ତାରେ ଛୁରିରେ ଭୁସି ହତ୍ୟା କରିଥିଲେ। ସୋମବାର ସ୍ଥାନୀୟ ଲୋକେ ଘଟଣା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଖୋଳତାଡ ଆରମ୍ଭ କରିଥିଲା। ମଙ୍ଗଳବାର ରାତିରେ ବଡ଼ବିଲ ଶ୍ରୀରାମନଗରଠାରେ ଥିବା ମଙ୍ଗଲୁଙ୍କ ଶ୍ୱଶୁର ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରି ଘଟଣାର ରିକ୍ରିଏଶନ କରିଥିଲା। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୨୩୩/୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ କହିଛନ୍ତି।

# ଟ୍ରକ୍‌ରେ ଆସି ଲୁଟୁଥିଲେ ଡକାୟତ ଗ୍ୟାଙ୍ଗ

- ଡକାୟତି ଯୋଜନା ପଣ୍ଡ, ୮ ଗିରଫ
- ଲୋକଙ୍କ ମାଡ଼ରେ ୬ ଅଭିଯୁକ୍ତ ଗୁରୁତର

ତେଲକୋଇ,୧୪।୮(ରଞ୍ଜିତ ବିଶ୍ୱାଳ)


ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସିଥିବା ୩ ଅଭିଯୁକ୍ତ।


ଜବତ ଟ୍ରକ୍।

ବିଳମ୍ବିତ ରାତିରେ ଟ୍ରକ୍‌ଯୋଗେ ଆସୁଥିଲେ। ଦୋକାନ, ଘର, କମ୍ପାନୀ, ଠିକାସଂସ୍ଥା କ୍ୟାମ୍ପ୍‌କୁ ଟାର୍ଗେଟ କରି ଲୁଟ୍‌ପାଟ କରୁଥିଲେ। ମଙ୍ଗଳବାର ରାତିରେ କେନ୍ଦୁଝର ଜିଲା ତେଲକୋଇ ପୋଲିସ ଏଭଳି ଏକ ଡକାୟତ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିବା ସହ ଗ୍ୟାଙ୍ଗର ୮ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ମହାବିରୋଡ ଥାନା ଗଡ଼ପଳାଶୁଣି ଅଞ୍ଚଳର ଗୋଲେଖ ପ୍ରଧାନ(୨୪), ସୁରେଶ ସାମଲ(୪୩), ପବିତ୍ର କିଶାନ(୩୮), ଗୌତମ ସିଂହ(୨୪), ଜିତେନ୍ଦ୍ର ବିଶାଳ (୨୮), ସନ୍ତୋଷ ସ୍ୱାଇଁ(୫୦), ନରେଶ ସାମଲ(୪୦) ଓ ମନୋରଞ୍ଜନ ପ୍ରଧାନ(୨୩)। ପୋଲିସ ଡକାୟତିରେ ବ୍ୟବହୃତ ୧୨ ଚକିଆ ଟ୍ରକ୍(ଓଡ଼ି ୧୯ ଏଲ ୯୨୫୦) ଜବତ କରିଛି।

ସୂଚନା ଅନୁଯାୟୀ, ତେଲକୋଇ ଥାନା ଅଞ୍ଚଳରେ କିଛି ଦିନ ହେବ ଚୋରି, ଡକାୟତି ବଢ଼ିଥିବା ଅଭିଯୋଗ ହେଉଥିଲା। ଏପରିକି ଡକାୟତି ଗ୍ୟାଙ୍ଗ ଏକ ଟ୍ରକ୍ ଯୋଗେ ଆସି ଚୋରି କରୁଥିଲେ। ଅଭିଯୋଗ ପରେ ଗ୍ୟାଙ୍ଗକୁ କାବୁ କରିବାକୁ ପୋଲିସ ଯୋଜନା କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ୟାଙ୍ଗ୍ ଟ୍ରକ୍ ଧରି ତେଲକୋଇ ଥାନା ଅଞ୍ଚଳକୁ ପଶିଥିବା ନେଇ ପୋଲିସ ଖବର ପାଇଥିଲା। ଆକୁଳ ଗ୍ରାମ ରାସ୍ତା କଡ଼ରେ ଥିବା ଏକ ଠିକା ସଂସ୍ଥାର କ୍ୟାମ୍ପରୁ ଚୋରି ଉଦ୍ୟମ ବେଳେ ଯୋଜନା ମୁତାବକ ପୋଲିସ ମାଡ଼ି ବସିଥିଲା। ପୋଲିସକୁ ଦେଖି ଦୁର୍ବୃତ୍ତ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ଭୀମକାଣ୍ଡ ଗାଁ ମୁଣ୍ଡରେ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକେ ଦୁର୍ବୃତ୍ତଙ୍କୁ ଧରି ଉତ୍ତମ ମଧ୍ୟମ ଦେଇଥିଲେ। ପୋଲିସ ପହଞ୍ଚି ଲୋକଙ୍କ କବଳରୁ ଡକାୟତ ଗ୍ୟାଙ୍ଗର ୮ ଜଣଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ୬ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୩/୨୪) ରୁଜୁ ହୋଇଛି। ଗୁରୁବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯିବ। ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଥିବା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେଉରା କହିଛନ୍ତି।

# ଚମ୍ପୁଆ ବନାଞ୍ଚଳରେ ୩୩ ଟିକିଆ ହାତୀପଲ



ଯୋଡ଼ା,୧୪।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଯୋଡ଼ା, ବାଲିବନ୍ଧ, ବାମେବାରି ସେକ୍ସନରେ ୩୩ ଟିକିଆ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଯୋଡ଼ା ସେକ୍ସନର ଯମୁନାପଶି, ବଳଦା ଅଞ୍ଚଳରେ ଗୋଟିଏ ଦନ୍ତା, ଗୋଟିଏ ମାଈ ଓ ଗୋଟିଏ ଛୁଆହାତୀ ବିଚରଣ କରୁଥିବା ବେଳେ ବାଲିବନ୍ଧ ସେକ୍ସନର ଚମକପୁର୍ ବନାଞ୍ଚଳରେ ୩ ଦନ୍ତା, ୬ ମାଈ, ୫ ଛୁଆହାତୀ ବିଚରଣ କରୁଥିବା ଚମ୍ପୁଆ ଏସିଏଫ ଅକ୍ଷୟ କୁମାର ଛତ୍ରିଆ ଓ ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି। ସେକ୍ସନର କନକନା, ଗୁରୁଦରି ବନାଞ୍ଚଳରେ ୪ ଦନ୍ତା, ୭ ମାଈ ଓ ୨ ଛୁଆ ହାତୀ ବିଚରଣ କରୁଛନ୍ତି। ସେହିପରି ବାମେବାରି ସେକ୍ସନରେ ଗୋଟିଏ ଦନ୍ତା, ଗୋଟିଏ ମାଈ ଓ ଗୋଟିଏ ଛୁଆ ବିଚରଣ କରୁଛି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗର ହାତୀ ସ୍କ୍ୱାଡ, ବନବିଭାଗ କର୍ମଚାରୀ ନଜର ରଖିଛନ୍ତି। ହାତୀପଲ ରେଳ ଧାରଣା ନିକଟକୁ ଯିବା ମାତ୍ରେ ବନ ବିଭାଗ ରେଳ ବିଭାଗକୁ ଅବଗତ କରୁଛି। ସେହିପରି ଦିନରାତି ମନିଟରିଂ କରାଯାଇ ହାତୀପଲ ବିଚରଣ କରୁଥିବା ଅଞ୍ଚଳରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଥିବାରୁ ବିଭାଗ ସହିତ ସମନ୍ୱୟ ରକ୍ଷା କରାଯାଇ ବିଦ୍ୟୁତ୍ କାଟ କରାଯାଉଥିବା ବନପାଳ ସୂଚନା ଦେଇଛନ୍ତି। ଖଣିରେ ବାରୁଦ ବିସ୍ଫୋରଣ ଓ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଆଲୋକ ଯୋଗୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଉପଦ୍ରବ କରୁଥିବା ଗ୍ରାମବାସୀ କହିଛନ୍ତି।

### ୩ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପାଟଣା,୧୪।୮(ବୀରକିଶୋର ଦାଶ)

୭୮ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ବୁଧବାର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣା ପରିସରରେ ୩ ମହାପୁରୁଷ ତଥା ଜାତିର ପିତା ମହାତ୍ମାଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପାଟଣା ବ୍ଲକ୍ ପୂର୍ବତନ ଅଧକ୍ଷ ଇଂ. ବିଦ୍ୟାଧର ଦାଶ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଯୁଧିଷ୍ଠିର ମହାନ୍ତ, ଅଧକ୍ଷ ବିରେନ୍ଦ୍ର ସାହୁ, ଅଧ୍ୟାପିକା ନୈଲାନି କାର୍ଜି, ଅଧ୍ୟାପିକା ବିନୋଦିନୀ ମହାନ୍ତ ଓ ଡେମନଷ୍ଟ୍ରେଟର ରଜତ ଦାଶ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର ସାହୁଙ୍କ ସଂଯୋଜନା କରିଥିଲେ।

# ଶୋଭାଯାତ୍ରାରେ ବୁଲିଲା ତ୍ରିରଙ୍ଗା




କେନ୍ଦୁଝର,୧୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ଏକ ବାଇକ ରାଲିରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନଗର ମଣ୍ଡଳ ସଭାପତି ବିଶ୍ୱଜିତ୍ ତ୍ରିପାଠୀଙ୍କ ନେତୃତ୍ୱରେ କେନ୍ଦୁଝରଗଡ଼ସ୍ଥିତ ପୁରୁଣା ସହରର ବଡ଼ଦାଣ୍ଡ ନିକଟରୁ ବାଇକ ରାଲିରେ ତ୍ରିରଙ୍ଗା ଶୋଭାଯାତ୍ରା ବଡଦାଣ୍ଡ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ନଗର ପରିକ୍ରମା କରିବା ପରେ କାଳୀପଡ଼ିଆ ନିକଟରେ ପହଞ୍ଚିଥିଲା। କେନ୍ଦୁଝରଗଡ଼ ପୌରପରିଷଦର ପୌରାଧ୍ୟକ୍ଷା ନିକୁ ସାହୁ ଯୋଗଦେଇଥିବା ବେଳେ ନଗର ମଣ୍ଡଳର ୨ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର ଏବଂ ବ୍ରଜକିଶୋର ରାୟ, ସମ୍ପାଦକ ଦୁର୍ଗା ବାରିକ, ଜିଲା ଭାଜପା କୋଷାଧ୍ୟକ୍ଷ ଶିବ ରାଠୋର, ରାଜେନ୍ଦ୍ର ନାଏକ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ପାଟଣା,(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ମଣ୍ଡଳ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ହର ଘର ତ୍ରିରଙ୍ଗା ଅଭିଯାନରେ ଏକ ବାଇକ ରାଲି କରାଯାଇଛି। ରାଲି ତୁରୁମୁଙ୍ଗାରୁ ବାହାରି ରାଜନଗର, ମୁରୁ ସୁଆଁ, କେନ୍ଦେଇପଶି, ଟାଙ୍ଗରପଡ଼ା, ପୁରୁଲିଆ, ପାଟଣା ବଜାର, ସ୍ୱାମ, ସରାସ କୋଲା ଓ ମଲ୍ଲିପଶି ପରିକ୍ରମା କରିଥିଲା। ୨୩ ନମ୍ବର ଜୋନ୍ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, ଜିଲା ସୋସିଆଲ ମିଡିଆ କନଭେନର ଯୁଧିଷ୍ଠିର ମହାନ୍ତ, ପାଟଣା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନୀତେଶ ମହାନ୍ତ, କେନ୍ଦେଇପଶି ମଣ୍ଡଳ ସଭାପତି ମିତ୍ର ଭାନୁ ମହାନ୍ତ, ସଞ୍ଜୟ ପଲେଇ, ଯୁଲୁ ପୃଷ୍ଟୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସମସ୍ତ କଲେଜ, ହାଇସ୍କୁଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ବେସରକାରୀ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ର, ସିଆରପି, ଏମବିକେଙ୍କୁ ନେଇ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା।

**ଚମ୍ପୁଆ,(ମହେଶ୍ୱର ଦାସ):** କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ତଥା ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ସତପଥି ଓ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା ସହର ପରିକ୍ରମା କରିଥିଲା। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଅଜିତ୍ ମହାନ୍ତ, ପ୍ରଭାତିରାଣୀ ଗିରି, ଦିବ୍ୟରଞ୍ଜନ ନନ୍ଦ, ପ୍ରିତମ ନନ୍ଦ, ସୁଭମ ଶେଖର ସାହୁ, କିସ୍ମତ ନାୟକ, ରାକେଶ ସାହୁଙ୍କ ନେତୃତ୍ୱରେ ମହିଳା ଯୁକ୍ତ ଦୁଇ ବିଦ୍ୟାଳୟ ଓ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଦଯାତ୍ରା ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲେ।

**ଢେଙ୍କିକୋଟ,(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଢେଙ୍କିକୋଟ୍ ଭାଜପା ସଂଗଠନ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାରହାଟିପୁରା ବାବା ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିରରୁ ୨୦୦ରୁ ଊର୍ଦ୍ଧ୍ୱ ବାଇକ ଆରୋହୀ ବାଇକ୍‌ରେ ତ୍ରିରଙ୍ଗା ପତାକା ବାନ୍ଧି ଘଟଗାଁ ବ୍ଲକ୍ ଢେଙ୍କିକୋଟ ଜୋନ୍‌ର ବାରହାଟିପୁରା, ପଇଦାପାଟଣା, ସାନ୍ତରାପୁର, ଢେଙ୍କିକୋଟ ପଞ୍ଚାୟତରେ ରାଲି କରିଥିଲେ। ମଧ୍ୟାହ୍ନରେ ଢେଙ୍କିକୋଟ ବଜାରସ୍ଥିତ ଡାକ ବଙ୍ଗଳାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭାଜପାର ବରିଷ୍ଠ କର୍ମୀ ରାମଚନ୍ଦ୍ର ସାହୁ, ଅଖିଳ ଚନ୍ଦ୍ର ପାତ୍ର, ଅକ୍ଷୟ ସିଂହ ନେତୃତ୍ୱ ନେଇଥିଲେ।




# ୮ ଘଣ୍ଟା କାମ, ଠିକ୍ ସମୟରେ ଦରମା ଦାବି

## ଓଡ଼ିଶା ଖଣି ନିଗମ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଯୋଡ଼ା,୧୪।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଥିବା ଓଡ଼ିଶା ଖଣି ନିଗମର ଖଣ୍ଡବନ୍ଧ ଓ ବାଂଶପାଣି ଖଣିରେ ଶ୍ରମିକମାନେ ବିଭିନ୍ନ ଦାବିରେ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ବିଶେଷ ଭାବେ ୮ ଘଣ୍ଟା କାମ, ଠିକ ସମୟରେ ଦରମା ଓ ସ୍ଥାନୀୟ ଗ୍ରାମବାସୀଙ୍କ ଆନ୍ଦୋଳନ ସମୟରେ କଟା ଯାଇଥିବା ଦରମା ପ୍ରଦାନ ଆଦି ଦାବି ହୋଇଛି।

ଅଭିଯୋଗ ଅନୁଯାୟୀ, ଓଡ଼ିଶା ଖଣି ନିଗମର ସମସ୍ତ ଖଣିରେ ବିଭିନ୍ନ ଦାବି ନେଇ ସ୍ଥାନୀୟ ଗ୍ରାମବାସୀ ଜୁଲାଇରେ ୬ ଦିନ ଧରି ନିଗମର ସମସ୍ତ ଖଣିରେ ଆନ୍ଦୋଳନ କରିଥିଲେ। ଫଳରେ ଖଣି ଠିକାଦାରମାନେ ଭୟରେ ଖଣି କାର୍ଯ୍ୟ ବନ୍ଦ କରି ଦେଇଥିଲେ। ଗ୍ରାମବାସୀଙ୍କ ଆନ୍ଦୋଳନରେ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କର କୌଣସି ଭୂମିକା ନ ଥିଲା। ସେମାନେ ପ୍ରତିଦିନ କାମ କରିବାକୁ ଆସି ଖଣି କାର୍ଯ୍ୟ ବନ୍ଦ ରହିଥିବାରୁ ଘରକୁ ଫେରି ଯାଉଥିଲେ। ମାତ୍ର ଖଣ୍ଡବନ୍ଧ ଓ ବାଂଶପାଣି ଖଣିରେ କାର୍ଯ୍ୟରତ ଶ୍ରମିକଙ୍କର ୬ ଦିନର ଦରମାକୁ ସମ୍ପୃକ୍ତ ଠିକାଦାର ଏନ୍‌ଏସ୍‌ପିଏଲ୍ କାଟି ଦେଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଶ୍ରମିକଙ୍କୁ ଆଟେଣ୍ଡାନ୍ସ କାର୍ଡ ଦିଆଯାଉନାହିଁ, ୮ ଘଣ୍ଟା ବଦଳରେ ୧୨ ଘଣ୍ଟା କାମ କରାଯାଉଛି, ଠିକ୍ ସମୟରେ ଦରମା, ଛୁଟି ଆଦି ଦିଆଯାଉନାହିଁ। ମାତ୍ର କିଛି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇ ଅଧିକ ଶ୍ରମିକ ବାହାର ରାଜ୍ୟରୁ ଆଣି କାମ କରାଯାଉଛି। ପ୍ରତିବାଦ କଲେ ଚାକିରିରୁ ବାହାର କରି ଦିଆଯାଉଛି। ୫ ଦିନ ପରେ ବି ଠିକାଦାର ସଂସ୍ଥା ଆଲୋଚନା ନ କରି ଚୁପ୍ ରହିଛି। ଖଣି ନିଗମର ଅଧିକାରୀଙ୍କ କଥା ମଧ୍ୟ ଠିକାଦାର ଶୁଣୁ ନ ଥିବା ଶ୍ରମିକମାନେ କହିଛନ୍ତି। କେନ୍ଦ୍ରୀୟ ଶ୍ରମ ବିଭାଗ ଓ ଖଣି ନିଗମ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ୟୁନିୟନ ତରଫରୁ ଶ୍ରମିକ ନେତା ମହେଶ୍ୱର ରାଉତ ଓ ମହେନ୍ଦ୍ର ମହାନ୍ତି ଦାବି କରିଛନ୍ତି।

# ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପ୍ରସ୍ତାବକୁ ସ୍ୱାଗତ


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କେନ୍ଦୁଝର,୧୪।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟର ଆଞ୍ଚଳିକ ଦୃଷ୍ଟି କୋଣରୁ ନୀତି ଆପଣାଇ ରାଜ୍ୟର ଅନ୍ୟ ଜିଲାଗୁଡ଼ିକ ରାଜ୍ୟ ଯୋଜନାରେ ସ୍ୱତନ୍ତ୍ର ଅନୁଦାନ ପାଉଛନ୍ତି। ରାଜନୈତିକ ଲବିର ଅଭାବ ଯୋଗୁ ଉତ୍ତର ଓଡିଶାର ୨ ଆଦିବାସୀ ବହୁଳ ଜିଲା ଏଥିରୁ ବଞ୍ଚିତ ହୋଇରହିଛି। ୧୪ ଶ ବିଧାନସଭା ସମୟରେ ଦଳମତ ନିର୍ବିଶେଷରେ ଏହି ୨ ଜିଲାର ବିଧାୟକମାନେ ଓଡିଶା ବିଧାନସଭାରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଆଞ୍ଚଳିକ ବୈଷମତା ଶିକାର ଉତ୍ତର ଓଡିଶା ପରିଷଦ ଗଠନ କରିବାକୁ ଦାବି କରିଥିଲେ। ଦୀର୍ଘ ବର୍ଷ ପରେ ରାଜ୍ୟରେ ମୋହନ ସରକାର କ୍ଷମତାକୁ ଆସିବା ପରେ ଆଗ୍ରହ ପ୍ରକାଶ କରି ଏକ ଟାସ୍କ ଫୋର୍ସ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ରୂପରେଖ କ'ଣ ହେବ ସରକାରଙ୍କ ସମୟ ଉପଯୋଗୀ ପରାମର୍ଶ ଦେବାକୁ ବୁଧବାର ଏକ ଆଲୋଚନାଚକ୍ର କେନ୍ଦୁଝର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି।

ଆଲୋଚନା ଚକ୍ରକୁ ପୂର୍ବତନ ବିଧାୟକ, ଏମ୍‌ପି, ଖବରଦାତା, ଆଇନଜୀବୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀମାନେ ଆହ୍ୱାନ କରିଥିବା ବେଳେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବୁଦ୍ଧିଜୀବୀ, ଲୋକ ପ୍ରତିନିଧି, ସାମାଜିକ କର୍ମୀ ଯୋଗଦେଇ ପରିଷଦ ଗଠନ ପ୍ରସ୍ତାବକୁ ସ୍ୱାଗତ କରିବା ସହ ସୁଚିନ୍ତିତ ମତାମତ ରଖିଥିଲେ। ମତାମତକୁ ନେଇ ଏକ ସ୍ମାରକପତ୍ର ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିବା ସହ ଏହାର ଯଥାର୍ଥତା ଏବଂ କେନ୍ଦୁଝର ଜିଲାର ଦାବି ଉପସ୍ଥାପନ କରାଯିବ ବୋଲି ଅନ୍ୟତମ ଆବାହକ ସୁବର୍ଣ୍ଣ ନାୟକ କହିଛନ୍ତି। ମୂଲ୍ୟବାନ ଖଣିଜସମ୍ପଦ ଓ ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଆଜି ମଧ୍ୟ ଅବହେଳିତ। ମାଟି ତଳେ ଓ ଉପରେ ଅପାର ଖଣିଜ ଓ ବନସମ୍ପଦ ରହିଥିବା ବେଳେ ଏବେ ମଧ୍ୟ ଏଠାକାର ଲୋକ ଭୋକଉପାସରେ ରହୁଛନ୍ତି। ଏଣୁ ଏହି ଜିଲାର ବିକାଶ ପାଇଁ ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଜିଲାବାସୀ ଆଶାବାଦୀ ହୋଇପଡ଼ିଛନ୍ତି। ଜିଲାର ୭୦ ପ୍ରତିଶତ ଲୋକେ କୃଷି ଉପରେ ନିର୍ଭର, କିନ୍ତୁ ଅଦ୍ୟାବଧି କୃଷି କ୍ଷେତ୍ରର ବିକାଶ ପାଇଁ କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ। ଏଣୁ ଉତ୍ତର ଓଡିଶା ବିକାଶ ପରିଷଦ ଗଠନ ହେଲେ ଉଭୟ ଜିଲାର ବିକାଶ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଅବହେଳିତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ନେଇ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ନେଇ ୨୦୧୧ ରେ ଉଭୟ ଜିଲାର ବିଧାୟକମାନେ ଲିଖିତ ଦାବି କରିଥିଲେ।

### ୧୦ ଦଫା ଦାବିରେ କଳାବ୍ୟାଜ୍ ପିନ୍ଧିଲେ ସେବିକା

ଚମ୍ପୁଆ,୧୪।୮(ମହେଶ୍ୱର ଦାସ)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସେବିକାମାନେ ୧୦ ଦଫା ଦାବି ନେଇ କଳାବ୍ୟାଜ୍ ପରିଧାନ କରିଛନ୍ତି। ଏ ନେଇ ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ନର୍ସିଂ ଏମ୍ପଲୟ ଆସୋସିଏଶନ ଡାକରାରେ ଆନ୍ଦୋଳନକୁ ଓହ୍ଲାଇଥିବା ସେବିକାମାନେ କଳାବ୍ୟାଜ ପିନ୍ଧିବା ସହିତ କାର୍ଯ୍ୟ କରୁଥିଲେ। ବିଶେଷ ଭାବରେ ନର୍ସିଂ ଅଫିସରଙ୍କ କ୍ଷେତ୍ରରେ ଚୁକ୍ତି ଭିତ୍ତିକ ସମୟକୁ ପୂର୍ଣ୍ଣ କାଳିନ ଚାକିରି ସର୍ତ୍ତାବଳୀରେ ଗଣତି କରି ପ୍ରମୋଶନ, ଅନୁମୋଦନ ଓ ଜାତୀୟ ଇନ୍‌କ୍ରିମେଣ୍ଟ ନିର୍ଦ୍ଧାରଣ କରିବା, ନର୍ସିଂ ଅଫିସରଙ୍କୁ ସିନିୟର ନରସିଂ ଓ ସହକାରୀ ନର୍ସିଂ ଅଧିକାରୀ ଭାବରେ ନିଯୁକ୍ତ, ଚୁକ୍ତି ଭିତ୍ତିକ ନର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା, ନର୍ସିଂ ଅଫିସରମାନେ ନର୍ସିଂ ସର୍ବିସ କ୍ୟାଡରରେ ପ୍ରଶାସନିକ ଅଧିକାରୀ ପଦକୁ ଗଲେ ଡ୍ରେସ କୋଡର ପରିବର୍ତ୍ତନ, ଆଉଟସୋର୍ସିଂ ମାଧ୍ୟମରେ ନର୍ସିଂ ନିଯୁକ୍ତିକୁ ଫେରାଇ ନେବା, ଆଦିବାସୀ ଅଧୁସିତ ଅଞ୍ଚଳଗୁଡ଼ିକରେ ନର୍ସମାନଙ୍କୁ ପ୍ରୋତ୍ସାହନ ଭତ୍ତା ପ୍ରଦାନ କରିବା ଆଦି ଦାବି କରାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ପାଟଣା,୧୪।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡେଣୁଆଁ ଗ୍ରାମରେ ମଙ୍ଗଳବାର ବୁଦ୍ଧଦେବ ଦାସଙ୍କ ସ୍ତ୍ରୀ ନନୀତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ନନୀତାଙ୍କୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ହତ୍ୟା କରି ବାଡ଼ିରେ ଥିବା ବର ଗଛରେ ଝୁଲାଇଥିବା ନନୀତାଙ୍କ ମାଆ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଉକାମ ଗ୍ରାମର ଗୁରୁବାରୀ ବେହେରା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବୁଦ୍ଧଦେବ ଦାସ (୩୦)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୨୩୬/୨୪)ରୁଜୁ ହୋଇଥିବା ଏସ୍‌ଆଇ ରସାନନ୍ଦ ନାୟକ କହିଛନ୍ତି।

# ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର,୧୪।୮(ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. କାମିନୀ କାଜଲ ରାମ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ ଯୋଗଦେଇ ସମାଜକୁ ଉନ୍ନତି ପଥରେ ନେବା ପାଇଁ ସମସ୍ତେ ଜଣେ ଜଣେ ଉପଯୁକ୍ତ ଦାୟାଦ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଡିପିଆଇଏଏସ ବ୍ରହ୍ମପୁର ତଥା ସିଟିଇ ଭଞ୍ଜନଗରର ଅଧକ୍ଷ ବିମଳ ଚରଣ ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ ଯୋଗଦେଇ ବିଭିନ୍ନ ପୁରାଣ, ବେଦ, ଗୀତା ଓ ମହାଭାରତ ଭଳି ଗ୍ରନ୍ଥରୁ ତତ୍ତ୍ୱ ଉଦ୍ଧାର କରି ଛାତ୍ରୀଛାତ୍ରଙ୍କୁ ନୂତନ ଆଲୋକ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବର ଉପଦେଷ୍ଟା ତଥା ସହକାରୀ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ମହାକୁଡ଼, ରାଜେଶ ମହନ୍ତ, ପ୍ରଭାତ ସାହୁ, ଅରବିନ୍ଦ ଦାସ, ବୁଦ୍ଧଦେବ ବେହେରା, ସକ୍ରେଟିସ୍ ମହାପାତ୍ର, ପ୍ରାଧ୍ୟାପିକା ଡ. ସବିତା ଜେନା, ଡ. ଲକ୍ଷ୍ମୀପ୍ରିୟା ମଲ୍ଲ, ମାୟାବିନି ଦାସ, ଅଭୟ ମୁଦୁଲି, ନିରୁପମା ସୁଧାରାଣୀ ପ୍ରମୁଖ ପରିଚାଳନା କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୭୮ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ସକାଳ ୭ଟା ୩୦।
- ସେଣ୍ଟ ଜୋସେଫ ହାଇସ୍କୁଲର ନୂତନ ବିଲ୍ଡିଂର ଉଦ୍‌ଘାଟନୀ, ସ୍ଥାନ: ଭରତପୁର, ସମୟ: ସକାଳ ୯ଟା ୩୦।
- ଜିସୋଲ ପକ୍ଷରୁ ମେଧା ଅନ୍ୱେଷଣ ପରୀକ୍ଷାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନହରକଣ୍ଟା–ହରିଦାସପୁରସ୍ଥିତ ଜିସୋଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀ, ସ୍ଥାନ: ବକ୍ସିବଜାରସ୍ଥିତ ପାଛ ନିବାସ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ସତ୍ୟବାଦୀ ବ୍ଲକସ୍ତରୀୟ ସ୍ୱାଧନତା ଦିବସ ପାଳନ ସମାରୋହ, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସମୟ: ସକାଳ ୮ଟା।
- ସାକ୍ଷୀଗୋପାଳଙ୍କ ଝୁଲଣ ଯାତ୍ରା ଆରମ୍ଭ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା
- ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପରିକ୍ରମା, ସ୍ଥାନ: ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଭୋର ୪ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ପୌରାଞ୍ଚଳରେ ଫଟୋଚିତ୍ର ମାଲାର୍ପଣ, ସ୍ଥାନ: ପଲା ଛକ, ସମୟ: ସକାଳ ୭ଟା।
- ଜିଲା ପ୍ରେସ୍‌କ୍ଲବ ପକ୍ଷରୁ ପତାକା ଉତ୍ତୋଳନ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୭ଟା ୩୦।
- ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ୭୮ତମ ମଣ୍ଡଳସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ରେଲ୍‌ୱେ ଫୁଟ୍‌ବଲ ଖେଳପଡ଼ିଆ, ଲୋକକଲୋନୀ, ଜଟଣୀ, ସମୟ: ସକାଳ ୮ଟା ୪୫।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଓ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଏବଂ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଗୋଲେଇ, ଔପଦା, ସମୟ: ସକାଳ ୮ଟା।
- ବିଧାୟକଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ବଡ଼ ବଜାର, ଜଳେଶ୍ୱର, ସମୟ: ସକାଳ ୮ଟା।
- ସ୍ୱାଧୀନତା ଦିବସ ପାଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ପରିସର, ବାଲିଆପାଳ, ସମୟ: ସକାଳ ୮ଟା।
- ବିଧାୟିକାଙ୍କ ଦ୍ୱାରା ପତାକା ଉତ୍ତୋଳନ ଓ ସଭା, ସ୍ଥାନ: କାଳିଝାଟି ପଡ଼ିଆ, ଲଙ୍ଗଳେଶ୍ୱର, ସମୟ: ସକାଳ ୮ଟା।
- ଅସ୍ତି ପଞ୍ଚାୟତରେ ପତାକା ଉତ୍ତୋଳନ, ସ୍ଥାନ: ଅସ୍ତି ପଞ୍ଚାୟତ ଅଫିସ, ବାଲିଆପାଳ, ସମୟ: ସକାଳ ୮ଟା।
- ଜନନୀ ଟ୍ରଷ୍ଟ ପକ୍ଷରୁ ପତାକା ଉତ୍ତୋଳନ, ସ୍ଥାନ: କୁଣ୍ଡୁଳି ହାଟ, ବାଲିଆପାଳ, ସମୟ: ସକାଳ ୮ଟା।
- ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ଅଦାଲତ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ବ୍ଲକସ୍ତରୀୟ ପରେଡ୍ ପ୍ରତିଯୋଗିତା ଓ ପତାକା ଉତ୍ତୋଳନ, ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ସକାଳ ୯ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଦେଉଳାହାଟ ମାଛ ମାର୍କେଟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ପ୍ରସ୍ତୁତି ବୈଠକ, ସ୍ଥାନ: ଖଇରା ମହାବିଦ୍ୟାଳୟ ସଭାଗୃହ, ଖଇରା, ସମୟ: ଅପରାହ୍ନ ୨ଟା ୩୦।
- ସ୍ୱାଧୀନତା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସାଧାରଣ ସଭା, ସ୍ଥାନ: ମନ୍ଦାରସାହି ପଞ୍ଚାୟତ ପରିସର, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ସ୍ୱାଧୀନତା ଦିବସରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଭଦ୍ରକ ପୌରାଞ୍ଚଳ, ସମୟ: ସକାଳ ୭ଟା।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ମାଇକ୍ରୋୱେଭ୍ ଟେକ୍ନୋଲୋଜି, କଲେଜ ରୋଡ୍, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଓ ଜାତୀୟ ପତାକା ଉତ୍ତୋଳନ, ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସକାଳ ୯ଟା ୧୫।
- ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ପୀରହାଟ କାନପୁରଠାରୁ ତିହିଡ଼ି ପୁରୁଣାହାଟ, ସମୟ: ପୂର୍ବାହ୍ନ ୧୦ଟା।
- ଫଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୫୦।
- ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସକାଳ ୭ ଟା ୩୦।
- ସ୍ଥାନ: ବଡବିଲ ବାର ଆସୋସିଏସନ, ସମୟ: ସକା ୮ ଟା।
- ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ, ସମୟ: ସକାଳ ୮ ଟା ୧୫।
- ସ୍ଥାନ: ବଡବିଲ ପ୍ରେସ କ୍ଲବ୍, ସମୟ: ସକାଳ ୮ ଟା ୩୦।
- ସ୍ଥାନ: ବିକାଶ ମହଲ, ସମୟ: ସକାଳ ୯ଟା।
- ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମ (ହଜାରେ ଗଛ ଲଗାଇବା କାର୍ଯ୍ୟକ୍ରମ)ର ଶୁଭାରମ୍ଭ, ସ୍ଥାନ: ଆନନ୍ଦପୁର ବ୍ୟାରେଜ, ସମୟ : ସକାଳ ୯ଟା

## ମୟୂରଭଞ୍ଜ
- ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ, ସ୍ଥାନ: ବାରିପଦା ସହର, ସମୟ: ସକାଳ ୫ଟା।
- ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସରେ ପ୍ରଭାତଫେରୀ, ସ୍ଥାନ: ବାରିପଦା ସହର, ସମୟ: ସକାଳ ୭ଟା ୩୦।
- ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ବାରିପଦା ସହର, ସମୟ: ସକାଳ ୮ଟା।
- ୭୮ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ:ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ରୁରାଲ ଏକାଡେମୀ, ସରସ୍ୱତୀ ଶିଶୁ ମନ୍ଦିର, ପଞ୍ଚାୟତ କାର୍ଯ୍ୟାଳୟ ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସମାରୋହ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାରିପଦା,ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସମାରୋହ, ସ୍ଥାନ: ମଧ ଇଂରାଜୀ ବିଦ୍ୟାଳୟ ପଡ଼ିଆ, ବଡ଼ସାହି,ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ପତାକା ଉତ୍ତୋଳନ ଓ ପ୍ରଭାତଫେରୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ ସମୟ: ସକାଳ ୯ଟା।
- କପ୍ତିପଦା–ଉଦଳା ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ,ସ୍ଥାନ:ଉଦଳା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ,ସମୟ:ସକାଳ ୯ଟା୧୫।
- ବାମନଘାଟି ଉପଖଣ୍ଡସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ସମାରୋହ,ସ୍ଥାନ: କଚେରି ପଡ଼ିଆ, ରାଇରଙ୍ଗପୁର, ସମୟ: ସକାଳ ୯ଟା୧୫।
- ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟରେ ଫଳ ଓ ବିସ୍କୁଟ ବଣ୍ଟନ, ସ୍ଥାନ:ଲକ୍ଷ୍ମୀପୋଷି ବାରିପଦା, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜରୁରୀକାଳୀନ ଅଧିକାରୀଙ୍କ ପକ୍ଷରୁ ଫଳ ଓ ବିସ୍କୁଟ ପ୍ରଦାନ, ସ୍ଥାନ:ଉତ୍କଳ ବାଳାଶ୍ରମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା୩୦।
- ଇନରହ୍ୱିଲ କ୍ଲବ ପକ୍ଷରୁ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖବରଦାତା ସରୋଜ ଦାଶଙ୍କ ଦଶାହ କ୍ରିୟା, ସ୍ଥାନ: ଛେଳିଆ(କ) ବଡ଼ସାହି ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିଶ୍ରୁତି ଅନୁଷ୍ଠାନ ପକ୍ଷରୁ କବି ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୨ଟା।
- ପୋଲିସ ପ୍ରଶାସନ ଓ ମା' କୀଚକେଶ୍ୱରୀ ଭଲିବଲ ଏକାଡେମୀ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ୍, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୩ଟା।
- ଜିଲାପାଳ ଏକାଦଶ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାରିପଦା ସମୟ: ଅପରାହ୍ନ ୩ଟା।
- କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ନିୟୁ ରାଜସ୍ଥାନୀ କଟନ ଫେବ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ବ୍ରହ୍ମପୁର
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ,ସମୟ: ସକାଳ ୭ଟା ୩୦।
- ୭୮ତମ ସ୍ୱାଧୀନତା ଦିବସ ମହୋତ୍ସବ,ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ,ସମୟ:ସକାଳ ୯ଟା ୧୫।
- ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଖୋଡାସିଙ୍ଗି,ସମୟ: ଅପରାହ୍ନ ୪ଟା।
- କୃଷକ ସମ୍ମାନ ଉତ୍ସବ, ସ୍ଥାନ:ଉଚ୍ଚ ବିଦ୍ୟାଳୟ ଆଙ୍କୁଲି, ବ୍ରହ୍ମପୁର, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ବୁଗୁଡ଼ା ଏନଏସି ପରିସର,
- ପଞ୍ଚାୟତ ସମିତି ପରିସର, ସମୟ:ସକାଳ ୭ଟା ୩୦ ମି, ୮ଟା।
- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ ଆସିକା ବ୍ଲକ କେ. ରାଇସିଂପୁର, ସମୟ: ସକାଳ ୯ଟା।
- ସହରସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଆସିକା ହରିହର ହାଇସ୍କୁଲ ମିନିଷ୍ଟାଡିୟମ, ସମୟ: ସକାଳ ୯ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଭାରତୀ ବିଦ୍ୟାପୀଠ, ଗଞ୍ଜାମ, ସମୟ:ପୂର୍ବାହ୍ନ ୧୦ଟା।

## ଗଜପତି
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ:ମୋହନା ହାଇସ୍କୁଲ ପଡିଆ, ସମୟ: ସକାଳ ୧୦ଟା।

## ଢେଙ୍କାନାଳ
- ୭୮ତମ ସ୍ୱାଧୀନତା ଦିବସ, ସ୍ଥାନ: ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫ମିନିଟ୍।
- ପ୍ରୟାସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସକାଳ ୯ଟା।

## ଅନୁଗୋଳ
- ଉପଖଣ୍ଡସ୍ତରୀୟ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ। ସମୟ: ସକାଳ ୯ଟା ୧୫।

## ଜଗତ୍‌ସିଂହପୁର
- ପରିବେଶ ସୁରକ୍ଷା ସମାବେଶ, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ ଶିଆଳି ସମୁଦ୍ର ବେଳାଭୂମି, ସମୟ: ଅପରାହ୍ନ ୪ ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା ୧୫।
- ମା'ବୁଢ଼ୀ ସାଆନ୍ତାଣୀ ବୋଲବମ୍ ସଂଘ ପକ୍ଷରୁ କାଶି ବିଶ୍ୱନାଥ ପଦଯାତ୍ରା, ସ୍ଥାନ: ଅଠରବାଟିଆ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ:ସକାଳ ୮ଟା।

## ଯାଜପୁର
- ଜାରକା ରୋଟାରି କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଫ୍ଲାଇ ଓଭରବ୍ରିଜ ତଳ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ମେଲଣ ପଡ଼ିଆ, ସମୟ: ସକାଳ ୯ଟା୧୫।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ,ସ୍ଥାନ: ଯାଜପୁର ଟାଉନ କୁସୁମା ସମ୍ମୁଖସ୍ଥିତ ପଡ଼ିଆ, ସମୟ: ସକାଳ ୯ଟା୧୫।
- ଆହ୍ୱାନ ପକ୍ଷରୁ ନାଟକ 'ବାଜି ରାଉତ' ମଞ୍ଚସ୍ଥ, ସ୍ଥାନ: ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନ ପରିସର, ସମୟ: ସନ୍ଧ୍ୟା ୭ଟା୩୦।
- ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ , ସ୍ଥାନ: କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା୩୦ ।
- ସ୍ୱାଧୀନତା ଦିବସ ପାଳନ, ମିଳିତ ପରେଡରେ ଅଭିବାଦନ ଗ୍ରହଣ, ସ୍ଥାନ: ରାଜୀବ ଗାନ୍ଧୀ ଷ୍ଟାଡ଼ିୟମ, ସମୟ:ସକାଳ ୯ଟା।

## ନୟାଗଡ଼
- ଜାତୀୟ ପତାକା ବିତରଣ ମେଳା, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତର ସରପୋଖରୀ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ:ପିଟିଏସ୍ ପଡ଼ିଆ, ନୟାଗଡ଼, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ରୋଟାରୀ କ୍ଲବ ଓ ବ୍ଲଡ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଓ ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ, ସମୟ: ପୂର୍ବାହ୍ନ ୧୧.୧୫।
- ଜିଲା କାରଗାର ଅନ୍ତେବାସିନୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ:ଖୁଣ୍ଟୁବନ୍ଧ ଜିଲା କାରାଗାର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ:ନୟାଗଡ଼ ଜିଲାର ବିଭିନ୍ନ କାର୍ଯ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା।

## ରାୟଗଡ଼ା
- ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ରାୟଗଡା,ସମୟ: ସକାଳ ୯ଟା ୧୫।
- ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ହର ଘର ତ୍ରିରଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର
- ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ, ସ୍ଥାନ: ନବରଙ୍ଗପୁର, ସମୟ:ସକାଳ ୭ଟା।
- ଜାତୀୟ ପତାକା ଉତ୍ତୋଳନ, ଭଉା ବଣ୍ଟନ, ସ୍ଥାନ: ଝରିଗାଁ ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୭ଟା।
- ୭୮ ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୯ଟା ୧୫।
- କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ ଓ ଫଳ ବଣ୍ଟନ, ସ୍ଥାନ: ନବରଙ୍ଗପୁରସ୍ଥିତ ଉପକାରଗାର, ସମୟ: ପୂର୍ବାହ୍ନ ୧୧ଟା।
- ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁରସ୍ଥିତ ସାଇ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ସକାଳ ୯ଟା ୧୫ ।
- ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: କୋରାପୁଟ ଓଏମ୍‌ପି ପଡିଆ, ସମୟ: ଅପରାହ୍ନ ୨ଟା ୩୦।

## ସମ୍ବଲପୁର
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ, ସ୍ଥାନ : କଚେରି ରୋଡ, ସମୟ : ସକାଳ ୯ଟା ।
- ରକ୍ତଦାନ ଶିବର, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୯ ଟା ୩୦ ।
- ଇଦ୍‌ଗାହ କମିଟି ପକ୍ଷରୁ ସ୍ୱାଧୀନତା ଦିବସ, ସ୍ଥାନ: ସାକ୍ଷୀପଡା ଇଦଗାହ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କଲମ ପରିବାର ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ।

## ବଲାଙ୍ଗୀର
- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର ,ସମୟ: ସକାଳ ୭ଟା।
- ୭୮ତମ ସ୍ୱାଧୀନତା ଦିବସ ପାଳନ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ବଲାଙ୍ଗୀର,ସମୟ: ୭ଟା ୪୫ ମିନିଟ।
- ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ମନୋହରପୁର, ବଲାଙ୍ଗୀର, ସମୟ: ସକାଳ ୯ଟା ୧୫ ମିନିଟ।
- ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ, ମଲମଣ୍ଡା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଏକାଦଶ ବନାମ ସାମ୍ବାଦିକ ଏକାଦଶ ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ସ୍ଥାନ: ଟାଉନ୍ ବାଳକ ହାଇସ୍କୁଲ ପଡିଆ, ବଲାଙ୍ଗୀର,ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ବେଦବ୍ୟାସ କଲେଜରେ ସ୍ୱାଧୀନତା ଦିବସ ପାଳନ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ନେଇ ବିବିଧ କାର୍ଯ୍ୟକ୍ରମ,ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଏସ୍‌ପି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅଞ୍ଚଳ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ସକାଳ ୬ଟା ୩୦।
- ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ ଅଫିସ, ସମୟ: ସକାଳ ୭ଟା ୩୦।
- ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ହାଇସ୍କୁଲ ପଡ଼ିଆ, ପାଇକମାଳ, ସମୟ: ସକାଳ ୮ଟା ୩୦।
- ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ, ସ୍ଥାନ: ବୀର ଛକ, ବରଗଡ଼, ସମୟ: ସକାଳ ୮ଟା ୪୦।
- ଟ୍ରକ ମାଲିକ ସଂଘ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଅଗ୍ରସେନ ଭବନ, ଅତାବିରା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା ୧୫।
- ଅଙ୍ଗନଦୀ ପ୍ରତିରୋଧ କମିଟିର ପ୍ରତିଷ୍ଠା ଦିବସ, ସ୍ଥାନ: ଲଖମରା, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜନକଲ୍ୟାଣ ସେବାଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଗୋପାଳପୁର ଆଶ୍ରମ ବିଦ୍ୟାଳୟ, ଗୋପାଳପୁର, ଭଟଲି, ସମୟ: ମଧ୍ୟାହ୍ନ ୧୨ଟା।
- ନାଟକ ଭୂତିଆର୍ ହତିଆର୍ ପ୍ରଦର୍ଶନ, ସ୍ଥାନ: ସୌଖିନ କଳାକାର ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଲାଞ୍ଜିଗଡ ବ୍ଲକ ପ୍ରଶାସନର ୭୮ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ହାଇସ୍କୁଲ ଖେଳପଡିଆ ପରିସର ବିଶ୍ୱନାଥପୁର, ସମୟ: ସକାଳ ୮ଟା।
- ୭୮ତମ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଲାଞ୍ଜିଗଡ ଗ୍ରାମ ପଞ୍ଚାୟତ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ–ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା ୧୫।
- ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ, ସ୍ଥାନ: ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା
- ସ୍ୱାଧୀନତା ଦିବସ ଉପଲକ୍ଷେ କୁବେର ଯୁବ ସଙ୍ଗଠନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସଂସ୍କୃତି ଭବନ ଜୁନାଗଡ, ସମୟ: ସକାଳ ୮ଟା।

## ବୌଦ୍ଧ
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ରଘୁନାଥ ମନ୍ଦିର, ବୌଦ୍ଧ, ସମୟ : ସକାଳ ୮ଟା ।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ସ୍ଥାନ: ଷ୍ଟାଡିୟମ ପଡିଆ, ବୌଦ୍ଧ, ସମୟ: ସକାଳ ୯ଟା ୧୫ ମିନିଟ।

## ଦେବଗଡ଼
- ପ୍ରଭାତଫେରି ଶୋଭାଯାତ୍ରା, ସ୍ଥାନ: ଦେବଗଡ ସହର, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପରିବାର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସରକାରୀ ଡାକ୍ତରଖାନା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ, ସମୟ: ସକାଳ ୯ଟା ୧୫।
- ଉପ କାରାଗାର ଅନ୍ତବାସୀଙ୍କୁ ମିଷ୍ଟା ବଣ୍ଟନ, ସ୍ଥାନ: ଉପ କାରାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ସରକାରୀ ହସ୍ପିଟାଲ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ ଉତ୍ସବ, ସ୍ଥାନ: ସଂସ୍କୃତ ଭବନ, ଦେବଗଡ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ ୧୧ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ବିଡିଓ ଅଫିସ ନିକଟ ସଂଗ୍ରାମୀ ମଣ୍ଡପ, ସମୟ: ସକାଳ ୮ଟା।
- ୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା ୧୫।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭେଟେରାନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ସୁବଳୟା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟାରମ୍ଭ, ମନୋରଞ୍ଜନ କାର୍ଯ୍ୟକ୍ରମ କରିପାରନ୍ତି। ପାରିବାରିକ ସଦ୍‌ଭାବରୁ ଖୁସି ରହିବେ ଏବଂ ସକାଳୁ ପୂର୍ବ ନିର୍ଦ୍ଧାରିତ କାମ ପାଇଁ ସଜବାଜ ହେବେ। ପ୍ରାଥମିକ ଅବସ୍ଥାରେ ସମସ୍ୟା ଓ ପ୍ରତିବନ୍ଧକ ଦେଖାଦେଲେ ମଧ ପରେ ସବୁ ଠିକ୍ ହୋଇଯିବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ କରିପାରନ୍ତି।

**ବୃଷ** ଘରୋଇ କାମରେ ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହେବେ। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। କର୍ମଜଞ୍ଜାଳ ବୃଦ୍ଧି ଯୋଗୁ ଘରୋଇ କାମ ଅଧୁରା ରହିଯିବ। ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ବାଣିଜ୍ୟ, ପରିବହନ ଏବଂ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ବନ୍ଧୁମାନେ ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। ଜମା ଭଲ ପଡୁ ନ ଥିବା ବ୍ୟକ୍ତିଙ୍କ ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଫିସରେ ପରସ୍ପର ଗୋଡ଼ଟଣାଟଣି ହେତୁ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ ବିଶେଷ କିଛି ଗୋଳମାଳିଆ ପରିସ୍ଥିତି ଦେଖା ଦେବ ନାହିଁ।

**କର୍କଟ** ଚେଷ୍ଟା କରୁଥିବା କାମଗୁଡ଼ିକ ସୁରୁଖୁରୁରେ ହୋଇଯିବା କାରଣରୁ ଆଶ୍ୱସ୍ତିଲାଭ କରିବେ। ବୟସ୍କ ବ୍ୟକ୍ତିଙ୍କ ପରାମର୍ଶରୁ ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇବେ। ପାପଗ୍ରହ ପ୍ରଭାବରୁ ଦୈହିକ ଦୁର୍ବଳତାଜନିତ ମନୋବଳ କମିଯିବ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବ୍ୟବସାୟ ଓ ପରିବହନରେ ଲାଭ ମିଳିବ।

**ସିଂହ** ଆଜି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ।

**କନ୍ୟା** ଆଜି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଧରି ସ୍ଥିର ରହିପାରିବେ ନାହିଁ। ଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ ଦିଗ କିଛି ଯୋଡ଼ିବା ସକାଶେ ଚିନ୍ତା କରିବେ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବାକୁ ପଡ଼ିପାରେ।

**ତୁଳା** ଆଜିର ଯାତ୍ରାରେ ଯେଉଁ କାମରେ ଯାଉଛନ୍ତି, ସେଥିରେ ଅସୁବିଧା ହେବ ନାହିଁ। ଆଜି କାମ ହାସଲ କରି ଯେତିକି ଖୁସି ହେବେ ପରିବାରରେ ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁମାନେ ଫାଇଦା ହାସଲ ସକାଶେ ଯୋଜନା କରିପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ବହୁତ ଝଡ଼ଝଞ୍ଜା ମଧ ଦେଇ କାମ ହାସଲ କରିବେ। ପାରସ୍ପରିକ ସହମତିରେ କାମ କରିଚାଲିଲେ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ କ୍ଷତି ହେବନି। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ଧନୁ** ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି ଏଣୁ ସତର୍କରେ ଚଳିବା ଭଲ ହେବ। ଅପରାହ୍ନ ସମୟରେ ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ। ସଭାସମିତି, କ୍ରୀଡ଼ା, ବକ୍ତୃତା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିପାରିବେ।

**ମକର** ସକାଳୁ ସକାଳୁ ବନ୍ଧୁଙ୍କ ଡାକରା ଆପଣଙ୍କୁ ବିଚଳିତ କରାଇପାରେ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିଯିବ। ଅତି ଭଲ ସମ୍ପର୍କ ଥିଲେ ମଧ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଋଣ ପରିଶୋଧଜନିତ ଦୁଶ୍ଚିନ୍ତା ସାଙ୍ଗକୁ ଅପଦସ୍ଥ ମଧ ହେବାକୁ ପଡ଼ିପାରେ।

**କୁମ୍ଭ** ଆଜି କାମରେ ସଫଳତା, ବିବାଦରେ ବିଜୟ, ପ୍ରତିଯୋଗିତାରେ ଅଗ୍ରଣୀ ପୂର୍ବକ ସୁନାମ ଅର୍ଜନ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକରେ ସୁଫଳ ପାଇବେ। ଆଶା କରି ନ ଥିବା କୌଣସି ଅଚାନକ ଶୁଭଖବର ପାଇ ଖୁସି ହୋଇପାରନ୍ତି। ପିଲାଙ୍କ ପଢ଼ା ସମସ୍ୟା ଚିନ୍ତା ବଢ଼ାଇପାରେ।

**ମୀନ** ପାରିବାରିକ କ୍ଷେତ୍ରରେ ସଦ୍‌ଭାବ କ୍ରମଶଃ ବୃଦ୍ଧି ପାଇବ ମାତ୍ର ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ କିନ୍ତୁ କ୍ଷତିର ଭରଣା କରିପାରିବେ। ନୂତନ ବସ୍ତ୍ର, ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆଜିର ଯାତ୍ରା, ବନ୍ଧୁମିଳନ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଏବଂ ପ୍ରଶଂସା, ପ୍ରୋତ୍ସାହନରୁ ଖୁସି ରହିବେ।

ଆଜି ସ୍ୱାଧୀନତା ଦିବସ, ଅଗଷ୍ଟ ୧୫ ତାରିଖ, ଶ୍ରୀଅରବିନ୍ଦ ଜୟନ୍ତୀ, ଶ୍ରାବଣ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସୁଦଶା ବ୍ରତ, ମାସନ୍ତ, ଦିବା ୧୨।୫୧ ପର୍ଯ୍ୟନ୍ତ, ଜ୍ୟେଷ୍ଠା/ବିଛା,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୩୦ ଗତେ ଘ.୦୭।୧୨ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୬ ଗତେ ଘ.୦୩।୦୧ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ଗଣବଳାତ୍କାର...

ଏକ ଟିମ୍ କୋଲକାତା ପହଞ୍ଚିଛି। ଏହି ଟିମ୍‌ରେ ଡାକ୍ତରୀ ଏବଂ ଫରେନ୍ସିକ ବିଶେଷଜ୍ଞ ମଧ ସାମିଲ ଅଛନ୍ତି। ସିବିଆଇ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି ମାମଲାରେ ସିବିଆଇ ଅଧିକାରୀମାନଙ୍କୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପ୍ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲ୍ସର ସେମିନାର ହଲ୍ ଗସ୍ତ କରିବେ ଯେଉଁଠାରେ ଟ୍ରେନି ଡାକ୍ତରଙ୍କ ମୃତଦେହ ଜବତ ହୋଇଥିଲା। ଉକ୍ତ ରାତିରେ ଡ୍ୟୁଟିରେ ଥିବା ବ୍ୟକ୍ତି, ଡାକ୍ତର ଓ ମାମଲାରେ ସାକ୍ଷୀଙ୍କର ବୟାନ ରେକର୍ଡ ଏହି ଟିମ୍ କରିବ। ଆଉ ଏକ ଗ୍ରୁପ୍ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମେଡିକାଲ ଟେଷ୍ଟ କରାଇ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ବିଚାରବିଭାଗୀୟ ହାଜତରେ ନେବାକୁ ଆବେଦନ କରିବ। ସେହିପରି ତୃତୀୟ ଗ୍ରୁପ୍ କୋଲକତା ପୋଲିସ ସହ ସମନ୍ୱୟ ରକ୍ଷା କରି ତଦନ୍ତ ପ୍ରକ୍ରିୟା ଚଳାଇବ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଆର୍.ଜି. କର ମେଡିକାଲ କଲେଜର ସେମିନାର ହଲ୍‌ରୁ ଜଣେ ୩୧ ବର୍ଷୀୟା ମହିଳା ଟ୍ରେନି ଡାକ୍ତରଙ୍କ ଅର୍ଦ୍ଧନଗ୍ନ ମୃତଦେହକୁ କୋଲକାତା ପୋଲିସ ଜବତ କରିଥିଲା। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ଜଣାପଡ଼ିବା ପରେ ସାରା ଦେଶରେ ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର ଦୃଢ଼ ପ୍ରତିବାଦ କରି ଆନ୍ଦୋଳନ ଓହ୍ଲାଉଛନ୍ତି।

### ଭିନେଶଙ୍କ ଆବେଦନ ...

ରୌପ୍ୟ ପଦକ ପାଇଁ ଭିନେଶ ଦାବି ଉପସ୍ଥାପନ କରିଥିଲେ। ୩ ଥରର ଶୁଣାଣି ପରେ କାସ୍ ୧୬ ତାରିଖରେ ଏହାର ନିଷ୍ପତ୍ତି ଶୁଣାଇବା ନେଇ ତାରିଖ ଧାର୍ଯ୍ୟ କରିଥିଲା। ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ) ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) ପକ୍ଷରୁ ଭିନେଶଙ୍କ ଅପିଲକୁ ବିରୋଧ କରାଯାଇଥିଲା। ଡ. ଆନାବେଲ ବେନେଟଙ୍କୁ ଏହି ମାମଲାର ଏକମାତ୍ର ଆର୍ବିଟର ନିଯୁକ୍ତ କରାଯାଇଥିଲା। ଫ୍ରେଞ୍ଚ ପ୍ରୋ ବୋନୋ ଓକିଲମାନେ ପ୍ରଥମେ ଏହି ମାମଲା ପରିଚାଳନା କରୁଥିବା ବେଳେ ପରବର୍ତ୍ତୀ ସମୟରେ ବରିଷ୍ଠ ଓକିଲ ହରିଶ ସାଲଭେ ଓ ବିଦୁଶପ୍ତ ସିଂଘାନିଆ ଭିନେଶଙ୍କ ପ୍ରତିନିଧିତ୍ୱ କରିଥିଲେ।




# ଏମ୍ସ ଭୁବନେଶ୍ୱର ରାଜ୍ୟର ଶ୍ରେଷ୍ଠ ମେଡିକାଲ କଲେଜ

**ଭୁବନେଶ୍ୱର, ୧୪।୮ (ଅସମାପିକା ସାହୁ)**

ରାଜ୍ୟ ତଥା ସମଗ୍ର ପୂର୍ବ ଭାରତ ପାଇଁ ପୁଣିଥରେ ଗୌରବ ଆଣିଦେଇଛି ଏମ୍ସ ଭୁବନେଶ୍ୱର। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ତାଲିକା(ଏନ୍ଆଇଆର୍ଏଫ୍)ରେ ଏମ୍ସ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ୧୫ତମ ସ୍ଥାନ ମିଳିଛି। ଏଥିସହିତ ରାଜ୍ୟର ଶ୍ରେଷ୍ଠ ମେଡିକାଲ କଲେଜର ମାନ୍ୟତା ପାଇଛି। ଗତବର୍ଷ ଏହି ଜାତୀୟ ଅନୁଷ୍ଠାନ ଏନ୍ଆଇଆର୍ଏଫ୍ ତାଲିକାରେ ଦେଶର ୧୭ତମ ସ୍ଥାନରେ ଥିଲା। ତେବେ ୨୦୨୨ରେ

## ଏନ୍ଆଇଆର୍ଏଫ୍ ୨୦୨୪

୨୬ତମ ସ୍ଥାନ ହାସଲ କରିଥିବା ଏହି ଅନୁଷ୍ଠାନ ମାତ୍ର ଦୁଇବର୍ଷ ମଧ୍ୟରେ ୧୧ ସୋପାନ ଉପରକୁ ଉଠି ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ତଥା ଏମ୍ସ ପରିବାରର ସଦସ୍ୟଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ତଥା କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ରୋଗୀ ସେବା, ଗବେଷଣା ଏବଂ ଶିକ୍ଷାର ସାମଗ୍ରିକ ବିକାଶରେ ଏହି ଅନୁଷ୍ଠାନ ଉତ୍କର୍ଷର ନିରନ୍ତର ଅନୁସରଣ ଜାରି ରଖିବ ବୋଲି ଡା. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶିକ୍ଷାଦାନ, ଶିକ୍ଷା ଏବଂ ସମ୍ବଳ(ଟିଏଲ୍ଆର୍), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ(ଆର୍‌ପି), ସ୍ନାତକୋତ୍ତର ଫଳାଫଳ (ଜିଓ), ଆଉଟରିଚ୍ ଏବଂ ଇନ୍‌କ୍ଲୁସିଭିଟି (ଓଆଇ) ଏବଂ ପିଅର ପର୍‌ସେପସନ୍(ପିପି) ଭଳି ୫ଟି ମାପଦଣ୍ଡକୁ ଭିତ୍ତିକରି ଏହି ମାନ୍ୟତା ତାଲିକା ପ୍ରସ୍ତୁତ କରାଯାଇଛି। ଏକାଡେମିକ ଓ ବୃତ୍ତିଗତ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏମ୍ସ ଭୁବନେଶ୍ୱର ଚଳିତବର୍ଷ ୧୦୦ରୁ ୬୨.୯୭ ସ୍କୋର କରିଛି।

# ସୋର ଯୁବକଙ୍କୁ ପୁରୀରେ ହତ୍ୟା

- ବେଳାଭୂମିରୁ ମିଳିଲା କ୍ଷତାକ୍ତ ମୃତଦେହ
- ପୋଲିସ କହିଲା ଦୁର୍ଦ୍ଧାନ୍ତ ଅପରାଧୀ ଥିଲେ

**ପୁରୀ, ୧୪।୮ (ଅଜିତ୍ କୁମାର ମହାନ୍ତି)**

ପୁରୀରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। କିଛିଦିନ ତଳେ ଟାଉନ ଥାନା ଅଞ୍ଚଳରେ ଖଜା ବ୍ୟବସାୟକୁ ନେଇ ଜଣେ ଦୋକାନୀଙ୍କୁ ହତ୍ୟା କରାଯାଇଥିବବେଳେ ବୁଧବାର ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ ହାଉସ ନିକଟ ବେଳାଭୂମିରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ମୃତକ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ରମାକାନ୍ତ ଦାସଙ୍କ ପୁଅ ପ୍ରହ୍ଲାଦ ଦାସ। ଦୁର୍ବୃତ୍ତମାନେ ପ୍ରହ୍ଲାଦଙ୍କ ମୁଣ୍ଡ, ବାମପାର୍ଶ୍ୱ ଆଖି ଓ କାନକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ଲାଇଟ ହାଉସ୍ ନିକଟ ବେଳାଭୂମିରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିଲା। ବଳିଆପଣ୍ଡା ଥାନା ପୋଲିସ ସହ ସମୁଦ୍ରକୂଳ ଥାନା ଓ ଟାଉନ ଥାନା ପୋଲିସ, ସଦର ଏସ୍‌ଡିପିଓ ଏବଂ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଥିଲେ। ସେହିପରି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ତେବେ ସମୁଦ୍ରକୂଳରେ ହତ୍ୟା କରାଯାଇଛି ନା ହତ୍ୟା ପରେ ମୃତଦେହ ଆଣି ଏଠାରେ ଫିଙ୍ଗାଯାଇଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ମୃତ ଯୁବକଙ୍କ ନିକଟରୁ ଏଟିଏମ୍ ସହ ଯାହା ସବୁ ମିଳିଛି ତାହାକୁ ନେଇ ତଦନ୍ତ କରାଯାଉଛି। ପୋଲିସ ପକ୍ଷରୁ ମୃତକଙ୍କ ପରିବାରକୁ ଖବର ଦିଆଯାଇଛି। ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ମିଶ୍ର କହିଛନ୍ତି। ସେହିପରି ବଳିଆପଣ୍ଡା ଥାନା ଅଧିକାରୀ ବବିତା ନାୟକ କହିଛନ୍ତି, ମୃତକଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ସେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଥିଲେ ବୋଲି ଜଣାପଡ଼ିଛି। ପୋଲିସ ପକ୍ଷରୁ ମୃତଦେହ ଜବତ କରାଯିବା ସହ ଏକ କେସ୍ (ନଂ. ୧୬୮/୨୪) ରୁଜୁ କରାଯାଇଛି।

# ପାଣ୍ଡିଆନ୍‌ଙ୍କ ବିରୋଧରେ ଏତଲା

**ଭୁବନେଶ୍ୱର, ୧୪।୮ (ସତ୍ୟଜିତ୍ ରାଉତ)**

ଭିକେ ପାଣ୍ଡିଆନ ରାଜ୍ୟ ସାରା ହେଲିକ୍ୟାପ୍ଟରରେ ବୁଲିବା, ସଭା କରି ବିପୁଳ ଟଙ୍କା ଖର୍ଚ୍ଚ କରିଛନ୍ତି। ଏନେଇ ପାଣ୍ଡିଆନଙ୍କ ବିରୋଧରେ କ୍ୟାପିଟାଲ୍ ଥାନାରେ ଅଭିଯୋଗ ହୋଇଛି। ଆଇନଜୀବୀ ସୁଧୀର ଚରଣ ମହାନ୍ତି ପାଣ୍ଡିଆଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସଭା ଆୟୋଜନରେ ସହଯୋଗ କରିଥିବା ସମସ୍ତ ଜିଲାପାଳଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ପାଣ୍ଡିଆନ୍ ରାଜ୍ୟସାରା ବୈଠକ କରୁଥିଲେ। ହେଲିକ୍ୟାପ୍ଟରରେ ବୁଲିବା, ଲୋକଙ୍କୁ ଖାଇବା ଦେବା ସହ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଯେତେ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା, ତାହା ସରକାରଙ୍କ ପାଖରେ ହିସାବ ନାହିଁ। ରାଜ୍ୟରୁ ବହୁ ହଜାର କୋଟି ଟଙ୍କା ପାଣ୍ଡିଆନଙ୍କ ଜରିଆରେ ଲୁଣ୍ଠନ କରିଥିବା ଖଣି ମାଫିଆ ଓ ବାହାର ରାଜ୍ୟର କଣ୍ଟ୍ରାକ୍ଟରମାନ ଏହି ଖର୍ଚ୍ଚ କରିଥିବା ନେଇ ସନ୍ଦେହ କରାଯାଉଛି। ଚାଟାର୍ଡ ପ୍ଲେନ୍ ଓ ହେଲିକ୍ୟାପ୍ଟର ପାଇଁ ସରକାର ଅନୁମତି ଦେଇ ନାହାନ୍ତି। ସରକାରୀ ଦପ୍ତରରୁ ଯେତିକି ଟଙ୍କା ଖର୍ଚ୍ଚ ହୋଇଛି, ତା'ଠୁ ଅଧିକ ଖଣି ମାଫିଆମାନେ ଦେଇଛନ୍ତି। ପାଣ୍ଡିଆନଙ୍କୁ ମୁଖ୍ୟମନ୍ତ୍ରୀ କରି ଲୁଣ୍ଠନ କରିବାକୁ ସେମାନେ ଟଙ୍କା ଖର୍ଚ୍ଚ କରୁଥିଲେ। ତେଣୁ ଏହି ମାମଲାର ତୁରନ୍ତ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁଧୀର ଦାବି କରିଛନ୍ତି। ପୋଲିସ ଯଦି ମାମଲା ରୁଜୁ ନ କରିବ, ତେବେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୁଧୀର କହିଛନ୍ତି। ଆବଶ୍ୟକ ହେଲେ ସିବିଆଇ ତଦନ୍ତ ପାଇଁ ମଧ୍ୟ ଦାବି କରିବୁ ବୋଲି କହିଛନ୍ତି।

# ନନ୍ଦନକାନନରେ କ୍ରିସ୍‌ର ମୃତ୍ୟୁ

**ବାରଙ୍ଗ, ୧୪।୮ (ଲିଙ୍ଗରାଜ ରାଉତ)**



ଚିକିତ୍ସାଧୀନ ଅବସ୍ଥାରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୨୦ ବର୍ଷୀୟ ସିଂହ କ୍ରିସ୍‌ର ବୁଧବାର ସକାଳେ ମୃତ୍ୟୁ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାରୁ ଠିକ୍ ଭାବେ ଖିଆପିଆ କରିପାରୁ ନ ଥିଲା। ଦିନକୁ ଦିନ ଦୁର୍ବଳ ହେବା ସହ ଗୋଟିଏ ସ୍ଥାନରେ ପଡ଼ି ରହୁଥିଲା। ଫଳରେ କ୍ରିସ୍‌କୁ ସଫାରିର ଫିଡିଂ ଚାମ୍ବରରେ ରଖି ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ। ହେଲେ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ମଙ୍ଗଳବାର ପ୍ରାଣୀ ଉଦ୍ୟାନ ଡାକ୍ତରୀ ଦଳ ଆସି କ୍ରିସ୍‌ର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ପରିସ୍ରା, ରକ୍ତ ନମୁନା ସଂଗ୍ରହ କରି ନେଇଥିଲେ। ହେଲେ ବୁଧବାର ସକାଳେ ମୃତ୍ୟୁ ଘଟିଥିଲା। ତେବେ କ୍ରିସ୍‌ର ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ୨୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ନନ୍ଦନକାନନରେ ୨୦୦୪ ଜୁନ୍ ୧୬ରେ କ୍ରିସ୍‌ର ଜନ୍ମ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ସିଂହ ବଂଶ ବୃଦ୍ଧି କରିବାରେ ସହାୟକ ହୋଇଥିଲା। କ୍ରିସ୍ ସହିତ ରାଧାର ମିଳନ କରାଯାଇଥିଲା। ଫଳରେ ୨୦୧୫ ଜୁଲାଇ ୨୩ରେ କଳ୍ପନା ଏବଂ ୨୦୧୭ ମାର୍ଚ୍ଚ ୬ରେ ଜିତ୍ ଜନ୍ମ ହୋଇଥିଲେ।









ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

-୭୮ତମ ସ୍ୱାଧୀନତା ଦିବସ ଓ ସୁଦର୍ଶା ବ୍ରତ



# ସାମାଜିକ ବିବିଧତା



ଦେବଦତ୍ତ ପଟ୍ଟନାୟକ

ଯେଉଁମାନେ 'ବାକ୍ ସ୍ୱାଧୀନତା' ଖଣ୍ଡବାକ୍ୟ ସୃଷ୍ଟି କରିଛନ୍ତି ସେହିମାନେ ହିଁ 'ଘୃଣା ମନ୍ତବ୍ୟ' ବା ହେଟ୍ ସ୍ପିଚ୍‌ର ସ୍ରଷ୍ଟା। ବାକ୍ ସ୍ୱାଧୀନତାକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିମାନେ ସବୁ ବକ୍ତବ୍ୟ ଭଲ, ସନ୍ତୋଷଜନକ ଏବଂ ସମ୍ମାନଜନକ ନୁହେଁ ବୋଲି ଅନୁଭବ କରିବାକୁ କିଛି ସମୟ ଲାଗିଗଲା। ଏହା ପୂର୍ବରୁ, ସମଗ୍ର ବିଶ୍ୱରେ ଉତ୍ପୀଡ଼ିତମାନେ ଭରି ରହିଥିଲେ, ଯେଉଁମାନଙ୍କୁ ନିଜ କଥା କହିବାର ଆବଶ୍ୟକତା ଥିଲା। ଏବେ ସମଗ୍ର ବିଶ୍ୱରେ ଭରି ରହିଛନ୍ତି ଖଳବ୍ୟକ୍ତି, ଯେଉଁମାନେ ସବୁଥିରେ ନୀରବ ରହିବା ଆବଶ୍ୟକ ବୋଲି ଭାବୁଛନ୍ତି। ଏହି ସମସ୍ୟା ପାଶ୍ଚାତ୍ୟ ଚିନ୍ତାଧାରାରେ ରହିଛି। ସେମାନେ ଯାହା କିଛି ବିଶ୍ୱାସ କରନ୍ତି, ସେସବୁର ଅନ୍ତିମ ସମାଧାନ ହେଉଛନ୍ତି ଯୀଶୁ। ସେମାନେ ଚାହାନ୍ତି ଯେ ସେମାନଙ୍କର ମାର୍ଗରେ ସମସ୍ତେ ପୁନର୍ବାର ଏକ ନୂତନ ଚିନ୍ତାଧାରା ନେଇ ଜନ୍ମ ହୁଅନ୍ତୁ। ସର୍ବଶେଷରେ,ବିଶ୍ୱକୁ ଏକ ବିକଶିତ ସମାଜ ଭାବେ ଗଢ଼ିବାରେ ଏହା ହେଉଛି ସେହି ଶ୍ୱେତାଙ୍ଗ ବା ୟୁରୋପୀୟଙ୍କ ଲକ୍ଷ୍ୟ।

ସମାଜର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ ବିଷୟ ଦେଖାଯାଉ। ଏହି ଦୁଇଟି ବିଷୟରେ ବକ୍ତୃତା ଦେବା ପାଇଁ ମୋତେ ଏକ ୟୁରୋପୀୟ କମ୍ପାନୀ ଡାକିଥିଲା। କିନ୍ତୁ ଯେତେବେଳେ ମୁଁ ଭାଷାର ବିବିଧତା ଏବଂ ଧର୍ମର ବିବିଧତା ବିଷୟରେ କହିବା ଆରମ୍ଭ କଲି, ସେତେବେଳେ ଲିଙ୍ଗ, ଯୌନ ବିଚାର ଏବଂ ବର୍ଣ୍ଣ ପ୍ରସଙ୍ଗରେ ବକ୍ତବ୍ୟ ରଖିବାକୁ ମୋତେ ବିନମ୍ରତାର ସହ କହିଥିଲେ। ମୋ ନିକଟରେ ଆଉ କୌଣସି ବିକଳ୍ପ ନ ଥିଲା, କାରଣ ମୋର ଯାହା କହିବାର ଥିଲା ତାହାର ତାଲିକା ସେମାନେ ଔପଚାରିକ ଭାବେ ମୋତେ ଦେଇଥିଲେ। କିନ୍ତୁ ଯେତେବେଳେ ପ୍ରମୁଖ କର୍ପୋରେଶନଗୁଡ଼ିକ ଦ୍ୱାରା 'ବିବିଧତା' ଏବଂ 'ଅନ୍ତର୍ଭୁକ୍ତୀକରଣ' ଶବ୍ଦଗୁଡ଼ିକ ବ୍ୟବହୃତ ହେବା ମୋତେ ଅତ୍ୟନ୍ତ ମର୍ମାହତ କରିଥିଲା। ଏହି ଶବ୍ଦଗୁଡ଼ିକ ଆମେରିକାର ଏବଂ ୟୁରୋପୀୟ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ ସମ୍ପର୍କରେ ଯାହା କୁହାଯାଇଛି ତାହା ସହ ପ୍ରାୟ ମେଳ ଖାଉଥିଲା। ସେମାନଙ୍କ ପାଇଁ ଚିନ୍ତାର ବିଷୟ ହେଉଥିବା ବର୍ଣ୍ଣ, ଲିଙ୍ଗ ଏବଂ ଯୌନବିଚାର ବିଷୟ ବିଶ୍ୱର ସବୁଆଡ଼େ ଥିବାର ସେମାନେ ଜୋର ଦିଅନ୍ତି। ସେଥିପାଇଁ ସେଠାରେ ଭାଷା ବିବିଧତା ,ଧର୍ମୀୟ ବିବିଧତା ତଥା ଜାତି ବିବିଧତା ସମ୍ପର୍କରେ ଆଲୋଚନା କରାଯାଇ ନ ଥିଲା। ଏଭଳି ଆଲୋଚନା ଭାରତ ଭଳି ଦେଶର ଆଞ୍ଚଳିକ କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ ମଧ୍ୟ।

ଚାଇନିଜ୍‌ଙ୍କର ଗ୍ରେଟ୍ ୱାଲ୍ ଓ ଫାୟାର ୱାଲ୍ ଅଛି ବୋଲି ପାଶ୍ଚାତ୍ୟ ଭୁଲିଯାଏ। ସେଗୁଡ଼ିକ ସେଠାରେ ରହିବା ପଛରେ ଏକ କାରଣ ରହିଛି। ଜାପାନର ଲୋକେ ଅଧିକ ସଂସ୍କୃତିସମ୍ପନ୍ନ ଓ ପାଶ୍ଚାତ୍ୟ ଶୈଳୀର ହେଲେ ସୁଦ୍ଧା ଟେକ୍ନୋଲୋଜି , ଫ୍ୟାଶନ ଏବଂ ଡ୍ରେସ୍ କ୍ଷେତ୍ରରେ ସେମାନେ ବିଦେଶୀ ଲୋକଙ୍କୁ ପସନ୍ଦ କରୁନାହାନ୍ତି। ଏହାର କାରଣ ହେଉଛି ସେମାନେ ବିଦେଶୀଙ୍କୁ ଦୂରେଇ ରଖିବାକୁ ଚାହାନ୍ତି। କାରଣ ୟୁରୋପୀୟମାନେ ଯେତେବେଳେ ଜାପାନକୁ ଆସିଲେ, ସେମାନେ କେବଳ ବାଣିଜ୍ୟ ପାଇଁ ଆସି ନ ଥିଲେ, ବରଂ ସେମାନେ ଲୋକଙ୍କୁ ଖ୍ରୀଷ୍ଟଧର୍ମକୁ ଧର୍ମାନ୍ତରୀକରଣ କରିବାକୁ ଆସିଥିଲେ। ସେଥିପାଇଁ ସେମାନଙ୍କୁ ଦୂରେଇ ରଖିବାକୁ ପଡ଼ିଥିଲା। ଆଧୁନିକ କର୍ପୋରେଶନଗୁଡ଼ିକର ଆଚରଣ ଏହାଠାରୁ ଭିନ୍ନ ନୁହେଁ। ସେମାନେ ଏଠାରେ କେବଳ ବ୍ୟବସାୟ କରିବାକୁ ରହିନାହାନ୍ତି, ବରଂ ସେମାନେ ବିଜ୍‌ନେସ୍‌କୁ ବିଚାରଧାରା ବା ଆଦର୍ଶ ପାଇଁ ଏକ ସାଧନ ଭାବେ ବ୍ୟବହାର କରିବାକୁ ଚାହୁଁଛନ୍ତି। ବର୍ତ୍ତମାନର ବିଚାରଧାରାକୁ ଅବଶ୍ୟ ନାସ୍ତିକ, ଯୁକ୍ତିଯୁକ୍ତ, ଧର୍ମନିରପେକ୍ଷ, ବୈଜ୍ଞାନିକ ଭାବରେ ଉପସ୍ଥାପିତ କରାଯାଉଛି ଏବଂ ଉଭୟ ବିଚାରଧାରା ଓ ତାହାର କାର୍ଯ୍ୟାନ୍ୱୟନ ଦୃଷ୍ଟିରୁ ସେମାନେ ଖ୍ରୀଷ୍ଟିଆନ ହୋଇଥିବାବେଳେ ସେସବୁକୁ ବୈଶ୍ୱିକ ଆଦର୍ଶ ବୋଲି ମନେକରୁଛନ୍ତି। ଅନ୍ତର୍ଭୁକ୍ତୀକରଣ ବର୍ତ୍ତମାନ ଅନୁପ୍ରବେଶରେ ପରିଣତ ହେଉଛି, ଅର୍ଥାତ୍ ସମସ୍ତଙ୍କୁ ସମ୍ମିଳିତ କରିବା ପରିବର୍ତ୍ତେ ଏମାନେ ଅନ୍ୟର ଧର୍ମରେ ଅନୁପ୍ରବେଶ କରିଛନ୍ତି।

ସଂସ୍କୃତିର ସଂଜ୍ଞା ସୀମା ଏବଂ ପଦାନୁକ୍ରମ ଉପରେ ଆଧାରିତ। ଆମେ କିଛି ଜିନିଷ ଭିତରେ ଏବଂ କିଛି ଜିନିଷକୁ ବାହାରେ ରଖୁ। ହେଲେ ଜ୍ଞାନ ଏହି ସୀମା ଏବଂ ପଦାନୁକ୍ରମକୁ ଟପି ଆଗକୁ ବଢୁଛି। ସଂସ୍କୃତି ଏବଂ ଜ୍ଞାନ ସର୍ବଦା ପରସ୍ପରର ବିରୋଧରେ ରହିଥାଆନ୍ତି। ଉଦାହରଣ ସ୍ୱରୂପ ବ୍ରହ୍ମାଙ୍କ ପୁତ୍ର ମନୁ ଏକ ସମାଜରେ ମଣିଷର ଚତୁର୍ବର୍ଗ ବିଷୟରେ କହୁଥିବାବେଳେ ସମସ୍ତ ବର୍ଗକୁ ପ୍ରତ୍ୟାଖ୍ୟାନ କରୁଥିବା ଶିବ ତାଙ୍କୁ ଚ୍ୟାଲେଞ୍ଜ କରନ୍ତି। ହିନ୍ଦୁ ପୁରାଣରେ ମନୁ ଏବଂ ଶିବଙ୍କ ମାର୍ଗ ମଧ୍ୟରେ ଥିବା ତିକ୍ତତା ପ୍ରକୃତି ଏବଂ ସଂସ୍କୃତି ମଧ୍ୟରେ ନୁହେଁ, ବରଂ ସଂସ୍କୃତି ଓ ଜ୍ଞାନ ମଧ୍ୟରେ ଥିବା ତିକ୍ତତାକୁ ପ୍ରକାଶ କରିଥାଏ। ଅଧିକାଂଶ ଲୋକ ବୁଦ୍ଧିମାନ୍ ନୁହନ୍ତି, ଅଧିକାଂଶ ଲୋକ ଭୟାଳୁ। ସେମାନଙ୍କର ସୁରକ୍ଷା ଆବଶ୍ୟକ, ଯେଉଁଥିପାଇଁ ଆମେ ପାଚେରି ଠିଆକରୁ ଅର୍ଥାତ୍ ବାଧା ଦେଉ ଓ ଯେଉଁ କାରଣରୁ ସାମାଜିକ ପଦାନୁକ୍ରମ ସୃଷ୍ଟି ହୁଏ।

ଖଲିଫାଙ୍କ ସମୟରେ ଇସ୍‌ଲାମ ଏକ ପ୍ରମୁଖ ବିଶ୍ୱ ଶକ୍ତି ଥିଲାବେଳେ ସେମାନେ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେମାନେ ଲୋକଙ୍କୁ ଧର୍ମାନ୍ତରୀକରଣ କରୁ ନ ଥିଲେ କି ? ଯେଉଁମାନେ ଧର୍ମ ପରିବର୍ତ୍ତନ କରୁଥିଲେ ସେମାନଙ୍କୁ କମ୍ ଟିକସ ଦେବାକୁ ପଡୁଥିଲା। ଯେଉଁମାନେ ଏହା କରୁ ନ ଥିଲେ ସେମାନେ ଅଧିକ ଟିକସ ଦେଉଥିଲେ। ଲୋକମାନେ ଧର୍ମ ପରିବର୍ତ୍ତନ ନ କରିବା ରାଜ୍ୟ ବା ଦେଶ ପାଇଁ ଭଲ। ମିଶନାରିମାନେ ଲୋକମାନଙ୍କୁ ପରିବର୍ତ୍ତନ କରୁଥିଲାବେଳେ ଦେଶ ସେହି କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରି ନ ଥିଲା, ଯେଉଁଥିପାଇଁ ଆମେ ଏତେ ବିବିଧତା ଦେଖୁ। ଏହି କାରଣରୁ ଆମେ ଇସ୍‌ଲାମର ସୁବର୍ଣ୍ଣ ଯୁଗରେ ବିରାଟ ବିବିଧତା ବିଷୟରେ ଆଲୋଚନାକରୁ।

କଥା ହେଉଛି, ଆମେ ପାର୍ଥକ୍ୟଗୁଡ଼ିକୁ କିପରି ନିୟନ୍ତ୍ରଣ କରିବୁ? ତାହା ହେଉଛି ଏକମାତ୍ର ଦକ୍ଷତା, ଯାହାକୁ ଆମେ ଶିଖିବା ଆବଶ୍ୟକ। ଅନ୍ତର୍ଭୁକ୍ତୀକରଣର ବିଚାରଧାରା ଆପଣଙ୍କୁ ଜଣେ ଭଲ ବ୍ୟକ୍ତି କରେ , କିନ୍ତୁ ଜଣେ ଅତି ଲୋଭୀକୁ ମିଶାଇଲେ ସେ ତୁମକୁ ଶେଷ କରିଦେବ। ଜଣେ ମେଷପାଳକ କେବେହେଲେ ଏକ ଗଧିଆକୁ ମେଣ୍ଢାପଲରେ ମିଶାଇବ ନାହିଁ। ଯଦି ଗଧିଆ ନିଜକୁ ମେଣ୍ଢା ବୋଲି ଭାବେ, ତାହା ହେଉଛି ଗଧିଆର ସମସ୍ୟା। ଏହି ଜଟିଳ ମାନବ ଚିନ୍ତାଧାରା ଏକ ଏମିତିକା ବିଷୟ ଯାହାକୁ ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଥିବା ମୂର୍ଖମାନେ ବୁଝନ୍ତି ନାହିଁ। ବର୍ତ୍ତମାନ ସାରା ବିଶ୍ୱରେ କାହିଁକି ଅନେକ କର୍ପୋରେଶନ ଏକ ସାଂସ୍କୃତିକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହାର କାରଣ ହେଉଛି, ସେମାନେ ସେହି ଲୋକମାନଙ୍କୁ ଆଘାତ କରୁଛନ୍ତି, ଯେଉଁମାନେ ପ୍ରକୃତରେ ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣର ସହଯୋଗ ଆବଶ୍ୟକ କରନ୍ତି।

-devduttofficial@gmail.com

# ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ: ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନର ମୂଳଦୁଆ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ ମୁଁ ସମଗ୍ର ଭାରତବାସୀଙ୍କ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ସ୍ୱାଧୀନତା ଦିବସ କେବଳ ଏକ ଉତ୍ସବ ପାଳନର ଅବସର ନୁହେଁ, ଏହା ହେଉଛି ଅଗଣିତ ନାମହୀନ ବୀର ସଂଗ୍ରାମୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳିର ଦିବସ। ଏହା ହେଉଛି, ଆମ ଦେଶର ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଏବଂ ଦେଶଭକ୍ତିର ଜ୍ୱଳନ୍ତ ପ୍ରତୀକ।

ସ୍ୱତନ୍ତ୍ରତା ସେନାନୀ ବୀର ସାବରକର ୧୮୫୭ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଅଭିହିତ କରିଥିବା ଘଟଣାବଳୀରୁ ଆରମ୍ଭ କରି ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ଏବଂ ଶେଷରେ ନେତାଜୀ ସୁଭାଷ ବୋଷଙ୍କ ଭାରତୀୟ ରାଷ୍ଟ୍ରୀୟ ସେନା (ଆଇଏନ୍‌ଏ)ର ବିପ୍ଳବ ଭାରତବର୍ଷକୁ ବ୍ରିଟିଶ କବଳରୁ ମୁକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସଂଗ୍ରାମର ଏହି ଲମ୍ବା ଇତିହାସରେ ଜାତୀୟ ସ୍ତର ସହିତ ଆଞ୍ଚଳିକ, ବ୍ୟକ୍ତିଗତ ସ୍ତରରେ ମଧ୍ୟ ବିଭିନ୍ନ ବ୍ୟକ୍ତିବିଶେଷ, ସଂଗଠନ ବ୍ରିଟିଶ ବିରୋଧରେ ସଂଗ୍ରାମ କରିଥିଲେ। ସମସ୍ତେ ଆମ୍ଭମାନଙ୍କର ଚିର ନମସ୍ୟ।

ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମର କାହାଣୀ ବିରଳ ଓ ଅନନ୍ୟ। ''ସ୍ୱରାଜ୍ୟ ଆମର ଜନ୍ମସିଦ୍ଧ ଅଧିକାର'' ଏହା ହିଁ ଥିଲା ପ୍ରେରଣାର ଉତ୍ସ। ଏହି ଅଧିକାର ପାଇଁ ଜାତିର ଜନକ ମହାତ୍ମା ଗାନ୍ଧୀ 'ସତ୍ୟ' ଓ 'ଅହିଂସା'କୁ ମୁଖ୍ୟ ଅସ୍ତ୍ର ଭାବେ ବାଛି ନେଇଥିଲେ। ତାଙ୍କ ନେତୃତ୍ୱରେ ସେତେବେଳେ ବିଭିନ୍ନ ବିଚାରଧାରାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିତ୍ୱ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ ସମସ୍ତଙ୍କର ଗୋଟିଏ ଉଦ୍ଦେଶ୍ୟ ଥିଲା ଏକ ସ୍ୱାଧୀନ ଦେଶର ପରିକଳ୍ପନା। ପ୍ରାୟ ଏକ ଦଶନ୍ଧିର ଲମ୍ବା ସଂଘର୍ଷର ଫଳ ସ୍ୱରୂପ ଅଠସ୍ତରି ବର୍ଷ ତଳେ ଆଜିର ଦିନରେ ଆମେ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ଦେଶରେ ପ୍ରଥମ ଥର ପାଇଁ ନିଃଶ୍ୱାସ ନେଇଥିଲୁ। ଆଉ ସେଇ ଦିନଠାରୁ ଆରମ୍ଭ ହୋଇଥିଲା ଏକ ସଶକ୍ତ ଏବଂ ଆଧୁନିକ ଭାରତର ନିର୍ମାଣ ଦିଗରେ ପ୍ରୟାସ। ପ୍ରାୟ ସତୁରି ବର୍ଷ ପରେ ଆଜି ଭାରତବର୍ଷ ସମଗ୍ର ବିଶ୍ୱରେ ନିଜର ହୃତ ଗୌରବକୁ ପ୍ରତିପାଦିତ କରିବା ସହ ବିଶ୍ୱକୁ ନେତୃତ୍ୱ ଦେବାର କ୍ଷମତା ରଖୁଛି। ଭାରତକୁ ପୁନର୍ବାର ବିଶ୍ୱଗୁରୁ ଭାବେ ଆମ ମହାପୁରୁଷମାନେ ଦେଖିଥିବା ସ୍ୱପ୍ନ ଆଜି ଚରିତାର୍ଥ ହେଉଛି।

ଦେଶର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶା ଏହି ଆନ୍ଦୋଳନରେ ଉତ୍ସାହର ସହିତ ସାମିଲ ହୋଇଥିଲା। ଓଡ଼ିଶାରେ ବ୍ରିଟିଶ ଶାସନ ବିରୋଧୀ ଆନ୍ଦୋଳନର ମୂଳଦୁଆ ପକାଇଥିଲେ ବିପ୍ଳବୀ ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁ। ମାଧବ ରାଉତରାୟ, କୃତ୍ତିବାସ ପାଟ୍ଟଶାଣୀ, ଚକରା ବିଶୋଇ, ବିର୍ସା ମୁଣ୍ଡା, ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ, ବୀର ସୁରେନ୍ଦ୍ର ସାଏ, ମାଧୋ ସିଂ, ରଘୁ - ଦିବାକର, ବାଜି ରାଉତ, ପରୀ ବେୱା, ସପନି ଜେନା, ମାୟାଧର ଭୂୟାଁ, ହାଡିବନ୍ଧୁ ପଣ୍ଡା, ସାଉଣ୍ଟି ମଳିକ, ସାନନ୍ଦ ସ୍ୱାଇଁ, ଲକ୍ଷ୍ମଣ ନାୟକଙ୍କ ବଳିଦାନ ସହିତ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମା' ରମାଦେବୀ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ ଓ ଅନ୍ୟ ବହୁ ଯୋଗଜନ୍ମା ବ୍ୟକ୍ତିବିଶେଷ ସଂଗ୍ରାମର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇ ଆନ୍ଦୋଳନକୁ ସାର୍ବଜନୀନ କରିଥିଲେ। କିନ୍ତୁ, ଯେତେବେଳେ ବି ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଇତିହାସ ଲେଖାଯିବ, ରକ୍ତତୀର୍ଥ 'ଇରମ' କଥା ଉଲ୍ଲେଖ ନ କଲେ, ତାହା ପରିପୂର୍ଣ୍ଣ ହେବ ନାହିଁ। ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିବା ଶାନ୍ତିପ୍ରିୟ ଆନ୍ଦୋଳନକାରୀଙ୍କ ଉପରେ ଗୁଳିବର୍ଷା କରାଇ ସେମାନଙ୍କୁ ଶହୀଦ କରି ଦିଆଗଲା। ତେଣୁ 'ଇରମ'କୁ ଯଥାର୍ଥରେ ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ ଭାବେ ଅଭିହିତ କରାଯାଏ।

ଗୋଟିଏ ପଟେ ଚାଲିଥିଲା ସ୍ୱାଧୀନତା ଆନ୍ଦୋଳନ, ଅନ୍ୟପଟେ ଚାଲିଥିଲା ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାର ଦୁର୍ବାର ପ୍ରୟାସ। ରାଜାରାଜୁଡ଼ାଙ୍କ କଠୋର ଶାସନରୁ ମୁକ୍ତି ପାଇବା ନିମନ୍ତେ ଠିକ୍ ସେହି ସମୟରେ ମଧ୍ୟ ଜାରିରହିଥିଲା ପ୍ରଜାମଣ୍ଡଳ ଆନ୍ଦୋଳନ। ଓଡ଼ିଶାର ସାମାଜିକ ପରିବେଶ ବିପ୍ଳବୀମାନଙ୍କ ବହ୍ନିମାନ ଆହ୍ୱାନ ଓ କାର୍ଯ୍ୟକଳାପ ଭିତରେ ତାତିଉଠିଥିଲା। ଓଡ଼ିଶା ପାଇଁ ଗର୍ବର କଥା ଥିଲା ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମଗ୍ରହଣ କରିଥିଲେ କଟକରେ। ସ୍ୱାଧୀନତା ସଂଗ୍ରାମକୁ ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ଥିଲେ ଏକାକୀ ଅଶ୍ୱାରୋହୀ। ନିର୍ବାସନରେ ଥାଇ ଗଢ଼ିଥିଲେ ସରକାର, ଆଜାଦ ହିନ୍ଦ୍ ଫୌଜ, ପ୍ରଚଳନ କରିଥିଲେ ମୁଦ୍ରା ଓ ସ୍ଥାପନ କରିଥିଲେ ରେଡିଓ ପ୍ରସାରଣ ବ୍ୟବସ୍ଥା। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଜାତୀୟ ପତାକା ଉତ୍ତୋଳନ କରି ନେତାଜୀ ବ୍ରିଟିଶ ଶାସକ ଗୋଷ୍ଠୀକୁ ବିବ୍ରତ କରିଦେଇଥିଲେ। ନେତାଜୀଙ୍କ ବିପ୍ଳବର ଅନ୍ତୁଡ଼ିଶାଳ ଥିଲା ଓଡ଼ିଶା।

୧୯୩୬ରେ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ଏବଂ ଦେଶ ସ୍ୱାଧୀନ ହୋଇଥିଲା ୧୯୪୭ରେ। ଅସଂଖ୍ୟ ଦେଶଭକ୍ତ ସଂଗ୍ରାମୀଙ୍କ ତ୍ୟାଗପୂତ ବଳିଦାନର ପରିଣାମ ଥିଲା ଆମ ସ୍ୱାଧୀନତା। ରାଜନୈତିକ ସ୍ୱାଧୀନତା ସହିତ ସଂଯୁକ୍ତ ଥିଲା ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା। ସମତା, ସମାନତା, ନ୍ୟାୟ ଓ ସମ୍ପଦର ସୁଷମ ବଣ୍ଟନ ବିନା ନାଗରିକଙ୍କ ପାଇଁ ସ୍ୱାଧୀନତା ଅର୍ଥହୀନ।

ପୁଣ୍ୟାତ୍ମା ଗୋପବନ୍ଧୁ ଲେଖିଛନ୍ତି –
ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିଚାର ।
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି।

ନିରବଚ୍ଛିନ୍ନ ସତର୍କତା ହିଁ ସ୍ୱାଧୀନତାର ସବୁଠାରୁ ବଡ଼ ଆବଶ୍ୟକତା। ସଂସ୍କୃତି, ପରମ୍ପରା, ଭାଷା, ସାହିତ୍ୟ, ଐତିହ୍ୟର ସୁରକ୍ଷା ହିଁ ସ୍ୱାଧୀନତାକୁ ସମୃଦ୍ଧ କରେ। ଲୋକଙ୍କ ସରକାର ଅସ୍ମିତା, ସ୍ୱାଭିମାନ ଓ ଜାତୀୟତା ପ୍ରତି ଦୃଷ୍ଟି ଦେବା ଦ୍ୱାରା ଲୋକ ସ୍ୱାର୍ଥ ସୁରକ୍ଷିତ ହୁଏ ଓ ଲୋକେ ସରକାରଙ୍କ ସହିତ ଯୋଡ଼ି ହୋଇଯାନ୍ତି। ଆମ ପୂର୍ବପୁରୁଷ, ମହାମନୀଷୀମାନେ ଯେଉଁ ସାଂସ୍କୃତିକ ଐତିହ୍ୟ ଓ କୀର୍ତ୍ତି ସବୁକୁ ଆମକୁ ପ୍ରଦାନ କରିଯାଇଛନ୍ତି, ସେସବୁର ସୁରକ୍ଷା ଆମର ପ୍ରାଥମିକ କର୍ତ୍ତବ୍ୟ। ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାର ନୁହେଁ। ସ୍ୱାଧୀନତା ଆମକୁ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ କରେ। ଆମର ପୂର୍ବପୁରୁଷମାନେ ଏ ଦେଶକୁ ସମୃଦ୍ଧ କରିବା ପାଇଁ ଦେଇଯାଇଛନ୍ତି ଦେଶର ସମ୍ବିଧାନ ଯାହା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପ୍ରଥମ ଧର୍ମଗ୍ରନ୍ଥ। ଭାରତୀୟ ଗଣତନ୍ତ୍ର ଗତ ସତୁରି ଦଶକରୁ ଅଧିକ କାଳଖଣ୍ଡ ଭିତରେ ଆହୁରି ସୁଦୃଢ଼ ହୋଇଛି ଏବଂ ବର୍ତ୍ତମାନ ଆମ ଦେଶ ଅମୃତ କାଳ ଦେଇ ଗତି କରୁଛି। ଏହି ଅମୃତ କାଳରେ ଦେଶକୁ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ କରି ଗଢି ତୋଳିବାକୁ ଏ ଦେଶର ଜନତା ଶପଥ ନେଇଛନ୍ତି ଏବଂ ଏହି ଶପଥକୁ ଚରିତାର୍ଥ କରିବା ପାଇଁ ବର୍ତ୍ତମାନର ଜାତୀୟ ନେତୃମଣ୍ଡଳୀ କଠିନ ପରିଶ୍ରମ କରୁଛନ୍ତି।

ରାଜ୍ୟରେ ମଧ୍ୟ ଏକ ଲୋକାଭିମୁଖୀ ସରକାର ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ପ୍ରତିଶ୍ରୁତିବଦ୍ଧ। ୨୦୩୬ ମସିହାରେ ଯେତେବେଳେ ରାଜ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଶତ ବାର୍ଷିକୀ ପାଳନ କରିବ, ଓଡ଼ିଶା ବିକାଶର ନୂଆ ଶିଖରକୁ ଛୁଇଁଥିବ। ଓଡ଼ିଶା ଏକ ଦେବଭୂମି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମ୍ପଦ, କୀର୍ତ୍ତିରାଜି, ଆଧ୍ୟାତ୍ମିକ ଦର୍ଶନ, ଲୋକସଂସ୍କୃତି, ସାଧାରଣ ଲୋକଙ୍କ ଜୀବନର ସରଳତା ହିଁ ଓଡ଼ିଶାର ସ୍ୱତନ୍ତ୍ରତା। ଆମେ ଯେତେବେଳେ ସ୍ୱାଧୀନତାର ଗୁରୁତ୍ୱ ସମ୍ପର୍କରେ ସଚେତନ ହେଉ, ସ୍ୱତଃପ୍ରବୃତ୍ତ ଭାବରେ ମନକୁ ଆସିଯାଏ ଅସଂଖ୍ୟ ବିପ୍ଳବୀ ଓ ସ୍ୱାଧୀନତା ସେନାନୀଙ୍କ ସ୍ମୃତି। ତା' ସହିତ ଭରିଯାଏ ଦୃଢ଼ ସଙ୍କଳ୍ପ ଯେ ଆମେ ଓଡ଼ିଶାର ଜାତୀୟ ସ୍ୱାର୍ଥକୁ, ଓଡ଼ିଶାର ଅର୍ଥନୈତିକ ବିକାଶକୁ ଓ ଓଡ଼ିଶାର ଅସ୍ମିତାକୁ ଆହୁରି ବିକଶିତ ଓ ପ୍ରତିପାଦିତ କରିବା।

ମାତୃଭୂମି ପାଇଁ ତ୍ୟାଗ ଏବଂ ମାତୃଭାଷା ଲାଗି ମମତା ହେଉଛି ଆମ ସମସ୍ତଙ୍କର କାମ୍ୟ। ଆମେ ସମସ୍ତେ ନିଜ ଦେଶ, ନିଜ ଜନ୍ମଭୂମି, ନିଜ ଭାଷା ଏବଂ ନିଜ ସଂସ୍କୃତି ପାଇଁ ଗର୍ବ କରିବା ଉଚିତ। ଏହି ନିଛକ ସତ୍ୟକୁ ସ୍ୱଭାବ କବି ଗଙ୍ଗାଧର ମେହେର ଚମତ୍କାର ଭାବେ ନିଜ ଲେଖନୀରେ ଲେଖିଯାଇଛନ୍ତି–
ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ ନାହିଁ ।

ବର୍ତ୍ତମାନର ରାଜ୍ୟ ସରକାର ମଧ୍ୟ ବିକାଶ ଓ ଓଡ଼ିଆ ଅସ୍ମିତାକୁ ପାଥେୟ କରି ରାଜ୍ୟର ଜନସାଧାରଣଙ୍କ ବିକାଶ ଦିଗରେ କାର୍ଯ୍ୟରତ। ଏକ ପଛୁଆ ରାଜ୍ୟର ପରିଚୟକୁ ପଛରେ ପକାଇ ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ କରିବା ନୂଆ ସରକାରଙ୍କ ଲକ୍ଷ୍ୟ। ଏହି ସଂକଳ୍ପ ସହିତ ଓଡ଼ିଶା ତଥା ଭାରତବାସୀଙ୍କୁ ପୁନର୍ବାର ସ୍ୱାଧୀନତା ଦିବସର ଅନେକ ଅନେକ ଅଭିନନ୍ଦନ ଜଣାଉଛି।

ବନ୍ଦେ ଉତ୍କଳ ଜନନୀ।
ବନ୍ଦେ ମାତରମ୍।

# ଓଡ଼ିଶାର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ



ପ୍ର. ଅଖିଳ ବିହାରୀ ଓତା

ଓଡ଼ିଶାର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶ ଶାସନ ବିରୋଧରେ ବୀରତ୍ୱ ପ୍ରଦର୍ଶନ କରି ଭାରତୀୟ ଇତିହାସରେ ଏକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି। ଓଡ଼ିଶାର କନ୍ଧ ସମ୍ପ୍ରଦାୟ ଅଞ୍ଚଳରେ ଜଣେ ପ୍ରମୁଖ ନେତା ଭାବରେ ଉଭା ହୋଇଥିଲେ କମଳଲୋଚନ ଦୋରା ବିଶୋୟୀ। କନ୍ଧ ଆଦିବାସୀମାନେ ବ୍ରିଟିଶ ଶାସନ ଅଧୀନରେ ଶୋଷଣର ଶିକାର ହେଉଥିବାବେଳେ ସେମାନଙ୍କ ଅଧିକାର ପାଇଁ କମଳଲୋଚନ କନ୍ଧ ସମ୍ପ୍ରଦାୟକୁ ସଂଗଠିତ କରିଥିଲେ। ଓଡ଼ିଶାର ଆଦିବାସୀ ଆନ୍ଦୋଳନର ଆଉଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ଚକରା ବିଶୋୟୀ। ରାୟଗଡ଼ା ଜିଲା ଉପରେ ବ୍ରିଟିଶ ଆକ୍ରମଣ ବିରୋଧରେ ସେ ବିଦ୍ରୋହର ନେତୃତ୍ୱ ନେଇଥିଲେ। ଗଞ୍ଜାମ ଜିଲାର ଜଣେ ପ୍ରମୁଖ ନେତା ଭାବରେ ନବଘନ କହଁର ଉଭା ହୋଇଥିଲେ। ବ୍ରିଟିଶ ନୀତି ଆଦିବାସୀ ସମ୍ପ୍ରଦାୟକୁ ବହୁଳ ମାତ୍ରାରେ ପ୍ରଭାବିତ କରିଥିବାବେଳେ ଔପନିବେଶିକ ଶାସନ ବିରୋଧରେ ଆଦିବାସୀମାନଙ୍କୁ ସଂଗଠିତ କରି ବିଦ୍ରୋହର ଡାକରା ଦେଇଥିଲେ। ଆଦିବାସୀ ଜମି ଅଧିକାରର ସୁରକ୍ଷାକୁ ତଥା ବ୍ରିଟିଶମାନଙ୍କ ଦ୍ୱାରା ଲାଗୁ ହୋଇଥିବା କର ବ୍ୟବସ୍ଥାକୁ ଦୂରଦୃଷ୍ଟିସମ୍ପନ୍ନ ଆଚରଣ ଦ୍ୱାରା ବିରୋଧ କରିଥିଲେ । କଳାହାଣ୍ଡି ଅଞ୍ଚଳରେ ଉପନିବେଶ ବିରୋଧୀ ସଂଗ୍ରାମରେ ରେଣ୍ଡୋ ମାଝୀଙ୍କର ଅବଦାନ ମହତ୍ତ୍ୱପୂର୍ଣ୍ଣ ଥିଲା। ମାଝୀ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ବିରୋଧରେ ଅନେକ ବିଦ୍ରୋହର ନେତୃତ୍ୱ ନେଇଥିଲେ।

ଆଦିବାସୀ ଆନ୍ଦୋଳନର ମଙ୍ଗ ଧରିଥିବା ଜଣେ ପ୍ରମୁଖ ଆଦିବାସୀ ନେତା ଦୟାନିଧି ଧାରୁଆ। ଅନ୍ୟାୟରେ ଜମି ଅଧିଗ୍ରହଣ ଏବଂ ଅତ୍ୟଧିକ ଟିକସ ବ୍ୟବସ୍ଥା ସମେତ ବ୍ରିଟିଶମାନଙ୍କ ଶୋଷଣନୀତି ବିରୋଧରେ ଧାରୁଆ ଅନେକ ଅଭିଯାନର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱ ଆଦିବାସୀ ସମ୍ପ୍ରଦାୟକୁ ସଂଗଠିତ କରି ଉପନିବେଶ ଶାସନ ବିରୋଧରେ ପ୍ରତିରୋଧ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଭୂୟାଁ ସମ୍ପ୍ରଦାୟର ଜଣେ ନିର୍ଭୀକ ନେତା ଭାବେ ପରିଚିତ ରତ୍ନା ନାୟକଙ୍କର ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ରହିଛି। କେନ୍ଦୁଝର ଅଞ୍ଚଳରେ ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ବିଦ୍ରୋହର ନେତୃତ୍ୱ ନେଇଥିଲେ। ଗଞ୍ଜାମ ଏବଂ ବ୍ରହ୍ମପୁର ଅଞ୍ଚଳରେ ପ୍ରତିବାଦ ଆନ୍ଦୋଳନର



ଆୟୋଜନ କରି ଏହାକୁ ଦୃଢ଼ତାର ସହ ଆଗେଇନେବାରେ ଭୂୟାଁ ଆଦିବାସୀ ସମ୍ପ୍ରଦାୟର ବୀରପୁରୁଷ ଧରଣୀଧର ନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବ୍ରିଟିଶ ଶାସନ ବିରୋଧରେ ଆଦିବାସୀ ସମ୍ପ୍ରଦାୟକୁ ସଂଗଠିତ କରିବାରେ ତାଙ୍କର ରଣନୀତିକ କାର୍ଯ୍ୟ ଏବଂ ସାଂଗଠନିକ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କର ଉଦ୍ୟମ ସ୍ୱାଧୀନତା ପାଇଁ ବ୍ୟାପକ ସଂଗ୍ରାମ ଏବଂ କୋହ୍ଲ ଜୁଆଙ୍ଗ, ଭୂୟାଁ ଆଦିବାସୀ ସମ୍ପ୍ରଦାୟର ଅଧିକାରର ସୁରକ୍ଷା ପାଇଁ ଯଥେଷ୍ଟ ଅବଦାନ ଦେଇଥିଲା।

ଆଦିବାସୀ ପ୍ରତିରୋଧ ଆନ୍ଦୋଳନରେ ତମା ଦୋରାଙ୍କ ନିଷ୍ଠା ବ୍ରିଟିଶ ଅତ୍ୟାଚାର ବିରୋଧରେ ଆଦିବାସୀମାନଙ୍କ ପ୍ରେରଣାର ଉତ୍ସ ପାଲଟିଥିଲା। ଦୋରାଙ୍କ ଉଦ୍ୟମରେ ବ୍ରିଟିଶଙ୍କ ବିରୋଧରେ କୋୟା ବିଦ୍ରୋହ ମୁଣ୍ଡ ଟେକିଥିଲା। ମାଦ୍ରି କାଲୋ ଆଦିବାସୀ ଆନ୍ଦୋଳନର ଅନ୍ୟଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ବ୍ରିଟିଶ ଅତ୍ୟାଚାରର ମୁକାବିଲା ପାଇଁ ସେ ଯେଉଁ ପ୍ରୟାସ କରିଥିଲେ ତାହା ତାଙ୍କ ସାହସ ଏବଂ ଆଦିବାସୀ ସମ୍ପ୍ରଦାୟକୁ ସଂଗ୍ରାମ ପାଇଁ ସଂଗଠିତ କରିବାର କ୍ଷମତାକୁ ବର୍ଣ୍ଣନା କରିଥାଏ। ଆଦିବାସୀଙ୍କ ଅଧିକାର ତଥା ସମ୍ମାନ ପାଇଁ ମାଦ୍ରିଙ୍କ ସଂଘର୍ଷ ଉଲ୍ଲେଖନୀୟ ଥିଲା।

ଦୂରଦୃଷ୍ଟିସମ୍ପନ୍ନ ଯୋଦ୍ଧା ନିର୍ମଳ ମୁଣ୍ଡା ବ୍ରିଟିଶ ଶାସନ ବିରୋଧରେ ଚଳାଇଥିବା ଆନ୍ଦୋଳନ ବିଶେଷ ଭାବରେ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏକ ସ୍ୱାଧୀନ ତଥା ସ୍ୱୟଂଶାସିତ ଆଦିବାସୀ କ୍ଷେତ୍ର ପାଇଁ ତାଙ୍କର ଦୃଷ୍ଟିକୋଣ ତାଙ୍କ ନେତୃତ୍ୱର କେନ୍ଦ୍ର ଥିଲା। ମାଲକାନଗିରିର ଗାନ୍ଧୀ ଭାବେ ପରିଚିତ ସମ୍ମାନସ୍ପଦ ନେତା ଲକ୍ଷ୍ମଣ ନାଏକ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ତାଙ୍କର ନେତୃତ୍ୱ ବ୍ରିଟିଶ ଶାସନ ବିରୋଧରେ ନିରନ୍ତର ସଂଘର୍ଷ ଦ୍ୱାରା ଚିହ୍ନିତ ହୋଇଥିଲା। ସେ କୋରାପୁଟ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକତ୍ର କରି ଅନେକ ବିଦ୍ରୋହର ନେତୃତ୍ୱ ନେଇଥିଲେ। ମା' ମାଟି ପାଇଁ ୧୯୪୩ ମାର୍ଚ୍ଚ ୨୯ରେ ବ୍ରିଟିଶ ଶାସକଙ୍କ ଦ୍ୱାରା ତାଙ୍କୁ ଫାଶୀ ଖୁଣ୍ଟାରେ ଝୁଲିବାକୁ ପଡ଼ିଥିଲା। ଏହି ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପ୍ରୟାସ କେବଳ ସ୍ଥାନୀୟ ସଂଘର୍ଷ ନୁହେଁ, ବରଂ ଭାରତୀୟ ସ୍ୱାଧୀନତା ପାଇଁ ହୋଇଥିବା ବ୍ୟାପକ ସଂଗ୍ରାମର ଅବିଚ୍ଛେଦ୍ୟ ଅଙ୍ଗ ଥିଲା।

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ
ମୋ: ୯୪୩୭୪୯୨୦୦୮

## ଏଇ ଭାରତରେ

ରାଜସ୍ଥାନର ରାନ୍ଥମ୍ବୋର ଜାତୀୟ ଉଦ୍ୟାନ ନିକଟ ଏକ ଗାଁରେ ରହନ୍ତି ସୁରଜ ବାଇ ମିନା। ସେହି ଗାଁରେ ବାଳିକାଙ୍କୁ ଶିକ୍ଷାପ୍ରାପ୍ତ କରି କ୍ୟାରିୟର ଗଢ଼ିବା ମନା। ଏପରି କି ଜଣେ ଝିଅ ଶିକ୍ଷିତା ହେଲେ ସେହି ଝିଅର ପିତାଙ୍କୁ ଦୁଇଗୁଣ ଯୌତୁକ ଦେବାକୁ ପଡ଼େ। ହେଲେ ସୁରଜ ପାଖ ଗାଁର ଏକ ହିନ୍ଦୀ ସ୍କୁଲ୍‌ରେ ନାମ ଲେଖାଇଥିଲେ। ଏହାକୁ ଗାଁ ଲୋକେ ବିରୋଧ କରିଥିଲେ। ହେଲେ ପଢ଼ାଶେଷ କରି ସେ ୧୬ ବର୍ଷ ବୟସରେ ରାନ୍ଥମ୍ବୋରର ପ୍ରଥମ ମହିଳା ପରିବେଶବିତ୍‌ଓ ଗାଇଡ୍‌ହୋଇପାରିଥିଲେ। ଏବେ ତାଙ୍କ ବୟସ ୩୩। ବର୍ତ୍ତମାନ ସେ ପର୍ଯ୍ୟଟକଙ୍କୁ ସେଠାକାର ପଶୁପକ୍ଷୀଙ୍କ ସମ୍ପର୍କରେ ଅବଗତ କରାଉଛନ୍ତି ଓ ବିଭିନ୍ନ ସ୍କୁଲକୁ ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ବିଷୟରେ କହିବାକୁ ଯାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଅଗଷ୍ଟ ୧୯୭୫

ଭୁବନେଶ୍ୱରରେ ମହିଳା କର୍ମଚାରୀଙ୍କ ପାଇଁ 'ମହିଳା ନିବାସ' ନିର୍ମାଣ କରାଯିବା ପରିପ୍ରେକ୍ଷୀରେ କେନ୍ଦ୍ର ସମାଜ ମଙ୍ଗଳ ବିଭାଗ ୩ ଲକ୍ଷ ଟଙ୍କା ଓ ରାଜ୍ୟ ସରକାର ୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ।
(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 9 | 8 | |
| | | | | | | 5 | 3 | |
| | | 4 | | | | | | |
| | | 6 | | 1 | | 2 | | |
| 9 | | 8 | | | 7 | 4 | 5 | |
| | 2 | 3 | 8 | | | | 1 | |
| 4 | 3 | | | | | | | 1 |
| | 6 | | | 9 | | 8 | | |
| | | | 6 | | | | | |

ଏହାର ଉତ୍ତର ପରବର୍ତ୍ତି ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 9 | 7 | 6 | 4 | 2 | 3 | 8 |
| 7 | 3 | 4 | 5 | 8 | 2 | 1 | 6 | 9 |
| 2 | 6 | 8 | 9 | 3 | 1 | 5 | 4 | 7 |
| 1 | 4 | 2 | 3 | 5 | 7 | 9 | 8 | 6 |
| 6 | 7 | 3 | 2 | 9 | 8 | 4 | 1 | 5 |
| 8 | 9 | 5 | 4 | 1 | 6 | 7 | 2 | 3 |
| 4 | 2 | 6 | 8 | 7 | 5 | 3 | 9 | 1 |
| 9 | 5 | 1 | 6 | 4 | 3 | 8 | 7 | 2 |
| 3 | 8 | 7 | 1 | 2 | 9 | 6 | 5 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତାକାମ ହେଉ

ମହାଶୟ,
କଟକ ସଦର ଅନ୍ତର୍ଗତ ଗାନ୍ଧୀପଲ୍ଲୀଠାରୁ ଆୟତପୁର ଦେଇ ବାଙ୍କଲ ପର୍ଯ୍ୟନ୍ତ ରାସ୍ତାକାର୍ଯ୍ୟ ମନ୍ଥର ହୋଇଛି। ରାସ୍ତା ଖୋଳାଯାଇ ଗୋଡି ଓ ବଜୁରି ପକାଇ ରଖାଯାଇଛି। ଯାତାୟତରେ ଏହା ବାଧା ସୃଷ୍ଟି କରୁଛି। ପିଚୁକାମ ଆରମ୍ଭ କରାଯାଉନି। ଏହି ରାସ୍ତାରେ ଜରୁରୀକାଳୀନ ଗାଡ଼ି ଯାତାୟାତ କରୁଛି। ଏପରିକି ରୋଗୀମାନେ ଆମ୍ବୁଲାନ୍ସରେ ଯାଇଥାଆନ୍ତି। ଏଣୁ ରାସ୍ତାକାମ ଶୀଘ୍ର ଶେଷ କରାଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମହାଯୋଗୀ ଶ୍ରୀଅରବିନ୍ଦ

## ଆବିର୍ଭାବ ଦିବସ ଉପଲକ୍ଷେ



୧୫ ଅଗଷ୍ଟ ୧୮୭୨ ଋଷି ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ। ୧୫ ଅଗଷ୍ଟ ୧୯୪୭ ସ୍ୱାଧୀନ ଭାରତର ପୁଣ୍ୟ ଜନ୍ମତିଥି। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠା ହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ ; ଦେଶ, କାଳ, ପାତ୍ରର ବ୍ୟାପ୍ତି ଭିତରେ ତାହା ହୋଇପାରେ ଏକ ବିସ୍ମୟ, ଏକ ଅଲୌକିକତା। ୧୫ ଅଗଷ୍ଟ, ୧୮୭୨ ଓ ୧୫ ଅଗଷ୍ଟ ୧୯୪୭ ଏ ମଧ୍ୟରେ ୭୫ ବର୍ଷର ବ୍ୟବଧାନ। ୭୫ ବର୍ଷ ଅବଧି ହୁଏତ ଏକ ସମ୍ଭାବନାର ବହୁ ସଂଘାତ ଓ ସଂଘର୍ଷ ମଧ୍ୟରେ ଅପେକ୍ଷା କରିରହିଥିଲା ଅନିବାର୍ଯ୍ୟ ଭାବରେ ପ୍ରକଟ ହେବା ପାଇଁ। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାନ୍ତାରର ସମାହାର କିମ୍ବା ୪୦ କୋଟି ଲୋକଙ୍କର ଅଧିଷ୍ଠିତ ଭୂମି ନୁହେଁ। ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା, ଏକ ଜୀବନ୍ତ ସତ୍ତା ମଧ୍ୟ। ତା'ର ବିକାଶଶୀଳ ଆତ୍ମା, ଏକ ବିବିଧବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସମ୍ବେଦନଶୀଳା, ପୁଣ୍ୟମୟୀ ମା'। ତା'ର ଗୌରବପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହିତ ସଂଯୁକ୍ତ କରୁଥିବା ତାଙ୍କର ଆଧ୍ୟାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା'ର ସ୍ଥୂଳ ପରିପ୍ରକାଶ। ଏହିପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବ।

ଶ୍ରୀଅରବିନ୍ଦ ଏକ ବିରଳ ପ୍ରଜ୍ଞା ପୁରୁଷ। ଭାରତ ଏବଂ ଭାରତୀୟତାକୁ ବୈଦିକ ଯୁଗରୁ ଅନାଗତ ଭବିଷ୍ୟତ ପର୍ଯ୍ୟନ୍ତ ବିସ୍ତୃତ ପରିସର ଭିତରେ ସେ ହିଁ ଆବିଷ୍କାର କରିଥିଲେ ଓ ଅଭିବ୍ୟକ୍ତ କରିଥିଲେ। ତାଙ୍କ ଦିବ୍ୟ ଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ଏକ ବିଶାଳ ଆତ୍ମା ଏବଂ ସେ ସ୍ୱୟଂ ତା'ର ପ୍ରତିଭୂ। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି। 'ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହା ସଙ୍ଗୀତ 'ବନ୍ଦେ ମାତରମ୍'ର ଆଗ୍ନେୟ ଆହ୍ୱାନ। ଉତ୍ସାହ ଓ ଉଦ୍ଦୀପନାର ଅଫୁରନ୍ତ ଉତ୍ସ। ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟ- ପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଂଗମ। ସେ ହିଁ ଭବିଷ୍ୟତ ଜଗତ ଓ ଜୀବନର ରୂପକାର- ଧରା ବକ୍ଷରେ ଦେବ-ଜୀବନର ବାର୍ତ୍ତାବହ। ଶ୍ରୀମାଙ୍କ ଅନୁପମ ଭକ୍ତି 'ଶ୍ରୀଅରବିନ୍ଦଙ୍କ ବାଣୀ ଅମ୍ଳାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍ଭାସିତ କରେ'। ସମଗ୍ର ବିଶ୍ୱ ଏକମାତ୍ର ଆଦି ଚେତନାର ପ୍ରବାହ। ସେ ହିଁ ଚେତନାର କ୍ରମବିକାଶ, ଅବିଭକ୍ତ ଆତ୍ମାହାର ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ – ଏ ସବୁର ନିଶ୍ଚିତ ପ୍ରତିଶ୍ରୁତି ସେ ରଖିଯାଇଛନ୍ତି। ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟ ଦୃଷ୍ଟିରେ ଉନ୍ମୋଚିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ ଆଜିର ଅର୍ଦ୍ଧପଶୁବତ୍ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧ୍ୟୁଷିତ ହେବ, ଏହା ସେ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରିଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବରେ ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ 'ଅମୃତର ସନ୍ତାନ'। ତାହା ହିଁ ଋଷିପ୍ରାଣର ଉଦ୍‌ଘୋଷଣା 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'।

ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତିମାନସିକତା ଆଡ଼କୁ ନେଇ ଯାଉ ଆଜି ସେ ମହାମାନବ ଯୁଗପୁରୁଷ, ମହାଯୋଗୀଙ୍କ ୧୫୨ ତମ ପବିତ୍ର ଜନ୍ମତିଥିରେ ତାଙ୍କ ପାଦ ପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ।

**–ବିମଳ ପ୍ରସନ୍ନ ଦାସ**

ମୋ: ୯୪୩୮୧୮୬୨୨୬

# ଅର୍ଥନୈତିକ ପ୍ରଗତି ଓ ଖଦି ଉଦ୍ୟୋଗ

ଏ ବର୍ଷ ଆମେ ଆମ ଦେଶର ୭୭ତମ ସ୍ୱାଧୀନତା ଦିବସ ପାଳନ କରୁଛେ। ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା ତା' ଭିତରେ ଖଦି ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଗାନ୍ଧିଜୀ ତାଙ୍କର ସ୍ୱ ରଚନା 'My Experiment with Truth'ରେ ଏହାର ବର୍ଣ୍ଣନା କରି ଅଛନ୍ତି। କିନ୍ତୁ ବର୍ତ୍ତମାନ ଏହି ଖଦି ଉଦ୍ୟୋଗ ମୁମୂର୍ଷୁ ଅବସ୍ଥାରେ, ଏହା ବଞ୍ଚିବା ପାଇଁ ସଂଗ୍ରାମ କରୁଛି। ଯାହା ଦିନେ ଆମ୍ଭମାନଙ୍କର ଜୀବନ ଓ ଜୀବିକା ଥିଲା, ତାହାର ପୁନରୁତ୍‌ଥାନ ପାଇଁ ଚେଷ୍ଟା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

ଖଦିବସ୍ତ୍ରର ପ୍ରାରମ୍ଭ ସମ୍ବନ୍ଧରେ କହିବା ସହଜ ନ ହେଲେ ମଧ୍ୟ ଭାରତ ତଥା ଓଡ଼ିଶାରେ ଏହା ଲୋକମାନଙ୍କର ଜୀବନ ଓ ଜୀବିକାର ଏକ ଅଭିନ୍ନ ଅଙ୍ଗ ଥିଲା। ଓଡ଼ିଶାର ଇତିହାସରୁ ଜଣାଯାଏ ଯେ, ଓଡ଼ିଶାର ବୁଣାକାରମାନେ ଅତ୍ୟନ୍ତ କୁଶଳୀ ଥିଲେ। ସେମାନେ ସୂକ୍ଷ୍ମ ତଥା କାରୁକାର୍ଯ୍ୟପୂର୍ଣ୍ଣ ବସ୍ତ୍ର ପ୍ରସ୍ତୁତ କରୁଥିଲେ, ଯେଉଁଗୁଡ଼ିକ ମୁଖ୍ୟତଃ ଦେବଦେବୀଙ୍କ ସେବାରେ କିମ୍ବା ରାଜା ଓ ଧନିକ ପରିବାରରେ ବ୍ୟବହାର କରାଯାଉଥିଲା। ସେମାନେ କଳର ବିନା ସହାୟତାରେ ପ୍ରସ୍ତୁତ ହେଉଥିବା ବାରହାତ ଦୈର୍ଘ୍ୟର ବସ୍ତ୍ର ଏକ ବାଉଁଶ ନଳୀ ମଧ୍ୟରେ ରଖି ବିଦେଶକୁ ସାଧବମାନଙ୍କ ଦ୍ୱାରା ରପ୍ତାନି କରୁଥିଲେ ଓ ପ୍ରଚୁର ଲାଭବାନ ହେଉଥିଲେ। ମୋଗଲ ରାଜତ୍ୱ ବେଳେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ଏହାର ଚିତ୍ରକଳା, ନକ୍ସା, ଚିତ୍ର ଓ ରଙ୍ଗରେ ଅନେକ ପରିବର୍ତ୍ତନ କରାଯାଇଥିଲା ଓ ଜରିର ବ୍ୟବହାର ମଧ୍ୟ କରାଗଲା। ଏହାକୁ ମୋଗଲ ରାଜବଂଶୀୟ ପରିବାରମାନେ ବ୍ୟବହାର କରୁଥିଲେ ଓ ବୟନ ଶିଳ୍ପ ଉନ୍ନତସ୍ତରରେ ଥିଲା। କିନ୍ତୁ ଇଂଗ୍ରେଜମାନଙ୍କ ଆଗମନ ପରେ ଏହାର ପତନ ଆରମ୍ଭ ହେଲା।

ଭାରତରୁ କପା ନେଇ ସେହି କଞ୍ଚାମାଲରେ ମିଲ୍‌ରେ ପ୍ରସ୍ତୁତ ବସ୍ତ୍ର ଭାରତରେ ବିକ୍ରି କରି ଇଂଲଣ୍ଡ ଉଦ୍ୟୋଗୀମାନେ ଭଲ ଲାଭ ପାଇଲେ। ମିଲ୍ ତିଆରି ବସ୍ତ୍ର ଅପେକ୍ଷାକୃତ ଶସ୍ତା ଓ ଆକର୍ଷଣୀୟ ହୋଇଥିବା ଯୋଗୁ ଏହା ଭାରତରେ ଏକ ବଜାର ସୃଷ୍ଟିକଲା। ଅନ୍ୟପକ୍ଷରେ ଭାରତରେ କଞ୍ଚାମାଲର ଅଭାବ ଓ ହାତବୁଣା ବସ୍ତ୍ରର ଚାହିଦାରେ ହ୍ରାସ ଘଟିଲା। ଫଳରେ ବୁଣାକାରମାନଙ୍କର ରୋଜଗାର ହ୍ରାସ ହେଲା ଓ ବେକାରି ବଢ଼ିଲା। ଭାରତରେ ମଧ୍ୟ ଇଂରେଜମାନେ କଳତନ୍ତ ବସାଇବା ଆରମ୍ଭ କଲେ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରି (୧୯୧୫) ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେବା ପାଇଁ ମନସ୍ଥ କଲେ। ଗୋପାଳ କୃଷ୍ଣ ଗୋଖଲେ ତାଙ୍କୁ ଭାରତ ଭ୍ରମଣ କରି ଏଠାରେ ଲୋକଙ୍କର ଆର୍ଥିକ ଅବସ୍ଥା ଓ ଏପରି ସଂଗ୍ରାମ ପ୍ରତି ମାନସିକତା ଆକଳନ କରିବା ପାଇଁ ପରାମର୍ଶ ଦେଲେ। ଗାନ୍ଧିଜୀ ଭାରତ ଭ୍ରମଣ କରି ଲୋକମାନଙ୍କର ଦରିଦ୍ରତା ଓ ତାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଅନୁଭବ କଲେ। ସେ ଅନୁଭବ କଲେ ଯେ, ଭାରତର କଞ୍ଚାମାଲ ଇଂରେଜମାନେ ନେଇ ସେଠାକାର ବସ୍ତ୍ର ଭାରତ ବଜାରରେ ବିକ୍ରି ହେବା ଯୋଗୁ ଭାରତୀୟମାନେ କାମ ନ ପାଇ ବେକାର ହେଉଛନ୍ତି। ଏହା ହିଁ ଦୁର୍ଗତିର ମୁଖ୍ୟ କାରଣ। ଏହିଠାରୁ ହିଁ ସ୍ୱଦେଶୀ ଆନ୍ଦୋଳନର ବୀଜ ବପନ ହେଲା।

ଖଦି ଏକ ଉଦ୍ୟୋଗ ନୁହେଁ, ଏହା ଏକ ଜୀବନଧାରା। ଆନ୍ତରିକତାର ସହିତ ଏହାର ପୁନରୁଦ୍ଧାର ପାଇଁ ସାମୂହିକ ପ୍ରଚେଷ୍ଟା ବର୍ତ୍ତମାନର ଏକ ଆବଶ୍ୟକତା। ଯେଉଁ କ୍ଷେତ୍ର ଆମକୁ ପରାଧୀନତାରୁ ମୁକ୍ତ କରିପାରିଥିଲା, ତା' ପ୍ରତି ଉଦାସୀନତା ଏକ ଅପରାଧ। ଆମେ ଘରେ ଘରେ ଯଦି ଏହି ଉଦ୍ୟୋଗକୁ ପୁନଃ ପ୍ରତିଷ୍ଠିତ କରାଇପାରିବା, ଏହା ହେବ ଦେଶ ପାଇଁ ଆତ୍ମବଳୀ ଦେଇଥିବା ସଂଗ୍ରାମୀମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

**–ପବିତ୍ର ମୋହନ ପଟ୍ଟନାୟକ**

(ମୋ: ୭୮୫୪୦୪୧୮୮୧)

**– ଡ. ଅମୀୟ କୁମାର ମହାପାତ୍ର**






# ବିଭାଜନକାରୀ ପ୍ରବୃତ୍ତିକୁ ପ୍ରତିହତ କର

## ୭୮ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

ନୂଆଦିଲ୍ଲୀ,୧୪।୮

ସମାଜରେ କଳହ ଓ ବିଭାଜନ ସୃଷ୍ଟି କରୁଥିବା ପ୍ରବୃତ୍ତିଗୁଡ଼ିକୁ ପ୍ରତିହତ କରିବା ପାଇଁ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ୭୮ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଭାରତରେ ରାଜନୈତିକ ଗଣତନ୍ତ୍ରର ପ୍ରଗତି ସାମାଜିକ ଗଣତନ୍ତ୍ରର ସଫଳତା ଦିଗରେ ଅଗ୍ରଗତିକୁ ପ୍ରତିଫଳିତ କରୁଛି। ବିବିଧତା ଓ ବହୁଳବାଦ ମଧ୍ୟରେ ଦେଶ ଏକ ସାମୂହିକ ଏକତ୍ରୀକରଣର ପରିଚୟ ଆଡ଼କୁ ଆଗଉଛି।

ରାଷ୍ଟ୍ରପତି ଭବନରୁ ଏକ ଟେଲିଭିଜନ ବାର୍ତ୍ତାରେ ରାଷ୍ଟ୍ରପତି ଦେଶବାସୀଙ୍କୁ ସ୍ୱାଧୀନତା ଦିବସ ପାଇଁ ଅଭିନନ୍ଦନ


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଆମେ ନିଜ ଘରେ ଅନ୍ୟ ପର୍ବପର୍ବାଣି ପାଳନ କଲା ଭଳି ଦେଶବାସୀଙ୍କ ସହ ମିଶି ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ପାଳନ କରିଥାଉ। ଆଜି ଅଗଷ୍ଟ ୧୪ରେ ଦେଶ ବିଭାଜନ ବିଭୀଷିକା ସ୍ମରଣ ଦିବସ ପାଳନ କରୁଛି। ଏହି ଦିନ ଆମ ଦେଶ ବିଭାଜିତ ହୋଇଥିଲା। ଅନେକ ନିୟୁତ ଲୋକ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ଅନେକ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଏହି ମାନବୀୟ ଦୁର୍ଦ୍ଦଶାକୁ ମନେପକାଇ ଯେଉଁ ପରିବାରଗୁଡ଼ିକ ଆମଠାରୁ ବିଚ୍ଛେଦ ହୋଇଯାଇଛନ୍ତି, ସେମାନଙ୍କ ସହ ଛିଡ଼ା ହେବା। ଆମ ଦେଶ ଅନେକ ଘାତ ପ୍ରତିଘାତ ଦେଇ ଗତିକରିଛି। ନ୍ୟାୟ, ସମାନତା, ସ୍ୱାଧୀନତା, ଭ୍ରାତୃତ୍ୱ ଭଳି ସାମ୍ବିଧାନିକ ମୂଲ୍ୟବୋଧ ଭାରତକୁ ଏହାର ଗୌରବାନ୍ୱିତ ସ୍ଥାନରେ ପହଞ୍ଚାଇବା ଦିଗରେ ଅଗ୍ରସର ହେଉଥିବା ରାଷ୍ଟ୍ରପତି କହିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସବୁବେଳେ ସାମାଜିକ ନ୍ୟାୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସିଛନ୍ତି। ଏଥିଯୋଗୁ ଏସ୍‌ସି, ଏସ୍‌ଟି ଏବଂ ସମାଜର ଅନ୍ୟ ବଞ୍ଚିତ ବର୍ଗଙ୍କ ଉନ୍ନତି ଲାଗି ଅନେକ ପଦକ୍ଷେପ ନିଆଯାଇପାରିଛି। ଏହି ଅବସରରେ ସେ ମହିଳାମାନଙ୍କୁ କେନ୍ଦ୍ରକରି ଗଢ଼ାଯାଇଥିବା ଅନେକ ସ୍ୱତନ୍ତ୍ର ଯୋଜନା ଉପରେ ଆଲୋକପାତ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ନାରୀଶକ୍ତି ବନ୍ଦନ ଆଇନ ମହିଳାଙ୍କ ବାସ୍ତବ ସଶକ୍ତୀକରଣକୁ ସୁନିଶ୍ଚିତ କରିବ। ସେହିପରି ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନର ପ୍ରଭାବକୁ ହ୍ରାସ କରିବା ସହ ନିଜ ଜୀବନରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିବା ପାଇଁ ନାଗରିକମାନଙ୍କୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି।

# ଅଯୋଧାରେ ରାମଙ୍କ ୫୦ ଲକ୍ଷର ଲାଇଟ୍ ଚୋରି



ଅଯୋଧ୍ୟା,୧୪।୮

ଅଯୋଧ୍ୟାର ରାମଲାଲା ମନ୍ଦିରକୁ ସଂଯୋଗକାରୀ ଭକ୍ତିପଥ ଓ ରାମପଥରେ ଲଗାଯାଇଥିବା ୩,୮୦୦ ବାମ୍ବୋ ଲାଇଟ୍ ଏବଂ ୩୬ ଗୋଟି ପ୍ରୋଜେକ୍ଟର ଲାଇଟ୍‌କୁ ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ଚୋରି ହୋଇଥିବା ଲାଇଟ୍‌ଗୁଡ଼ିକର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ଲାଇଟ୍ ଲଗାଇଥିବା କମ୍ପାନୀର ପ୍ରତିନିଧି ଶେଖର ଶର୍ମାଙ୍କ ଏତଲାକ୍ରମେ ପୋଲିସ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଅଞ୍ଚଳରୁ କିପରି ଲାଇଟ୍ ଚୋରି ହେଲା ତାକୁ ନେଇ ପ୍ରଶ୍ନ ଉଠିଛି।

ଜାନୁଆରୀ ୨୨ରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ପୂର୍ବରୁ ଅଯୋଧ୍ୟାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହିକ୍ରମରେ ଅଯୋଧ୍ୟା ଉନ୍ନୟନ କର୍ତ୍ତୃପକ୍ଷ ଭକ୍ତିପଥ ଓ ରାମପଥରେ ଲାଇଟ୍ ଲଗାଇବା ପାଇଁ ଯଶ ଏଣ୍ଟରପ୍ରାଇଜେସ୍ ଆଣ୍ଡ୍ କୃଷ୍ଣା ଅଟୋମୋବାଇଲ୍ସକୁ ଠିକା ଦେଇଥିଲେ। ଏହି ଦୁଇ କମ୍ପାନୀ ରାସ୍ତାର ଉଭୟ ପାର୍ଶ୍ୱରେ ୬,୪୦୦ ବାମ୍ବୋ ଲାଇଟ୍ ଏବଂ ୯୬ଟି ଗୋବୋ ପ୍ରୋଜେକ୍ଟର ଲାଇଟ୍ ଲଗାଇଥିଲେ। ସେଥିରୁ ୩,୮୦୦ ବାମ୍ବୋ ଲାଇଟ୍ ଓ ୩୬ଟି ପ୍ରୋଜେକ୍ଟର ଲାଇଟ୍ ଚୋରି ହୋଇଯାଇଛି। ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ସେଠାରେ ସମସ୍ତ ଲାଇଟ୍ ଥିଲା। କିନ୍ତୁ ମେ’ ୯ରେ ନିରୀକ୍ଷଣ ପରେ କେତେକ ଲାଇଟ୍ ଚୋରି ହୋଇଯାଇଥିବା ବିଷୟ ଜଣାପଡ଼ିଥିଲା ବୋଲି ଅଗଷ୍ଟ ୯ରେ ରାମ ଜନ୍ମଭୂମି ଥାନାରେ ଏତଲା ଦିଆଯାଇଥିଲା। ତେବେ ଏନେଇ ଅଯୋଧ୍ୟା ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ବିସ୍ତୃତ ରିପୋର୍ଟ ମଗାଯାଇଥିବା ଜିଲାପାଳ ଚନ୍ଦ୍ର ବିଜୟ ସିଂ ସୂଚନା ଦେଇଛନ୍ତି।




# କ୍ୟାପ୍‌ଟେନ୍ ଶହୀଦ, ୪ ଆତଙ୍କବାଦୀ ନିହତ

ଜମ୍ମୁ, ୧୪।୮

ଜମ୍ମୁ-କଶ୍ମୀରର ଡୋଡା ଜିଲା ଅଧୀନ ଶିବଗଡ଼-ଅସ୍ସାର ବେଲ୍ଟ ଜଙ୍ଗଲରେ ବୁଧବାର ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଆର୍ମି କ୍ୟାପ୍ଟେନ ଦୀପକ ସିଂହ ଶହୀଦ ହୋଇଥିବାବେଳେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଗୁଳି ବିନିମୟରେ ଜଣେ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି। ଗତ କିଛି ଦିନ ମଧ୍ୟରେ ଜମ୍ମୁ-କଶ୍ମୀରରେ ଏହା ଚତୁର୍ଥ ଗୁଳି ବିନିମୟ ମାମଲା। ବୁଧବାର ସକାଳେ ଗୋଇନ୍ଦା ସୂଚନା ଆଧାରରେ ଶିବଗଡ଼-ଅସ୍ସାର ବେଲ୍ଟ ଜଙ୍ଗଲରେ ୪ ଜଣ ବିଦେଶୀ ଆତଙ୍କବାଦୀ ଲୁଚିଥିବା ଖବର ପାଇ ସୁରକ୍ଷାବାହିନୀ ପକ୍ଷରୁ କର୍ଡନ ଆଣ୍ଡ ସର୍ଚ୍ଚ ଅପରେଶନ କରାଯାଇଥିଲା। ୪୮ ରାଷ୍ଟ୍ରୀୟ ରାଇଫଲ୍ସର କ୍ୟାପ୍ଟେନ ଦୀପକ ସିଂ ଡୋଡା ଜିଲାର ଶିବଗଡ଼-ଅସ୍ସାର ବେଲ୍ଟ ଅଞ୍ଚଳରେ ହେଉଥିବା ସର୍ଚ୍ଚ ଅପରେଶନର ନେତୃତ୍ୱ


କ୍ୟାପ୍ଟେନ୍ ଦୀପକ ସିଂ

ନେଉଥିଲେ। ତେବେ ଏହି ସମୟରେ ଲୁଚି ରହିଥିବା ଆତଙ୍କବାଦୀ ଓ ସୁରକ୍ଷା ବାହିନୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଆତଙ୍କବାଦୀଙ୍କ ଗୁଳିରେ କ୍ୟାପ୍ଟେନ୍ ଦୀପକ ସିଂ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମିଲିଟାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଏହି ଗୁଳି ବିନିମୟରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। କ୍ୟାପ୍ଟେନ ଦୀପକ ସିଂଙ୍କ ମୃତ୍ୟୁରେ ଭାରତୀୟ ସେନା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

# କେଜ୍‌ରିୱାଲଙ୍କୁ ଜାମିନ ଦେଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୮

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନକୁ ବୁଧବାର ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ମାମଲାରେ କେଜ୍‌ରିୱାଲଙ୍କୁ ସିବିଆଇ ଦ୍ୱାରା କରାଯାଇଥିବା ଗିରଫଦାରିକୁ ବଜାୟ ରଖିବାକୁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟ ବିରୋଧରେ କେଜ୍‌ରିୱାଲ କରିଥିବା ଆବେଦନକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇକୁ ନୋଟିସ ଜାରି କରିଛନ୍ତି।







# ତେଲଙ୍ଗାନାରୁ ରାଜ୍ୟ ସଭା ପ୍ରାର୍ଥୀ ହେବେ ସିଂଘ୍‌ଭି



ନୂଆଦିଲ୍ଲୀ,୧୪।୮

ବରିଷ୍ଠ କଂଗ୍ରେସ ନେତା ଅଭିଷେକମନୁ ସିଂଘ୍‌ଭି ରାଜ୍ୟ ସଭା ଉପନିର୍ବାଚନରେ ତେଲଙ୍ଗାନାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କ ପ୍ରାର୍ଥିତ୍ୱକୁ ଅନୁମୋଦନ କରିଥିବା ବୁଧବାର ଘୋଷଣା କରିଛନ୍ତି। କଂଗ୍ରେସ ନେତୃତ୍ୱ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ସୁଯୋଗ ଦେଇଥିବାରୁ ସିଂଘ୍‌ଭି ଖାର୍ଗେଙ୍କ ସହ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଧନ୍ୟବାଦ ଦେଇଛନ୍ତି। ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ପୂର୍ବତନ ଏମ୍‌ପି କେଶବ ରାଓଙ୍କ ଇସ୍ତଫା ପରେ ତେଲଙ୍ଗାନାର ଗୋଟିଏ ରାଜ୍ୟ ସଭା ଆସନ ଖାଲିପଡ଼ିଥିଲା। ସେପ୍ଟେମ୍ବର ୩ରେ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ପରେ ଗଣତି କରାଯିବ।







# ବ୍ରିଟେନ୍ ଦଙ୍ଗାରେ ୧,୦୦୦ରୁ ଅଧିକ ଗିରଫ

ଲଣ୍ଡନ, ୧୪।୮

ଗତ ମାସ ୨୯ରେ ବ୍ରିଟେନ୍‌ରେ ହୋଇଥିବା ଦଙ୍ଗା ଘଟଣାରେ ଏବେଯାଏ ୧,୦୨୪ ଜଣଙ୍କୁ ଗିରଫ କରାଯାଇଥିବା ନେଇ ବୁଧବାର ବ୍ରିଟେନ୍ ଜାତୀୟ ପୋଲିସ ସଂସ୍ଥା ପ୍ରକାଶ କରିଛି। ଉତ୍ତର ବ୍ରିଟେନ୍‌ସ୍ଥିତ ସାଉଥପୋର୍ଟ ସହରରେ ୩ ଜଣ ଝିଅଙ୍କୁ ହତ୍ୟା ପରେ ଏହି ଦଙ୍ଗା ଆରମ୍ଭ ହୋଇଥିଲା। ତେବେ ଏହି ହତ୍ୟାକାଣ୍ଡ ପାଇଁ ମୁସଲମାନ ପ୍ରବାସୀଙ୍କୁ ଭୁଲ୍ ଭାବେ ଦାୟୀ କରାଯାଇଥିଲା, ଯାହାଫଳରେ ହିଂସା ବଢ଼ିଥିବା ପୋଲିସ ସୂଚନା ଦେଇଛି।






# ଘଟଣା ଉଦ୍ଦେଶ୍ୟମୂଳକ ଥିଲା

## ଏସ୍‌ସିବି ମେଡିକାଲରେ ୨ ରୋଗୀଙ୍କୁ ଡାକ୍ତରଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ

### ୩ ଜଣିଆ ତଦନ୍ତ ଟିମ୍‌ର ତନାଘନା

କଟକ,୧୪।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦୁଇ ମହିଳା ରୋଗୀଙ୍କୁ ଡାକ୍ତରଙ୍କ ବଳାତ୍କାର ଉଦ୍ୟମ ଘଟଣାର ପ୍ରାଥମିକ ତଦନ୍ତରୁ ପୋଲିସକୁ ସାଂଘାତିକ ତଥ୍ୟ ମିଳିଛି। କାର୍ଡିଓଲୋଜି ବିଭାଗ ଡାକ୍ତର ଠାକୁର ଦିଲ୍‌ବାଗ ସିଂ ଯୋଜନାବଦ୍ଧ ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଏହି କାଣ୍ଡ ଭିଆଇଥିବା ନେଇ ପୋଲିସ ସ୍ପଷ୍ଟ କରିଛି। ଏପରି କି ଜାଣତରେ ମେଡିକାଲରେ ମହିଳା ରୋଗୀଙ୍କ ଇକୋ କରିବା ସମୟରେ ଆବଶ୍ୟକୀୟ ନିୟମ ବା ଏସ୍‌ଓପିକୁ ଡାକ୍ତର ଠାକୁର ଉଲ୍ଲଂଘନ କରିଥିଲେ। ଅନ୍ୟପଟେ ଅଭିଯୁକ୍ତ ଡାକ୍ତର ଠାକୁରଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି।

ମିଶ୍ରଙ୍କ ସୂଚନା ଅନୁସାରେ, ମେଡିକାଲରେ ଅଭିଯୁକ୍ତ ଡାକ୍ତର ଠାକୁର ଶୁକ୍ରବାର ବଦଳରେ ଜାଣିଶୁଣି ରବିବାର ଇକୋ କରେଇବା ପାଇଁ ଉଭୟ ମହିଳାଙ୍କୁ ଡାକିଥିଲେ। ଏପରିକି ମହିଳା କର୍ମଚାରୀଙ୍କ ଉପସ୍ଥିତିରେ ପରୀକ୍ଷା କରିବାକୁ ମନା କରିଥିଲେ ଏବଂ ଅଭିଯୋଗକାରୀ ଜଣେ ଡାକ୍ତର ହୋଇଥିଲେ ମଧ୍ୟ ତାଙ୍କୁ ବି ସେଠାରୁ ବାହାରକୁ ବାହାର କରି ଦେଇଥିଲେ। ଇକୋ ପରୀକ୍ଷା କରାଇବାକୁ ପ୍ରାୟ ୧୫ ମିନିଟ୍ ଲାଗିଥାଏ। କିନ୍ତୁ ଅଭିଯୁକ୍ତ ଡାକ୍ତର ଠାକୁର ୩୦ ମିନିଟ୍ ଲେଖାଏ ଉଭୟ ମହିଳାଙ୍କ ପରୀକ୍ଷା କରିଥିଲେ। ଦୁଇଜଣ ରୋଗୀ ମହିଳା ହୋଇଥିବାବେଳେ ପରୀକ୍ଷା ସମୟରେ ଜଣଙ୍କୁ ପାଖରେ ରଖି ପାରିଥାନ୍ତେ, କିନ୍ତୁ ସେଥିପାଇଁ ମଧ୍ୟ ସେ ମନା କରିଥିଲେ। ଅନ୍ୟପଟେ ପୀଡ଼ିତାଙ୍କ ବୟାନ ଓ ପାରିପାର୍ଶ୍ୱିକ ତଥ୍ୟ ପ୍ରମାଣରୁ ଅଭିଯୁକ୍ତ ଡାକ୍ତର ଠାକୁର ଘଟଣା ନିଜେ ଭିଆଇଛନ୍ତି। ଅଭିଯୁକ୍ତଙ୍କୁ କୌଣସି ଭାବେ ଫସାଯାଇ ନାହିଁ କିମ୍ବା ଏଥିରେ କୌଣସି ଷଡ଼ଯନ୍ତ୍ର ନ ଥିବା ମିଶ୍ର କହିଛନ୍ତି। ଅନ୍ୟପଟେ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗଠିତ ୩ଜଣିଆ ଟିମ୍ ବୁଧବାର ଏସ୍‌ସିବି ମେଡିକାଲର କାର୍ଡିଓଲୋଜି ବିଭାଗରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡିଏମ୍‌ଇଟି ଡାକ୍ତର ସନ୍ତୋଷ କୁମାର ମିଶ୍ର, ଯୁଗ୍ମ ଡିଏମ୍‌ଇଟି ଡାକ୍ତର ରୋମା ରତନ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ତଥା କଲେଜ ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ରଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ କାର୍ଡିଓଲୋଜି ବିଭାଗୀୟ ମୁଖ୍ୟ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟ ପ୍ରଫେସର ଓ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏନେଇ ଡିଏମ୍‌ଇଟି ମିଶ୍ର କହିଛନ୍ତି, ସମସ୍ତ ବିଷୟରେ ମେଡିକାଲରେ ଆଜି ଆଲୋଚନା କରାଯାଇଛି। ପ୍ରିଲିମିନାରି ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ। ତଦନ୍ତ କରିଛୁ, ଡାକ୍ତର ଠାକୁରଙ୍କୁ ନିଲମ୍ବନ କରାଯିବ କି ନାହିଁ ସେ ବିଷୟରେ ନିଷ୍ପତ୍ତି ନିଆଯିବ। ଆଗାମୀ ଦିନରେ ଏଭଳି ଘଟଣାର ଯେମିତି ପୁନରାବୃତ୍ତି ନ ହୁଏ, ସେନେଇ ପ୍ରୋଟୋକଲ୍ ପ୍ରସ୍ତୁତ କରାଯିବ ବୋଲି ଡିଏମ୍‌ଇଟି କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲର କାର୍ଡିଓଲୋଜି ବିଭାଗର ଡାକ୍ତର ଠାକୁର ଦୁଇ ମହିଳା ରୋଗୀଙ୍କୁ ଇକୋ ପରୀକ୍ଷା କରାଇବା ଆଳରେ ବଳାତ୍କାର ଉଦ୍ୟମ କରିଥିବା ନେଇ ମଙ୍ଗଳବାର ଅଭିଯୋଗ ପରେ ମଙ୍ଗଳାବାଗ ପୋଲିସ ଅଭିଯୁକ୍ତ ଠାକୁରକୁ ଗିରଫ କରି କୋର୍ଟଚାଲାଣ କରିଛି।

# ଡେପୁଟି କଲେକ୍ଟରଙ୍କ ସମେତ ୪ ଗିରଫ

## ସରକାରୀ ଅର୍ଥ ହେରଫେର ଅଭିଯୋଗ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୧୪।୮


ବାଲିଗୋହିରୀସ୍ଥିତ ଭଡ଼ାଘରେ ଭିଜିଲାନ୍ସର ଚଢ଼ାଉ।

ସରକାରୀ ଅର୍ଥ ହେରଫେର ଅଭିଯୋଗରେ ବାଲେଶ୍ୱର ଜିଲା ନୀଳଗିରିରେ ଅବସ୍ଥାପିତ ଡେପୁଟି କଲେକ୍ଟର ପରିକ୍ଷିତ ଜେନାଙ୍କ ସମେତ ୪ଜଣଙ୍କୁ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଗିରଫ କରିଛି। ଏଥିସହ ଡେପୁଟି କଲେକ୍ଟରଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକର ପୂର୍ବତନ କ୍ୟାଶିୟର ତଥା ବର୍ତ୍ତମାନ କପ୍ତିପଦା ତହସିଲରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ନିରୀକ୍ଷକ ଦେବଦତ୍ତ ଦାସ, ବାରିପଦାର ବ୍ୟବସାୟୀ ସୁଜିତ୍ କୁମାର ମହାନ୍ତି ଓ ଅଖିଳ କୁମାର ଦାସ।

ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ କରୋନା ମହାମାରୀ ସମୟରେ ଓଏମ୍‌ବିଡିଏସ୍ ପାଣ୍ଠିରୁ ମଞ୍ଜୁର ହୋଇଥିବା ୧କୋଟି ୧୯ଲକ୍ଷ ୭୯ହଜାର ୭୮୮ଟଙ୍କାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରା ନ ଯାଇ ହେରଫେର ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଘଟଣାର ତଦନ୍ତ ପାଇଁ ବାଲେଶ୍ୱର ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ମହେଶ୍ୱର ସେଠୀଙ୍କ ନେତୃତ୍ୱରେ ୬ଟି ଟିମ୍ ଗଠନ କରାଯାଇଥିଲା। ବୁଧବାର ସକାଳେ ଏହି ଟିମ୍ ଡେପୁଟି କଲେକ୍ଟର ତଥା ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକର ତତ୍କାଳୀନ ବିଡିଓ ଜେନାଙ୍କ ନୀଳଗିରିସ୍ଥିତ କାର୍ଯ୍ୟାଳୟ, ବାଲିଗୋହିରୀସ୍ଥିତ ଭଡ଼ାଘର, ବାରିପଦାସ୍ଥିତ ଭଡ଼ାଘର, ଶୁଳିଆପଦା ବ୍ଲକ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ଚଢ଼ାଉରେ ଭିଜିଲାନ୍ସର ଦୁଇଜଣ ଡିଏସ୍‌ପି, ଜଣେ ଇନ୍ସପେକ୍ଟର, ଦୁଇ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଚଢ଼ାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରାଯାଇଛି।

# ନୂଆଗାଁ ସରପଞ୍ଚ ଗିରଫ

## ରେଳ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ

ନୂଆଗାଁ,୧୪।୮(ବିଜୟ ତ୍ରିପାଠୀ)


ଗିରଫ ମାଇକେଲ ମିଞ୍ଜ

ସୁନ୍ଦରଗଡ଼ ଜିଲା ନୂଆଗାଁ ନିକଟସ୍ଥ ରେଳଲାଇନ ପାର୍ଶ୍ୱରେ ଗାତ ଖୋଳି କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଦି ବିଭିନ୍ନ କାର୍ଯ୍ୟକଳାପକୁ ନେଇ ବନ୍ଧମୁଣ୍ଡା ଆର୍‌ପିଏଫ୍ ବୁଧବାର ନୂଆଗାଁ ସରପଞ୍ଚଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମାଇକେଲ ମିଞ୍ଜ। ଜାମିନ ନ ମିଳିବାରୁ ତାଙ୍କୁ ରାଉରକେଲା ଜେଲକୁ ପଠାଇ ଦିଆଯାଇଛି। ରେଳୱେ ଆକ୍ଟ ୧୫୩ରେ ଏକ ମାମଲା ରୁଜୁ କରାଯାଇଛି। ଆର୍‌ପିଏଫ୍‌ର କହିବା ଅନୁସାରେ, ନୂଆଗାଁଠାରେ ରେଳୱେ ବିଭାଗ ଦ୍ୱାରା ଦ୍ୱିତୀୟ ରେଳଲାଇନ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟରେ ମାଇକେଲ ବାଧା ସୃଷ୍ଟି କରୁଥିଲେ। ଏନେଇ ସମ୍ପୃକ୍ତ କଣ୍ଟ୍ରାକ୍ଟର ଅଭିଯୋଗ କରିଥିଲେ। ମାଇକେଲ ଗିରଫ ହେବା ପରେ ନୂଆଗାଁ ଏବଂ ଏହାର ଆଖପାଖ ଅଞ୍ଚଳର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେତେକ ଆଦିବାସୀ ଲୋକ କହିଛନ୍ତି, ମାଇକେଲ ରେଳ ପ୍ରଶାସନ ସହିତ ଜମି ପାଇଁ ଲଢେଇ କରୁଥିଲେ। କିନ୍ତୁ ଯୋଜନା ମୁତାବକ ତାଙ୍କୁ ଜେଲକୁ ପଠାଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ବନ୍ଧମୁଣ୍ଡା, କପାଟମୁଣ୍ଡା ସମେତ ଆଖପାଖ ଆଦିବାସୀ ଅଞ୍ଚଳରେ ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି।

# ଋଣ ଶୁଝି ନ ପାରି ନଦୀକୁ ପୁଅଙ୍କୁ ଫିଙ୍ଗି ମା' ଡେଇଁଲେ

## ପୁଅ ମୃତଦେହ ଜବତ

ନିଶ୍ଚିନ୍ତକୋଇଲି/ନେମାଳ, ୧୪।୮ (ଅଶୋକ କୁମାର ମହାପାତ୍ର, କିରଣ ଶଙ୍କର ନାୟକ)



ମୃତ ସେକ୍ ତାୟାର ଉଦ୍ଦିନ। ମା' ସୁହାନା ପରୱିନ।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ ଓ ନିର୍ଯାତନା ଅସହ୍ୟ ହେବାରୁ ଋଣଭାର ସହି ନ ପାରି ଶେଷରେ ନିଜର ଏକମାତ୍ର ପୁଅଙ୍କୁ ଚିତ୍ରୋତ୍ପଳା ନଦୀକୁ ଫିଙ୍ଗି ମା' ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକେ ପୁଅଙ୍କ ମୃତଦେହକୁ ଉଦ୍ଧାର କରିଥିଲାବେଳେ ମା' ସନ୍ଧ୍ୟା ସୁଦ୍ଧା ନିଖୋଜ ଅଛନ୍ତି।

ନେମାଳ ଥାନା ମାଳିଗାଁରେ ସୁହାନା ପରୱିନ(୨୯) ୨ପିଲାଙ୍କୁ ନେଇ ଦୀର୍ଘଦିନ ହେଲା ତାଙ୍କ ମଉସା ଘରେ ରହି ଆସୁଥିଲେ। ଏହି ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା କାରଣରୁ ସୁହାନା ସ୍ଥାନୀୟ ଅଞ୍ଚଳରେ ଥିବା ୭ଟି ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଲକ୍ଷାଧିକ ଟଙ୍କା ଋଣ ଆକାରରେ ଆଣିଥିଲେ। ତେବେ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବା କାରଣରୁ ସୁହାନା ଠିକ୍ ସମୟରେ ଋଣ ପରିଶୋଧ କରି ପାରୁ ନ ଥିଲେ। ଋଣ ପରିଶୋଧ ନ କରିବା କାରଣରୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀମାନେ ତାଙ୍କୁ ବାରମ୍ବାର ଋଣ ପରିଶୋଧ କରିବା ନିମନ୍ତେ ଚାପ ପକାଇ ଆସୁଥିଲେ। ଏହାକୁ ନେଇ ତାଙ୍କ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ବୁଧବାର ଏହା ଉଗ୍ରରୂପ ନେଇଥିଲା। ସୁହାନା ଅପରାହ୍ନରେ ନିଜର ପୁତ୍ର ସେକ ତାୟାର ଉଦ୍ଦିନ(୧୨) ଓ ଏକମାତ୍ର କନ୍ୟାକୁ ସାଙ୍ଗରେ ଧରି ରକ୍ତ ପରୀକ୍ଷା ନିମନ୍ତେ ସ୍ଥାନୀୟ ଏକ ଡାକ୍ତରଖାନାକୁ ଆସୁଥିଲେ। ଏହି ସମୟରେ ଆକସ୍ମିକ ଭାବେ ସ୍ଥାନୀୟ ଚିତ୍ରୋତ୍ପଳା ନଦୀର ଠାକୁରାଣୀ ଗଡା ନିକଟରେ ସୁହାନା ପୁଅ ସେକ ତାୟାରଙ୍କୁ ନଦୀକୁ ଫିଙ୍ଗି ଦେଇଥିଲେ। ପରେ ନିଜେ ନଦୀକୁ ଡେଇଁ ପଡିଥିଲେ। ଝିଅ ଆୟଶା ଫିର୍ଦୋଶ (୧୦) ଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିଥିଲେ। ପୁଅ ଓ ମା' ନଦୀରେ ବୁଡ଼ି ଯାଉଥିବା ସ୍ଥାନୀୟ ଅଞ୍ଚଳର ଯୁବକମାନେ ଦେଖିବାକୁ ପାଇଥିଲେ। ସେମାନେ ନଦୀକୁ ଡେଇଁ ପୁଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସ୍ଥାନୀୟ ଦମକଳ ବାହିନୀ ଓ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀରେ ସୁହାନାଙ୍କୁ ଖୋଜାଖୋଜି ଜାରି ରଖିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେକ ତାୟାରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

# ଜାଲ୍ କାଗଜପତ୍ରରେ ଜମି ବିକ୍ରି, ୫ ଗିରଫ

କଟକ,୧୪।୮ (କାର୍ତ୍ତିକ ସାହୁ)

ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଜମି ବିକ୍ରି ମାମଲାରେ ଚାଉଳିଆଗଞ୍ଜ ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁନା ଓରଫ ସେକ୍ ଆବିଦ୍, ଲିଟୁନ୍ ଓରଫ ଇଖାର ଅହେମଦ୍ ଖାନ୍, ଲିଟୁ ଓରଫ ସ୍ମୃତିରଞ୍ଜନ ସମଦର୍ଶୀ, ପ୍ରସନ୍ନ ଓରଫ ପର୍ଶୁରାମ ଭୋଇ ଏବଂ ଝାଟିଆ ଓରଫ ସୁଶାନ୍ତ କୁମାର ରାଉତରାୟ (୪୬)। ସେମାନଙ୍କ ନିକଟରୁ ୯୮,୯୯୯ ଟଙ୍କା, ନକଲି ଭୋଟର କାର୍ଡ ଓ ଆଧାର କାର୍ଡ, ସରକାରୀ ଅଧିକାରୀମାନଙ୍କ ନକଲି ସିଲ୍, କମ୍ପ୍ୟୁଟର, ପ୍ରିଣ୍ଟର, ମୋବାଇଲ୍ ଫୋନ୍ ଆଦି ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସିଂଘପୁର ଗ୍ରାମର ନୀହାର ରଞ୍ଜନ ସେନାପତିଙ୍କର କଟକ ଗଣ୍ଡରପୁରଠାରେ ଏକ ପ୍ଲଟ୍ ରହିଛି। ଉକ୍ତ ପ୍ଲଟ୍‌ରେ ଏକ ବିଲ୍ଡିଂ ମଧ୍ୟ ରହିଛି। ଏହି ପ୍ଲଟ୍ ବିକ୍ରି କରିବା ପାଇଁ ତାଙ୍କୁ ବହୁ ଲୋକ ଫୋନ୍ କରନ୍ତି। ସେଥିପାଇଁ ସେ ଉକ୍ତ ପ୍ଲଟ୍‌ରେ ତାଙ୍କ ଶାଳକଙ୍କ ଫୋନ୍ ନମ୍ବର ସହ ପ୍ଲଟ୍ ବିକ୍ରି ପାଇଁ ନୁହଁ ବୋଲି ପୋଷ୍ଟରରେ ଉଲ୍ଲେଖ କରିଥିଲେ। ପୋଷ୍ଟର ମାରିବା ପରେ ଜଣେ ଦୁର୍ବୃତ୍ତ ସେହି ପ୍ଲଟ୍ କିଣିଥିବା ତାଙ୍କ ଶାଳକଙ୍କୁ ଫୋନ୍ କରି କହିବା ସହ ଧମକ ଦେଇଥିଲେ। ସେ ପ୍ଲଟ୍‌ର ଇସି ବାହାର କରିବା ପରେ ଜୁନ୍ ୧୯ରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ଉକ୍ତ ପ୍ଲଟ୍ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲେ। ସେ ପୁଣି ଉକ୍ତ ପ୍ଲଟ୍‌ରେ ପୋଷ୍ଟର ଲଗାଇଥିଲେ। ଆଉଥରେ ତାଙ୍କୁ ଫୋନ୍ କଲ୍‌ରେ ଜୀବନରୁ ମାରିଦେବାର ଧମକ ମିଳିଥିଲା। ଏନେଇ ନୀହାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୮୭/୨୪) ରୁଜୁ କରି ତଦନ୍ତ କରିଥିଲା।

# ହୋଟେଲ ରୁମ୍‌ରୁ ଦୁଇ ଯୁବତୀଙ୍କ ସହ ସ୍ୱାମୀଙ୍କୁ ଧରିଲେ ସ୍ତ୍ରୀ

## ମହିଳାଙ୍କର ଷ୍ଟିଙ୍ଗ ଅପରେଶନକୁ ନେଇ ଚର୍ଚ୍ଚା

- ଧୋକାବାଜ୍ ରାପର ସ୍ୱାମୀଙ୍କ ସହ ୬ ଗିରଫ
- ଧରାଇଦେଲା ରାତିଅଧିଆ ଖାଦ୍ୟ ଅର୍ଡର

ଭୁବନେଶ୍ୱର,୧୪।୮ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ସହ ଝଗଡ଼ା କରି ଆତ୍ମହତ୍ୟା କରିବାକୁ ଧମକ ଦେଉଥିଲେ। ହେଲେ ହୋଟେଲରେ ରହି ଯୁବତୀଙ୍କ ସହ ରାତି କାଟୁଥିଲେ। ଭୁବନେଶ୍ୱର ପଟିଆ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲ ରୁମ୍‌ରେ ଦୁଇ ବଙ୍ଗୀୟ ଯୁବତୀଙ୍କ ସହ ରାତି ବିତାଉଥିବା ଏହି ରଙ୍ଗିଲା ଧୋକାବାଜ ସ୍ୱାମୀଙ୍କୁ ଶେଷରେ ତାଙ୍କ ସ୍ତ୍ରୀ ଧରିଛନ୍ତି। ରାତି ଅଧରେ ପୋଲିସ ସହାୟତାରେ ମହିଳାଙ୍କର ଏହି ଷ୍ଟିଙ୍ଗ୍ ଅପରେଶନ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ମହିଳାଙ୍କ ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀ ଅଭିନବ ସିଂଙ୍କ ସହ ୬ଜଣଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଅଭିନବଙ୍କ ଘର କଟକରେ ହୋଇଥିବାବେଳେ ସେ ରାପର ଭାବେ କାମ କରନ୍ତି। ଗିରଫ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଚଢ଼ାଉ ସମୟରେ ପୀଡିତା ମହିଳାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଉଦ୍ୟମ କରିଥିବା ୨ ଯୁବକ ଓ ୩ ଯୁବତୀ। ସେମାନେ ହେଲେ କଟକର ସିଲୁ ନାୟକ ଓ ରାକେଶ ବେହେରା, ଲକ୍ଷ୍ମୀସାଗରରେ ରହୁଥିବା ଜଗତ୍‌ସିଂହପୁରର ଅନିନ୍ଦିତା ନାୟକ, ପଶ୍ଚିମବଙ୍ଗର ତନୁଶ୍ରୀ ଦାସ ଓ ରୂପା ପାନ। ତେବେ ଅଭିଯୁକ୍ତ ସ୍ୱାମୀ ଅଭିନବଙ୍କ କାରନାମାକୁ ଧରାଇ ଦେଇଛି ଅନ୍‌ଲାଇନ ଟ୍ରାଞ୍ଜାକ୍ସନ। ରୁମ୍ ଭିତରୁ ମଦ ସହ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଅନ୍ୟପଟେ ଅଭିନବଙ୍କ ନାମରେ ନନ୍ଦନକାନନ ଥାନାରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋୟୀ କହିଛନ୍ତି। ଉକ୍ତ ହୋଟେଲରେ ଅଭିନବ ୩ଟି ରୁମ୍ ବୁକ୍ କରିଥିଲେ। ତେଣୁ ସେକ୍ସ ର‌୍ୟାକେଟ ଚାଲିଥିବା ସନ୍ଦେହ କରାଯାଉଥିବାବେଳେ ଏହି ଘଟଣାରେ ଅଧିକ ତଦନ୍ତ ଚଳାଇଛି ପୋଲିସ।

ମହିଳାଙ୍କ ଅଭିଯୋଗ ଓ ପୋଲିସ ସୂଚନାନୁସାରେ, ୨୦୨୨ରେ ଅଭିନବ ଅଭିଯୋଗକାରିଣୀଙ୍କୁ ବିବାହ କରିଥିଲେ। ସେହି ସମୟରେ ଅଭିନବ ସଫ୍ଟୱେୟାର୍ କମ୍ପାନୀରେ ଚାକିରି କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଚାକିରି ଛାଡି ରାପର ଭାବେ କାମ କରୁଥିଲେ। ଅନେକ ସଙ୍ଗୀତରେ ସେ ରାପ୍ କରନ୍ତି। ହେଲେ ଅନେକ ସମୟରେ ଅଭିନବ ସ୍ତ୍ରୀଙ୍କୁ ନିର୍ଯାତନା ଦେବାରୁ ଘରେ ଅଶାନ୍ତି ଲାଗି ରହୁଥିଲା। ମଙ୍ଗଳବାର ସକାଳେ କୌଣସି କଥାକୁ ନେଇ ଅଭିନବ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ରାଗିଯାଇ ଅଭିନବ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଆଉ ଏହାପରେ ଘରୁ ବାହାରିବାବେଳେ ସେ ଭୁବନେଶ୍ୱରରେ କାମ ଅଛି ବୋଲି ସ୍ତ୍ରୀଙ୍କୁ କହିଥିଲେ। ହେଲେ ସ୍ୱାମୀଙ୍କ ଆତ୍ମହତ୍ୟା କଥା ସ୍ତ୍ରୀଙ୍କୁ ବ୍ୟଥିତ କରିଥିଲା। ଏନେଇ ବାରମ୍ବାର ଅଭିନବଙ୍କ ପାଖକୁ ଫୋନ୍ କରୁଥିଲେ ମଧ୍ୟ ସେ ଉଠାଉ ନ ଥିଲେ। ସେଥିପାଇଁ ବିଚଳିତ ହୋଇପଡିଥିଲେ ସ୍ତ୍ରୀ। କିନ୍ତୁ ହଠାତ୍ ରାତି ଅଧରେ ସ୍ତ୍ରୀଙ୍କ ମୋବାଇଲ୍‌କୁ ଫୁଡ୍ ଡେଲିଭରିର ନୋଟିଫିକେଶନ ଆସିଥିଲା। ଅଭିନବଙ୍କ ଆପ୍‌ର ଆଇଡି ସ୍ତ୍ରୀଙ୍କ ପାଖରେ ଥିଲା। ବାରମ୍ବାର ଏକାଧିକ ଖାଇବା ଅର୍ଡର ଆସିବା ପରେ ତାଙ୍କର ସନ୍ଦେହ ବଢିଥିଲା। ଏହି ସମୟରେ ବଙ୍ଗୀୟ ଯୁବତୀଙ୍କ ଫୋନ୍ ରିଚାର୍ଜର ମେସେଜ ଆସିବାରୁ ସ୍ତ୍ରୀଙ୍କ ସନ୍ଦେହ ଅଧିକ ଘନିଭୂତ ହୋଇଥିଲା। ଏହାପରେ ସେ ଥାନାରେ ପହଞ୍ଚି ସବୁକଥା ଜଣାଇବା ପରେ ପୋଲିସକୁ ଧରି ସିଧା ଭୋର୍ ସମୟରେ ହୋଟେଲ 'ସେ ହ୍ୟାଲୋ'ରେ ପହଞ୍ଚି ଅଭିନବଙ୍କ ନାମରେ ବୁକ୍ ହୋଇଥିବା ରୁମ୍‌ରେ ପହଞ୍ଚିଥିଲେ। ଆଉ ସେଠାରେ ସ୍ୱାମୀଙ୍କ ସହ ୨ ଯୁବତୀଙ୍କୁ ଦେଖି ସ୍ତ୍ରୀ ଆବାକ୍ ହୋଇଯାଇଥିଲେ। ଏହି ସମୟରେ ପୋଲିସ ଅଭିନବଙ୍କ ସହ ଉକ୍ତ ରୁମ୍‌ରେ ଲୁଚିଥିବା ଦୁଇ ବଙ୍ଗୀୟ ଯୁବତୀଙ୍କୁ ଧରିଥିଲେ। ଏଥିସହ ଅନ୍ୟ ରୁମ୍‌ରେ ଥିବା ଜଣେ ଯୁବତୀ ଓ ଅନ୍ୟ ଦୁଇ ଯୁବକଙ୍କୁ ମଧ୍ୟ ପୋଲିସ କାବୁ କରିଥିଲା। ଏହି ଧରପଗଡ଼ ଭିତରେ ଅଭିଯୋଗକାରିଣୀ ମହିଳାଙ୍କୁ ଅଭିଯୁକ୍ତ ଓ ଅଭିଯୁକ୍ତାମାନେ ଗାଳିଗୁଲଜ ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସମସ୍ତ ଅଭିଯୁକ୍ତାଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ମାମଲା (ନଂ.୩୯୦/୨୦୨୪) ରୁଜୁ କରି ଗିରଫ କରିଥିଲା। ସେମାନଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି।

## ଜଟଣୀ ରଙ୍ଗଣୀ ସାହିରେ ହତ୍ୟାକାଣ୍ଡ

# ଗଳା କାଟି ହତ୍ୟା, କାରଣ ଅସ୍ପଷ୍ଟ

ଜଟଣୀ,୧୪।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ କୁଦିଆରୀ ରଙ୍ଗଣୀ ସାହିରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ରଙ୍ଗଣୀ ସାହିସ୍ଥିତ ଜାଗେଶ୍ୱରୀ କ୍ଲବ ପଛ ପାର୍ଶ୍ୱରେ ଥିବା ଗୋଷ୍ଠୀ ସଭାଗୃହ ଭିତରେ ଗଳାକଟା ଅବସ୍ଥାରେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ପ୍ରଫୁଲ୍ଲ ବାରିକ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଘଟଣା ଘଟିଥିବା ସ୍ଥାନରେ ସବୁବେଳେ ପ୍ରଫୁଲ୍ଲ ଓ ତାଙ୍କ ସହିତ ୩ ରୁ ୪ ଜଣ ମଦ ପିଇ ବସାଉଠା କରିଥାନ୍ତି। ବୁଧବାର ମଧ୍ୟ ସେମାନେ ଏହି ସ୍ଥାନରେ ବସିଥିଲେ। କିଛି ପୂର୍ବ ଶତ୍ରୁତାରୁ ପ୍ରଫୁଲ୍ଲଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାରେ ଜଟଣୀ ପୋଲିସ ସହିତ ଭୁବନେଶ୍ୱର ଜୋନ୍-୩ ଏସିପି ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତକରି ଘଟଣା ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଥିବା ଜଣାପଡିଛି। ହତ୍ୟାକାଣ୍ଡସ୍ଥଳରେ ଭଙ୍ଗା ବୋତଲ ଏବଂ କିଛି ମଦ ବୋତଲ ରହିଥିବାରୁ ମଦ ନିଶାରେ କୌଣସି କାରଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଏଥିସହ ଖୁବ୍ ଶୀଘ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରାଯିବ ବୋଲି ଏସିପି ଜୋନ୍ -୩ କହିଛନ୍ତି। ସୂଚନାଥାଉ କି, ଗତ ସପ୍ତାହରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନରେ ଘଟିଥିବା ଡବଲ ମର୍ଡର କଥା ଲୋକଙ୍କ ମନରୁ ନ ଲିଭୁଣୁ ବୁଧବାର ଜଟଣୀରେ ଆଉ ଏକ ବୀଭତ୍ସ ହତ୍ୟା ସ୍ଥାନୀୟ ଅଞ୍ଚଳରେ ଭୟରେ ପରିବେଶ ସୃଷ୍ଟି କରିଛି। ଏଥିସହ କମିଶନରେଟ ପୋଲିସର ପାଟ୍ରୋଲିଂ ଏବଂ ଅସାମାଜିକ ବ୍ୟକ୍ତି, ଜେଲ ଫେରନ୍ତାଙ୍କ ଗତିବିଧି ଉପରେ ନଜର ରଖିବାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
## (ଭୂ-ଅର୍ଜନ ଉପ ବିଭାଗ)
### ଘୋଷଣା

ବିଜ୍ଞପ୍ତି ସଂଖ୍ୟା-୧୦୮୨ — ତାରିଖ ୦୮.୦୮.୨୦୨୪, ଜିଲ୍ଲା-ସୁନ୍ଦରଗଡ଼

**No.VII-07:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଖମାରବାହାଲ**, ଥାନା-ଭଷ୍ମା, ତହସିଲ-ଟାଙ୍ଗରପାଲି, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କୋରିଡର ରାସ୍ତା ନିର୍ମାଣ ନିମନ୍ତେ ଭୂମି-ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୯୦, ତା.୦୯.୦୮.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଖମାରବାହାଲ,** ଥାନା-ଭଷ୍ମା, ତହସିଲ-ଟାଙ୍ଗରପାଲି, ଜିଲ୍ଲା-ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ସୁନ୍ଦରଗଡ଼ — ତହସିଲ-ଟାଙ୍ଗରପାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଖମାରବାହାଲ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | | | | | |

Full Land Schedule (Village-Khamarbahal)

| କ୍ର.ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏ.ଡି.) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
|---|---|---|---|---|---|---|
| ୧ | ୨୫ | ନକୁଳ ବୁଡା, ପିତା:ଜଗନ୍ନାଥ ବୁଡା, ଜାତି:ଭୂୟାଁ, ବାସସ୍ଥାନ:ନିଜଗାଁ | ୧୫୫୭ | ଗୋଡ଼ାଦୁଇ | ୦.୪୦ | ୦.୧୫ |
| | | | ମୋଟ | ୧ ପ୍ଲଟ | ୦.୪୦ | ୦.୧୫ |

ତଫସିଲ-ଖ
(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ସୁନ୍ଦରଗଡ଼ — ତହସିଲ-ଟାଙ୍ଗରପାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୯.୦୮.୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଆଶୁତୋଷ କୁଲକର୍ଣ୍ଣି
ଭାରପ୍ରାପ୍ତ-ଜିଲ୍ଲାପାଳ, ସୁନ୍ଦରଗଡ଼

### ଜମି ତଫସିଲ

ମୌଜା-ଖମାରବାହାଲ — ତହସିଲ-ଟାଙ୍ଗରପାଲି — ଥାନା-ଭଷ୍ମା — ଜିଲ୍ଲା-ସୁନ୍ଦରଗଡ଼

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୨ | ୨୫ | ୬୧୭ | ଗୋଡା-୧ | ୦.୪୦ | ୦.୧୫ | ନକୁଳ ବୁଡା,ପି:ଜଗନ୍ନାଥ ବୁଡା, ଜା:ଭୂୟାଁ, ବା:ନିଜଗାଁ |
| ମୋଟ ଅର୍ଜନ ରକବା | | | | | ୦.୧୫ | |

ସ୍ୱା./-ରାଜସ୍ୱ ନିରୀକ୍ଷକ, ଭୂ-ଅର୍ଜନ ଉପବିଭାଗ, ସୁନ୍ଦରଗଡ଼
ସ୍ୱା./-ଭୂ-ଅର୍ଜନ ଅଧିକାରୀ, ଭୂ-ଅର୍ଜନ ଉପବିଭାଗ, ସୁନ୍ଦରଗଡ଼
ସ୍ୱା./-ଜିଲ୍ଲାପାଳ, ସୁନ୍ଦରଗଡ଼

OIPR-24160/14/0003/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଖୁଣ୍ଟା,୧୪।୮ (ଦେବରଞ୍ଜନ ବେହେରା)

ଖୁଣ୍ଟା ଥାନା ଅଧୀନ ଧାନଘେରା ଗ୍ରାମର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୫୯/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଧାନଘେରା ଗ୍ରାମର ରେବତୀ ବେହେରା ଖୁଣ୍ଟା ବ୍ଲକ କୃଷି ବିଭାଗ ଅଧୀନରେ କୃଷକ ସାଥୀ ଭାବେ କାର୍ଯ୍ୟରତ ଅଛନ୍ତି। ବୁଧବାର ବ୍ଲକ କାର୍ଯ୍ୟାଳୟରେ ଏକ ମିଟିଂ ସାରି ବାହାରକୁ ବାହାରିବା ପରେ ଖୁଣ୍ଟା ଥାନା ବାହାନଡ଼ା ଗ୍ରାମର ଶକ୍ତିପଦ ପାତ୍ର କୌଣସି କାରଣରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏକ କଟୁରି ସାହାଯ୍ୟରେ ହାଣି ଦେବାକୁ ଉଦ୍ୟମ କରୁଥିବା ବେଳେ କିଛି ଦୂରରେ ଥିବା ଅନ୍ୟମାନେ ଦୌଡ଼ି ଆସି ରେବତୀଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଏହି ଘଟଣାରେ ବ୍ୟବହୃତ ବାଇକ୍ ଓ କଟୁରି ଜବତ କରିଛି।

# ଚେକ୍ ବାଉନ୍ସ ମାମଲାରେ ଜେଲଦଣ୍ଡ

ବାରିପଦା,୧୪।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ୩ଟି ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି । ଜଜ୍ ଦୀପାଳୀ ଦାସ ଏହାର ବିଚାର କରି ଦୋଷୀଙ୍କୁ ଏକ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି । ଏହା ସହିତ ପ୍ରତି ମାମଲାର ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାରିପଦା ସହର ୱାର୍ଡନଂ. ୫ ଶାସ୍ତ୍ରୀ ମାର୍କେଟ ଅଞ୍ଚଳର ସତ୍ୟବ୍ରତ ପଟ୍ଟନାୟକ। ସୂଚନାଯୋଗ୍ୟ, ସତ୍ୟବ୍ରତ ମୋବାଇଲ ବ୍ୟବସାୟ ବାବଦକୁ ଶୁଳିଆପଦା ବ୍ଲକ କୋଷ୍ଠା ଅଞ୍ଚଳର ଫ୍ରାନସିସ ସାଥୁଆଙ୍କୁ ୩ଟି ଚେକ୍ ପ୍ରଦାନ କରିଥିଲେ। ସେଥି ମଧ୍ୟରେ ୩ ଲକ୍ଷ ୨୫ହଜାର, ୩ଲକ୍ଷ ୩୧ହଜାର ଓ ୩ଲକ୍ଷ ଟଙ୍କା ରହିଥିଲା। ଏହି ଚେକ୍ ଗୁଡ଼ିକ ବାଉନ୍ସ ହେବା ପରେ ଅଭିଯୋଗକାରୀ ବାରିପଦା ଏସ୍‌ଡିଜେଏମ୍ କୋର୍ଟରେ ତିନୋଟି ପୃଥକ ମାମଲା (୫୬/୨୨,୫୭/୨୨ ଓ ୫୮/୨୨ ୱାନ ସିସି)ରେ ଦାଏର କରିଥିଲେ। ଉକ୍ତ ମାମଲା ଜେଏମ୍‌ଏଫ୍‌ସି କୋର୍ଟକୁ ସ୍ଥାନାନ୍ତର ପରେ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ପ୍ରତ୍ୟେକ କେସରେ ଏକ ବର୍ଷ ଲେଖାଏ ୩ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୫୬ ନଂ. କେସର ୬ଲକ୍ଷ ୫୦ହଜାର, ୫୭ନଂ. କେସରେ ୬ଲକ୍ଷ ୬୨ହଜାର ଓ ୫୭ ନଂ. କେସରେ ୬ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାକୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରିଥିଲେ ।

## ଇଂରାଜୀରେ ପିଏଚ୍.ଡି. ଲାଭ



ଜାମିଆ ମିଲିଆ ଇସ୍ଲାମିଆ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ଇଂରାଜୀ ବିଭାଗର ଗବେଷକ ଶ୍ରୀଯୁକ୍ତ ବଳରାମ ପଣ୍ଡାଙ୍କୁ ଜାମିଆ ମିଲିଆ ଇସ୍ଲାମିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ୧୨ ଅଗଷ୍ଟ ୨୦୨୪ରେ ପିଏଚ୍‌ଡି ପ୍ରଦାନ କରାଯାଇଛି। ''ସମ୍ବଲପୁରୀ (କୋଶଲି) ଲୋକଗୀତ ମାଧ୍ୟମରେ ସାଂସ୍କୃତିକ ସଚେତନଶୀଳତାର ପୁନଃସନ୍ଧାନ: ହଳଧର ନାଗଙ୍କ ମନୋନୀତ କୃତିଗୁଡ଼ିକର ଏକ ଅଧ୍ୟୟନ''କୁ ନେଇ ଶ୍ରୀଯୁକ୍ତ ପଣ୍ଡା ଗବେଷଣା କରିଥିଲେ। ସେ ପ୍ରଥମ ଥର ପାଇଁ ଇଂରାଜୀ ଭାଷାରେ ଲୋକକବିଙ୍କ କବିତା ରଚନାଗୁଡ଼ିକ ଉପରେ ଇଂରାଜୀ ବିଭାଗର ପ୍ରଫେସର (ଡ.) ସରୋଜ କୁମାର ମହାନନ୍ଦ (Faculty of Humanities & Languages)ଙ୍କ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଗବେଷଣା କାର୍ଯ୍ୟକୁ ସମ୍ପନ୍ନ କରିଛନ୍ତି। ଏହି ଗବେଷଣା ନିବନ୍ଧ (Thesis)ଟିକୁ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଜାମିଆ ମିଲିଆ ଇସ୍ଲାମିଆ ଏବଂ ଇଗ୍ନୌ (IGNOU) ନୂଆଦିଲ୍ଲୀର ପ୍ରଫେସରମାନେ ପରୀକ୍ଷା କରିଛନ୍ତି। ଶ୍ରୀଯୁକ୍ତ ପଣ୍ଡାଙ୍କ ଗବେଷଣାକୁ ନେଇ ପିଏଚ୍‌ଡି ଗାଇଡ ପ୍ରଫେସର (ଡ.) ସରୋଜ କୁମାର ମହାନନ୍ଦ କହିଛନ୍ତି, ''ଲୋକକବି ହଳଧର ନାଗଙ୍କ କୃତିଗୁଡ଼ିକ ଉପରେ ଏହିପରି ଏକ ଶିକ୍ଷା ସମ୍ବନ୍ଧୀୟ ଆହ୍ୱାନମୂଳକ ଗବେଷଣା ସମ୍ବଲପୁରୀ/କୋଶଲି ପରିଚୟକୁ ମଜଭୁତ କରିବ। ପ୍ରକୃତରେ ସ୍ୱତନ୍ତ୍ର ପଶ୍ଚିମ ଓଡ଼ିଶା ରାଜ୍ୟର ଦାବିଗୁଡ଼ିକ ହଳଧର ନାଗଙ୍କ ସୃଜନଶୀଳ ରଚନାରୁ ସମର୍ଥନ ଲାଭ କରି ଆସୁଛି''।

ଧ-୧୦୪୦

# ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା

## ଜିଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

ବାରିପଦା,୧୪।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜିଲାପାଳ ହେମକାନ୍ତ ସାଏ ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ସ୍ୱାଧୀନତା ଦିବସ ଅବସରରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାରିପଦା ଷ୍ଟାଡିୟମ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ଜିଲାପାଳ ହେମକାନ୍ତ ସାଏ ଶୋଭାଯାତ୍ରାର ଶୁଭାରମ୍ଭ କରିବା ସହିତ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ଦେଇଥିଲେ। କାନ୍‌ଭାସରେ ଜୟହିନ୍ଦ, ଘରେ ଘରେ ତ୍ରିରଙ୍ଗା ଲେଖିଥିଲେ। ସେଲ୍‌ଫି ନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ସୂଚନାଯୋଗ୍ୟ, ଜିଲାର ସମସ୍ତ ବ୍ଲକ ଏବଂ ପଞ୍ଚାୟତସ୍ତରରେ ପ୍ରଶାସନ ପକ୍ଷରୁ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କୁ ସଚେତନ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ସହ ତ୍ରିରଙ୍ଗା ପତାକା ସହ ସେଲଫି ନେଇ ୱେବ୍‌ସାଇଟରେ ଅପଲୋଡ୍ କରି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ଜିଲାବାସୀଙ୍କୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ଜିଲାପାଳ ବିଭୁତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦଳାରେ ୨୦୦ ଫୁଟର ତ୍ରିରଙ୍ଗା

ଉଦଳା,୧୪।୮ (ସନ୍ତୋଷ କୁମାର ବାଛିନୀ)


ତ୍ରିରଙ୍ଗା ଶୋଭାଯତ୍ରାରେ ବିଧାୟକ ଭାସ୍କର ମଢ଼େଇ ଓ ଅନ୍ୟମାନେ।

ସ୍ୱାଧୀନତା ଦିବସ ଉପଲକ୍ଷେ ବୁଧବାର ଉଦଳା ଭାଜପା ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଉଦଳା କଲେଜ ସମ୍ମୁଖରୁ ବାହାରି ସହର ପରିକ୍ରମା ପରେ ସ୍ଥାନୀୟ ସନ୍ଧାନ ସଭାଗୃହଠାରେ ପହଞ୍ଚିଥିଲା। ବିଧାୟକ ଭାସ୍କର ମଢ଼େଇଙ୍କ ନେତୃତ୍ୱରେ ୨୦୦ ଫୁଟ ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରାରେ ଭାଜପା ଯୁବ ମୋର୍ଚ୍ଚା, ବିଶ୍ୱହିନ୍ଦୁ ପରିଷଦ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। କଲେଜ ରୋଡ୍‌ରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀମାନେ ମଧ୍ୟ ଯୋଗ ଦେଇଥିଲେ। ଦେଶାତ୍ମବୋଧ ସଙ୍ଗୀତର ତାଳେ ତାଳେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଧାୟକ ମଢ଼େଇଙ୍କ ସହ ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବରିଷ୍ଠ ଭାଜପା ନେତା ବିଭୂତି ଭୂଷଣ ମହାନ୍ତ, କମଳ କୁମାର ଧଳ, ନିହାର ରଞ୍ଜନ ମୋଦୀ, ଜିତେନ ଦତ୍ତ, ଅବିନାଶ ସାହା, ପ୍ରଭାତ ପରିଡ଼ା, ଝୁନାଲ ମଢ଼େଇ ଭାଜପାର ସମସ୍ତ ନେତୃବର୍ଗ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଆୟୋଜିତ ସଭାରେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଇନ୍ଦିରାଗାନ୍ଧୀ ମହିଳା କଲେଜ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ୍ୟ ପୃଥକ ପୃଥକ ଭାବେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଦେଶ ପ୍ରୀତି ଭାବ ସମସ୍ତଙ୍କ ମନରେ ଜାଗ୍ରତ ହେଉ'

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ବାରିପଦା,୧୪।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ରୋଭର୍ସ ରେଞ୍ଜର୍ସ, ଯୁବ ରେଡକ୍ରସ, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ହର୍ ଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଛାତ୍ରୀଛାତ୍ର ଓ ଅଧ୍ୟାପିକା,ଅଧ୍ୟାପକଙ୍କୁ ନେଇ କାର୍ଯ୍ୟକ୍ରମର ପ୍ରଥମ ଭାଗରେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ହାତରେ ତ୍ରିରଙ୍ଗା ଶୋଭାପାଇବା ସହ ଦେଶାତ୍ମବୋଧକ ନାରାରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଆଲବେର୍ଣ୍ଣିନା ତିର୍କିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମବେତ ଜାତୀୟ ସଂଗୀତ ଗାନ ସହ ତ୍ରିରଙ୍ଗା ଶପଥ ପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଆବାହକ ଡ.ଦୀପକ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରେଡ୍‌କ୍ରସ ଅଧିକାରିଣୀ ରାଇମନି ମାରାଣ୍ଡି, ଏନ୍‌ସିସି ଅଧିକାରୀ ଡ. ନରେନ୍ଦ୍ର ବେହେରା, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରିୟବ୍ରତ ବେହେରା, ବିତ୍ତୀୟ ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ଓ କ୍ରୀଡ଼ା ପ୍ରଶିକ୍ଷକ ସତ୍ୟନାରାୟଣ ବାରିକ ନିଜର ବକ୍ତବ୍ୟ ରଖିଥିଲେ। ଦେଶର ପରିଚୟରେ ନାଗରିକର ପରିଚୟ ଓ ଦେଶ ନ ରହିଲେ ନାଗରିକଙ୍କର କିଛି ବି ସତ୍ତା ନାହିଁ କହିବା ସହ ଦେଶ ପ୍ରୀତି ଭାବ ସମସ୍ତଙ୍କ ମନରେ ଜାଗ୍ରତ ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଡ.ରତ୍ନୀ ହାଁସଦା, ଡ. ସାଉନା ମାଝି ଓ ଭୀମ ଚରଣ ମୁର୍ମୁ ଯୋଗ ଦେଇଥିଲେ। ଅନୁଷ୍ଠିତ ସଂଗୀତ ପ୍ରତିଯୋଗିତାରେ ମୌସମ ନାୟକ ( ପ୍ରଥମ) , ଆଦ୍ୟାଶା ମହାପାତ୍ର (ଦ୍ୱିତୀୟ), ବିବାସ୍ୱାନ ମିଶ୍ର (ତୃତୀୟ) ସ୍ଥାନ ଅଧିକାର କରିଥିଲେ। ତ୍ରିରଙ୍ଗାକୁ ନେଇ କଲେଜର କର୍ମଚାରୀ ଦେବବ୍ରତ ଗିରିଙ୍କ ଦ୍ୱାରା ପ୍ରସ୍ତୁତ ଏକ ବୃତ୍ତ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ବୃତ୍ତ ଚିତ୍ରର ଥିମ ଓ ନିର୍ଦ୍ଦେଶନାକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରା

ମୋରଡ଼ା(ସ୍ୱାରକ ମାଜୀ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ)/ ରାଇରଙ୍ଗପୁର (ମାନସ ମହାନ୍ତି)/ କରଞ୍ଜିଆ (କବିତା ମହାନ୍ତ)/ ,୧୪।୮

ସ୍ୱାଧୀନତା ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଅଣାକର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଶୀର୍ଷାପାଳ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ସିଡିପିଓ ବିଟୁ ଟୁଡ୍ଡୁ, ୨୦ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ, ପୋଲିସ ପ୍ରଶାସନ, ଜବାହର ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଅରୁଣ କୁମାର ବେହେରା, ଭାଜପା ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତ, ଅମ୍ବରିଶ ବେହେରା, ମୋରଡ଼ା ବ୍ଲକ ସାମ୍ବାଦିକ ସଂଘର କର୍ମକର୍ତ୍ତା, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଲମା ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଠାକୁରମୁଣ୍ଡା ବ୍ଲକ ଭାଜପା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପଡ଼ିଆଠାରେ ଥିବା ପ୍ରତିମୂର୍ତ୍ତି ନିକଟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରମୁଣ୍ଡା ଡାକ ବଙ୍ଗଳାଠାରୁ ତ୍ରିରଙ୍ଗା ପଦଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ, ଯୋଗେନ୍ଦ୍ରନାଥ ମହାନ୍ତ, ବିମଳ ସେନାପତି, ବିଛେନ୍ଦ୍ର ବେହେରା, ସନ୍ତୋଷ ମହାନ୍ତ, ମଳୟ ପରିମାଣିକ, ବ୍ରହ୍ମାନନ୍ଦ ଦେହୁରୀ, ସୁଖଲାଲ ପଲେୟା, ଅଞ୍ଜନ ତ୍ରିପାଠୀ, ଗୁନା ବାରିକ, ଚିତ୍ତରଞ୍ଜନ ଦାସଙ୍କ ସମେତ କାର୍ଯ୍ୟକାର୍ତ୍ତାମାନେ ସାମିଲ ହୋଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଡିଓ ସପ୍ନେଶ୍ୱର ବେହେରାଙ୍କ ସମେତ ବ୍ଲକ କର୍ମଚାରୀମାନେ ତ୍ରିରଙ୍ଗା ଯାତ୍ରାରେ ଠାକୁରମୁଣ୍ଡା ବଜାର ପରିକ୍ରମା କରିଥିଲେ।

ରାଇରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ଘରେ ଘରେ ତ୍ରୀରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପୌରପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷ ମମିତା ଚୌଧୁରୀ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ପୀତାମ୍ବର ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶୋଭାଯାତ୍ରା ମାଧ୍ୟମରେ ଜନ ସଚେତନା କରାଯାଇଥିଲା।

ଶୁକ୍ରୁଲି ବ୍ଲକ ବିଡିଓଙ୍କ ନେତୃତ୍ୱରେ ବ୍ଲକ ପରିସରରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଖିଚିଂ ପର୍ଯ୍ୟନ୍ତ ଯାଇଥିଲା। ସ୍ଥାନୀୟ ତହସିଲଦାର, ବିପିଏମ୍ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ, ସିଆର୍‌ପି, ଏମ୍‌ବିକେ, ସ୍କୁଲ କଲେଜର ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ



ସଫେଇ ଅଭିଯାନରେ ସାମିଲ ଭାଜପା କାର୍ଯ୍ୟକର୍ତ୍ତାମାନେ।

କରଞ୍ଜିଆ,୧୪।୮ (କବିତା ମହାନ୍ତ)

କରଞ୍ଜିଆ ଭାଜପା ପକ୍ଷରୁ ବୁଧବାର ସକାଳୁ ସହରରେ ଥିବା ମହାପୁରୁଷ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସକାଳ ୮ଟା ସମୟରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳ ମଣି ଗୋପବନ୍ଧୁ ଦାସ ଓ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇଥିଲା। ପରେ କଚେରି ମଧ୍ୟରେ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି କୃପାସିନ୍ଧୁ ମହାନ୍ତ, ଜିଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତ, ଯୁବନେତା କ୍ଷୀରୋଦ ମହାନ୍ତ, ପ୍ରଶାନ୍ତ ମିଶ୍ର, ଜ୍ୟୋସ୍ନାରାଣୀ ମହାନ୍ତ, ଚନ୍ଦନ ପାତ୍ର, କେଶବ ଖୁଣ୍ଟିଆ, ମଳୟ ବାରିକ, ସୁମିତ ଦେହୁରୀଙ୍କ ସମେତ ଅନେକ ସଦସ୍ୟ ସଫେଇ ଓ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ।

# ନୂତନ ପରିଚାଳନା କମିଟି ଗଠିତ

## ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ବାଙ୍ଗିରିପୋଷି,୧୪।୮ (ସଞ୍ଜୟ କୁମାର ଅଗ୍ରୱାଲା)

ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ ବୁଧବାର ବାଙ୍ଗିରିପୋଷିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରେ ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଏଥିରେ ମୟୂରଭଞ୍ଜ ବିଭାଗର ନିରୀକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା, ବାଙ୍ଗିରିପୋଷି ସଙ୍କୁଳ ପ୍ରମୁଖ ବଙ୍କିମ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦି ଏବଂ ପୂର୍ବତନ ପରିଚାଳନା ସମିତିର ସମ୍ପାଦକ ଇନ୍ଦ୍ରଜିତ ମୁଣ୍ଡାଙ୍କ ଉପସ୍ଥିତିରେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଦଳଗୋବିନ୍ଦ ବେହେରା, ଉପସଭାପତି ରୂପେଶ କୁମାର ପଟ୍ଟନାୟକ, ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲା, ସହ ସମ୍ପାଦକ କିଶୋରୀ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଅଜୟ କୁମାର ମହାନ୍ତି, ସଦସ୍ୟା ରିତା ନାଏକ, ପୁଷ୍ପାଞ୍ଜଳୀ ନନ୍ଦ ଏବଂ ଆଚାର୍ଯ୍ୟ ପ୍ରତିନିଧି ଭାବେ ଚନ୍ଦ୍ରମୋହନ ନନ୍ଦଙ୍କୁ ମନୋନୀତ କରାଯାଇଛି।


# Classified Everyday
0674-2580101, 2549949


REAL ESTATE

SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 7978874990, 9777554170. D-1037

Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650. D-975




Newly open health benefits SPA special offer @ 799 Bapuji Nagar. 8018429809. D-76144

Newly open health benefits spa by expert therapist. Contact: 6371861658. D- 76142

Full body massage experience good looking therapist @ 999 (Bhubaneswar). 9078484455. D-999

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Newly open SPA positively health benefits with expert therapist. 9040286886. D-76143

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

AFFIDAVIT

By virtue of an affidavit sworn before the Executive Magistrate, Sonepur, I Suresh Kumar Sahu, R/o. Vill/P.O.- Jogisarda, P.S.- Loisingha, Dist.- Balangir declare that the actual name of my son is "Snehansh Sahu". But it is wrongly mentioned as" J Snayant Sahu" in some documents instead of "Snehansh Sahu". That both the names relates to same and one person.He shall be known as "Snehansh Sahu" for all purposes. D-1041

I, Nitish Kumar Bhadra, S/o- Paresh Bhadra, R/o P.O.-Rairakhol, Adarsh Nagar, Dist.-Sambalpur, Odisha-768106, declare that my father's and mother's name has been wrongly written as Naresh Chandra Bhadra and Jayashree Bhadra in my PAN Card and Educational documents. My father's and mother's actual name is Paresh Bhadra and Jharna Bhadra respectively which may be amended accordingly. D-1038

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)
ବରୁଣେଇ ସାହି, ଖୋର୍ଦ୍ଧା
ମା' ଚାହୁଁ ଚାହୁଁ ଆଜିକୁ ନଅ ବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଓ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
ଶୋକସନ୍ତପ୍ତ: ତୋର ପିଲାମାନେ ।
ଧ-୯୭୧

ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମନୋରଞ୍ଜନ ମଲ୍ଲିକ (ବିକି)
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ଆଜିର ତିଥିରେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ ବି ଆମ୍ଭମାନଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବୁ। ତୋର ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ମାତା, ପିତା, ରାକି, ହାପି, ବାପି, ଠୁବିଆଣ୍ଟି, ଅଙ୍କଲ, ପାପାଲି, ବୁବୁନ୍, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୦୩୯

# ଜେଏସ୍‌ଏଲ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୪।୮

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନୂତନ ଅଭିଯାନ 'ସ୍ୱାଧୀନତା ଦିବସ ସଙ୍ଗୀତ' ଭିଡିଓର ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ସଙ୍ଗୀତ ବିଶେଷକରି ଭାରତର ପ୍ରଗତିଶୀଳ ତଥା ସହଯୋଗୀଙ୍କ ବପାଳନ କରିବା ପାଇଁ ସ୍ୱାଧୀନତା ଦିବସ ଅବସରରେ ଏକ ଗୀତ ଆରମ୍ଭ କରିଥିଲେ। ଏହି ଗୀତଟି ହେଉଛି ବିଦ୍ୟାଦେବୀ ଜିନ୍ଦଲ ସ୍କୁଲ ଏବଂ ହରିୟାଣାର ହିସାରଠାରେ ଥିବା ଓପି ଜିନ୍ଦଲ ଆଧୁନିକ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଗାଇଥିବା ଏକ ମୂଳ ରଚନା। ଏକତା, ନବସୃଜନ ଏବଂ ସ୍ଥିରତାର ଷ୍ଟେନ୍‌ଲେସ୍ ମୂଲ୍ୟବୋଧ ଉପରେ ନିର୍ମିତ ଏକ ଦେଶକୁ କଳ୍ପନା କରିବା ସହିତ ଉକ୍ତ ଗୀତଟି ଜଣେ ଭାରତୀୟ ହେବାର ଗର୍ବ ଏବଂ ଆନନ୍ଦକୁ ଆକର୍ଷିତ କରିଥାଏ।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ମୁଖ୍ୟ (କର୍ପୋରେଟ କମ୍ୟୁନିକେଶନ୍ସ) ସୋନାଲ ସିଂ କହିଛନ୍ତି, ଏହି ଭିଡିଓ ଭାରତର ବିବିଧତା ଏବଂ ସାମଗ୍ରିକ ଅଭିବୃଦ୍ଧି ପାଇଁ ନିରନ୍ତର ଅଗ୍ରସରକୁ ଉତ୍ସର୍ଗୀକୃତ କରିଛି। ଏହି ଗୀତରେ ନିଷ୍ଠା, ଦୃଢ଼ତା ଏବଂ ପ୍ରଗତିର ମୂଲ୍ୟ ରହିଛି, ଯାହା ଉଭୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଏବଂ ଭାରତର ଅଭିବୃଦ୍ଧି କାହାଣୀର କେନ୍ଦ୍ର ବିନ୍ଦୁ ।

# ରିଅଲ୍‌ମିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୪।୮

ରିଅଲ୍‌ମିର ନୂତନ ଉତ୍ପାଦ 'ନେକ୍ସଟ୍-ଜେନେରେଶନ ୩୨୦ ୱାଟ୍ ଚାର୍ଜିଂ ଟେକ୍ନୋଲୋଜି'କୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ୩୨୦ୱାଟ ସୁପରସୋନିକ ଚାର୍ଜ ଶକ୍ତି, ସୁରକ୍ଷା ଓ ଦକ୍ଷତା କ୍ଷେତ୍ରରେ ଅପ୍ରତ୍ୟାଶିତ ସଫଳତା ହାସଲ କରିଛି, ଫାଷ୍ଟ-ଚାର୍ଜିଂକୁ ଏହା ନୂଆ ଉଚ୍ଚତାକୁ ନେଇଛି ଏବଂ ଶିଳ୍ପରେ ଉପଭୋକ୍ତା ଅନୁଭୂତିକୁ ପରିବର୍ତ୍ତନ କରିଛି। ଅତ୍ୟାଧୁନିକ ୩୨୦ୱାଟ୍ ସୁପରସୋନିକ ଚାର୍ଜ ବ୍ୟତୀତ ରିଅଲ୍‌ମିର ନମ୍ବର ସିରିଜରେ ଏକ ନୂତନ ଯୋଗ ରିଅଲ୍‌ମି ୧୩ ସିରିଜ ୫ଜିର ଶୁଭାରମ୍ଭ ସମ୍ପର୍କରେ ମଧ ଘୋଷଣା କରାଯାଇଛି।

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୪।୮

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ଶାଖା ବୁଧବାର କଟକ ଜିଲାର ନିଶ୍ଚିନ୍ତକୋଇଲିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ଓଡ଼ିଶାର ୯୦୦ତମ ଶାଖା ନିଶ୍ଚିନ୍ତକୋଇଲିଠାରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ପୋନ୍ନମବଲମ ଏମ, ଉପ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର, ଆଞ୍ଚଳିକ ପରିଚାଳକ ଭବାନୀ ଶଙ୍କର ମହାନ୍ତି ଏବଂ ଶାଖା ପରିଚାଳକ ଅଶୋକ ନାହକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ପୃଥୀ ବ୍ୟାଙ୍କର ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ବ୍ୟାଙ୍କରେ ଉପଲବ୍ଧ ବିଭିନ୍ନ ସେବା ଆଦି ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

ସେହିଭଳି କଟକ ଜିଲାର ନିଶ୍ଚିନ୍ତକୋଇଲିଠାରେ ଏସ୍‌ବିଆଇର ନୂତନ ଶାଖା ବା ନିଶ୍ଚିନ୍ତକୋଇଲି ଶାଖା ନିକଟବର୍ତ୍ତୀ ବୁହାଳ, ସରପଡ଼ା, କଟରପଡ଼ା, ବାଲିପଡ଼ା, ବଡ଼ିକିରି, ନଟକାଇ, ବନ୍ଧକାଳିଆ, ରାମକୃଷ୍ଣପୁର ଭଳି ପଞ୍ଚାୟତର କୃଷକ, ବ୍ୟବସାୟୀ ଓ ସାଧାରଣ ଜନତା ବେଶ୍ ଉପକୃତ ହେବେ। ଏପରିକି ବ୍ୟାଙ୍କର ସମସ୍ତ ସେବା ଓ ସୁବିଧା ପାଇପାରିବେ।

# ଲୁକା ଜିପୋନି ବେଦାନ୍ତର ନୂଆ ସିଇଓ

ନୂଆଦିଲ୍ଲୀ,୧୪।୮



ଲୁକା ଜିପୋନ

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଲୁକା ଜିପୋନିଙ୍କୁ ନିଯୁକ୍ତ କରାଯାଇଛି। ସେ କମ୍ପାନୀର ରୋଲ୍‌ଡ ପ୍ରଡକ୍ଟର ସିଇଓ ଭାବେ ନିଯୁକ୍ତ ହୋଇଥିବାବେଳେ ଏ କ୍ଷେତ୍ରରେ ସେ ତାଙ୍କର ଅଭିଜ୍ଞତାଙ୍କୁ କାର୍ଯ୍ୟକ୍ଷମ କରାଇବେ। ଏହି ଭୂମିକାରେ ସେ ଅଭିବୃଦ୍ଧି ଏବଂ ଉତ୍ପାଦ ଗୋଷ୍ଠୀ ସହ ଜଡ଼ିତ ସମସ୍ତ କାର୍ଯ୍ୟର ତଦାରଖ କରିବେ,ଯାହା ଅଟୋମୋବାଇଲ, ଇନ୍‌ସୁଲେସନ, ପାୱାର ପ୍ରୋଜେକ୍ଟ, ଇଲେକ୍ଟ୍ରିକାଲ୍ ଏବଂ ପ୍ୟାକେଜିଂ ଇତ୍ୟାଦି କ୍ଷେତ୍ରର ପ୍ରୟୋଗରେ ବ୍ୟବହାର କରାଯାଇଥାଏ। ଛତିଶଗଡ଼ର କୋର୍ବାଠାରେ ବେଦାନ୍ତ ଆଲୁମିନିୟମର ଭାରତ ଆଲୁମିନିୟମ କମ୍ପାନୀ (ବାଲ୍‌କୋ) ୟୁନିଟ୍ ବାର୍ଷିକ ୦.୭୨ ଲକ୍ଷ ଟନ୍ କ୍ଷମତା (ଏଲ୍‌ଟିପିଏ) ସହ ଅତ୍ୟାଧୁନିକ ରୋଲ୍ ଉତ୍ପାଦ ସେଟ୍‌ଅପ୍ ରହିଛି। ଏହି ସେଟ୍‌ଅପ୍ କାଷ୍ଟିଂ ଷ୍ଟେଶନ, କ୍ରମାଗତ କାଷ୍ଟର, ହଟ୍ ରୋଲ୍ ମିଲ୍ ଏବଂ କୋଲ୍ଡ ରୋଲ୍ ମିଲ୍ସକୁ ନେଇ ଗଠିତ ହୋଇଛି। ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେ ଲୁକାଙ୍କୁ ବୋର୍ଡକୁ ସ୍ୱାଗତ କରୁଛୁ। ଏପରିକି ଆମେ ମିଳିତ ଭାବେ କାମ କରିବାକୁ ଆଗ୍ରହୀ ଅଛୁ। ତାଙ୍କର ନିଯୁକ୍ତି ବେଦାନ୍ତ ଆଲୁମିନିୟମର ନେତୃତ୍ୱ ଦଳକୁ ଆହୁରି ମଜଭୁତ କରିବା ସହ ଆମର ରଣନୀତିକ ଦୃଷ୍ଟିକୋଣ ଏବଂ ପରିଚାଳନା କୌଶଳକୁ ମଧ ବ୍ୟବହାରକରି ଉଚ୍ଚାଭିଳାଷୀ ଅଭିବୃଦ୍ଧି ଯୋଜନାକୁ ଏକ ମହତ୍ତ୍ୱ ପ୍ରଦାନ କରିବ। ବେଦାନ୍ତ ଆଲୁମିନିୟମ ରୋଲ୍‌ଡ ପ୍ରଡକ୍ଟସ୍‌ର ସିଇଓ ଲୁକା ଜିପୋନି କହିଛନ୍ତି, ବେଦାନ୍ତ ଆଲୁମିନିୟମର ଅଂଶ ହୋଇ ମୁଁ ବେଶ୍ ଉତ୍ସାହିତ ଅଛି। ଏପରିକି ଭାରତରେ ରୋଲ୍‌ଡ ପ୍ରଡକ୍ଟଗୁଡ଼ିକର ଭୂଲମ୍ବରେ ଅତୁଳନୀୟ ସମ୍ଭାବନା ଏବଂ ମୁଁ ଆମର ଗ୍ରାହକ ତଥା ହିତାଧିକାରୀମାନଙ୍କୁ ଉଲ୍ଲେଖନୀୟ ମୂଲ୍ୟ ପ୍ରଦାନ କରିବାକୁ ମୋର ପାରଦର୍ଶିତା ଏବଂ ଅଭିଜ୍ଞତାକୁ ବ୍ୟବହାରକରି ବେଶ୍ ଉତ୍ସାହିତ।








































# ଶ୍ରୀଜେଶଙ୍କ ଜର୍ସିକୁ ଅବସର

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତୀୟ ହକି ଦଳର ଗୋଲକିପର ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶ ଅବସର ନେଇଥିବା ବେଳେ ବୁଧବାର ହକି ଇଣ୍ଡିଆ ପକ୍ଷରୁ ଜର୍ସି ନମ୍ବର ୧୬କୁ ଅବସର ଦିଆଯାଇଛି। ପ୍ରଥମ ଭାରତୀୟ ହକି ଖେଳାଳି ଭାବରେ ଶ୍ରୀଜେଶଙ୍କୁ ଏଭଳି ସୌଭାଗ୍ୟ ମିଳିଛି। ଏଣିକି ସିନିୟର ସ୍ତରରେ କୌଣସି ଖେଳାଳି ୧୬ ନମ୍ବର ଜର୍ସି ପ୍ରଦାନ କରାଯିବ ନାହିଁ ବୋଲି ବୁଧବାର ହକି ଇଣ୍ଡିଆ ସ୍ପଷ୍ଟ କରିଛି। ତେବେ ଜୁନିୟର ସ୍ତରରେ ଏହାର ପ୍ରଚଳନ ରହିବ। ଶ୍ରୀଜେଶ ଭାରତୀୟ ଦଳର ଗୋଲକିପର ରହିଥିବା ବେଳେ ୩ ବର୍ଷ ଅନ୍ତରାଳରେ ଭାରତୀୟ ହକି ଦଳ ଟୋକିଓ ଓ ପ୍ୟାରିସ୍‌ରେ ହକିରେ ବ୍ରୋଞ୍ଜ ପଦକ ଜିତିଥିଲା। ଶ୍ରୀଜେଶଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସମାରୋହରେ ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ ଜର୍ସି ରିଟାୟର ହେବା ନେଇ ଘୋଷଣା କରିଥିଲେ। ଶ୍ରୀଜେଶଙ୍କ ପ୍ରଶଂସା କରିବା ସହ ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କି ତାଙ୍କୁ ଆଧୁନିକ ଯୁଗର ଶ୍ରେଷ୍ଠ ହକି ଖେଳାଳି ବୋଲି ସମ୍ବୋଧନ କରିଥିଲେ। ୩୬ ବର୍ଷୀୟ ଶ୍ରୀଜେଶ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ନେଇଥିବା ବେଳେ ତାଙ୍କୁ ଭାରତୀୟ ଜୁନିୟର ହକି ଦଳର କୋଚ୍ ଭାବରେ ନିଯୁକ୍ତି ମିଳିଛି। ଶ୍ରୀଜେଶ ବର୍ତ୍ତମାନ ପ୍ରଶିକ୍ଷଣ ଦେଇ ଜୁନିୟର ସ୍ତରରୁ ଅନେକ ଶ୍ରୀଜେଶ ତିଆରି କରିବେ ବୋଲି କହିଥିଲେ ଭୋଳାନାଥ ସିଂ।

ଶ୍ରୀଜେଶଙ୍କ ପାଇଁ ଉଦ୍ଦିଷ୍ଟ ଏହି ସମ୍ବର୍ଦ୍ଧନା ସଭାରେ ଡବଲ ଅଲିମ୍ପିକ ପଦକ ବିଜେତା ଶୁଟର ମନୁ ଭାକର ମଧ୍ୟ ଯୋଗ ଦେଇଥିଲେ। ଦୀର୍ଘ ୧୮ ବର୍ଷ ଧରି ଭାରତୀୟ ହକିର ସେବା କରିବା ପରେ ଏଭଳି ସମ୍ମାନ ମୋ ପାଇଁ ସର୍ବଦା ସ୍ମରଣୀୟ ବୋଲି କହିଥିଲେ ଶ୍ରୀଜେଶ। ମୁଁ ଆଜି ଯାହାବି ହୋଇଛି ତାହା କେବଳ ହକି ଦଳ ସହିତ ରହିବା କାରଣରୁ ସମ୍ଭବ ହୋଇଛି। ଅନ୍ତର୍ଜାତୀୟ ଖେଳାଳି ଭାବରେ ମୋ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ମୁଁ ଉପଭୋଗ କରିଛି ବୋଲି କହିଥିଲେ ଶ୍ରୀଜେଶ୍। ଶ୍ରୀଜେଶଙ୍କ ଅବଦାନକୁ ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ ସିଂ ମଧ୍ୟ ପ୍ରଶଂସା କରିଛନ୍ତି। ଜଣେ ବଡ ଭାଇ ଭାବରେ ଶ୍ରୀଜେଶ୍ ସର୍ବଦା ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାନ୍ତି ବୋଲି କହିଥିଲେ ହରମନପ୍ରୀତ୍।


ନୂଆଦିଲ୍ଲୀଠାରେ ବୁଧବାର ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ହକି ଇଣ୍ଡିଆ ସଦସ୍ୟଙ୍କ ସହ ଅଲିମ୍ପିଆନ ମନୁ ଭାକର ଏବଂ ପି.ଆର. ଶ୍ରୀଜେଶ।

## କୋଚ୍ ପଦରୁ ଜୀଶାନ ଅଲୀଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୪।୮(ପି.ଟି.):** ଭାରତୀୟ ଡେଭିସ୍ କପ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି ଜୀଶାନ ଅଲୀ। ନ୍ୟାଶନାଲ ଟେନିସ ସେଣ୍ଟର (ଏନ୍‌ଟିସି)ର ଉନ୍ନତି ଉପରେ ଅଧିକ ଧ୍ୟାନ ଦେବା ପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ୨୦୧୩ରେ ନନ୍ଦନ ବଲଙ୍କ ସ୍ଥାନରେ ଜୀଶାନ ଭାରତୀୟ ଦଳର ଦାୟିତ୍ୱ ଗ୍ରହଣ କରିଥିଲେ। ଚଳିତ ବର୍ଷ ରୋହିତ ରାଜପାଲଙ୍କ ଅନୁପସ୍ଥିତିରେ ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ଗେମ୍‌ରେ ୫୪ ବର୍ଷୀୟ ଜୀଶାନ ଭାରତର ନନ୍ ପ୍ଲେଇଙ୍ଗ କ୍ୟାପଟେନ୍ ରହିଥିଲେ। ଜୀଶାନ ୯ ବର୍ଷ ଭାରତ ପାଇଁ ଡେଭିସ୍ କପ୍ ଖେଳିଥିବା ବେଳେ ୧୧ ବର୍ଷ ଧରି କୋଚ୍ ଓ ଅଧିନାୟକ ମଧ୍ୟ ରହିଥିଲେ। ଜୀଶାନଙ୍କ ପିତା ଅଖତର ଅଲୀ ମଧ୍ୟ ଭାରତୀୟ ଡେଭିସ୍ କପ୍ ଦଳର କୋଚ୍ ଥିଲେ। ଭାରତୀୟ ଟେନିସ୍ ଦଳର କୋଚ୍ ରହିଥିଲେ ମଧ୍ୟ ଅନେକ ସମୟରେ ପଇସା ମିଳି ନ ଥାଏ। ତେବେ କେବଳ ଟେନିସ୍ ପ୍ରତି ଥିବା ଭଲପାଇବା କାରଣରୁ ସେ କୋଚ୍ ଦାୟିତ୍ୱ ତୁଲାଇଥିଲେ ବୋଲି ଜୀଶାନ ପ୍ରକାଶ କରିଛନ୍ତି।

## ଭାରତୀୟ ଅଲିମ୍ପିକ୍ସ ଦଳକୁ ଭେଟିଲେ ରାଷ୍ଟ୍ରପତି


ପ୍ୟାରିସ ଅଲିମ୍ପିକ୍ସରୁ ଫେରିଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ଭେଟିବା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିକଟରେ ଅଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଆଇଓଏ ସଭାପତି ପି.ଟି. ଉଷା।

ନୂଆଦିଲ୍ଲୀ ,୧୪।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରୁ ଫେରିଥିବା ଭାରତୀୟ ଦଳକୁ ବୁଧବାର ଭେଟିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ରାଷ୍ଟ୍ରପତି ଅଭିବାଦନ ଜଣାଇବା ସହ ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ସମସ୍ତ ଖେଳାଳିଙ୍କୁ ଭେଟିଥିବା ବେଳେ ଏହାର ଏକ ଫଟୋ ନିଜ ଏକ୍ସ ଆକାଉଣ୍ଟରେ ଶେୟାର କରିଛନ୍ତି। ଖେଳାଳିଙ୍କ ପ୍ରଦର୍ଶନ ଦେଶର ଯୁବ ପିଢି ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି କହିଥିଲେ ରାଷ୍ଟ୍ରପତି ମୁର୍ମୁ। ଭାରତ ଏହି ଅଲିମ୍ପିକ୍ସରେ ଗୋଟିଏ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସହ ସମୁଦାୟ ୬ ପଦକ ଜିତିବାରେ ସକ୍ଷମ ହୋଇଥିଲା। ଜୁଲାଇ ୨୬ରୁ ଅଗଷ୍ଟ ୧୧ ମଧ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଭାରତର ୧୧୭ ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ।

ବୁଧବାର ଯୋଗ ଦେଇଥିବା ଖେଳାଳିଙ୍କ ମଧ୍ୟରେ ମନୁ ଭାକର ଓ ସରବଜୋତ ସିଂ ଉପସ୍ଥିତ ଥିଲେ। ମନୁ ସ୍ୱାଧୀନ ଭାରତର ପ୍ରଥମ ଖେଳାଳି ଭାବରେ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ବିଜୟୀ ହୋଇଥିଲେ। ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମନୁ ଭାକର ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସରବଜୋତ ସିଂଙ୍କ ସହିତ ଦ୍ୱିତୀୟ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ଭେଟେରାନ୍ ଗୋଲ କିପର ପି.ଆର. ଶ୍ରୀଜେଶ୍, ଅଧିନାୟକ ହରମନପ୍ରୀତ୍ ସିଂ ଓ ହକି ଦଳର ଅନ୍ୟ କିଛି ଖେଳାଳି, ରେସ୍‌ଲର ଅମନ ସେରାୱତ, ସ୍ୱପ୍ନିଲ କୁସାଲେ, ଲକ୍ଷ୍ୟ ସେନ୍ ଓ ମୀରାବାଇ ଚାନୁଙ୍କ ପରି ଆଥଲେଟ ଉପସ୍ଥିତ ଥିଲେ। ଭାରତ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ପାଇଥିଲା। ଖେଳାଳିଙ୍କ ରାଷ୍ଟ୍ରପତି ଭେଟିବା ସମୟରେ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ସଭାପତି ପି.ଟି. ଉଷା ଉପସ୍ଥିତ ଥିଲେ।

# ଜିଜ୍ଞାସୁ, ଉର୍ଜା, ସାଇ କିରନ, ଆରାଧା ଚାମ୍ପିୟନ



ରାଜ୍ୟ ଆନ୍ତଃ ସ୍କୁଲ ଟେବୁଲ ଟେନିସର ବିଭିନ୍ନ ବିଭାଗରେ ଚାମ୍ପିୟନ ଖେଳାଳିମାନେ।

**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ)**

### ରାଜ୍ୟ ଟେବୁଲ ଟେନିସ ପ୍ରତିଯୋଗିତା

ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଟକ ସିଡିଏସ୍ଥିତ ସେକ୍ଟର-୭ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୫ମ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଗୁରୁବାରଠାରୁ ଏହି ଭେନ୍ୟୁରେ ୨୯ତମ ୱାଇଜିଟିଟିଏ(ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ) ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଆରମ୍ଭ ହେବ। ଆନ୍ତଃସ୍କୁଲ ପ୍ରତିଯୋଗିତାର ସିନିୟର ବାଳକ ଫାଇନାଲରେ ଜିଜ୍ଞାଶୁ ସାହୁ ୩-୦ (୧୧-୨, ୧୧-୪, ୧୧-୫)ରେ ଫରଜ ରାଜାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ସିନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଉର୍ଜା ବର୍ମା ୩-୨ (୧୧-୯, ୬-୧୧, ୧୧-୯, ୧୦-୧୨, ୧୧-୬)ରେ ସୌମ୍ୟା ଜ୍ୟୋତି ଦାସଙ୍କୁ, ଜୁନିୟର ବାଳକ ସିଙ୍ଗଲ୍ସ ଫାଇନାଲରେ ଜିଜ୍ଞାଶୁ ସାଇ କିରନ ୩-୧ (୧୧-୯, ୯-୧୧, ୧୧-୫, ୧୧-୯)ରେ ଶୁଭଙ୍କର ମାହାଲିଙ୍କୁ ଏବଂ ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଆରାଧା ସାହୁ ୩-୧ (୧୦-୧୨, ୧୧-୫, ୧୧-୯, ୧୧-୬)ରେ ଅନୁସ୍କା ମହାନ୍ତିଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି।

## ରୋହିତ, କୋହଲି, ବୁମ୍‌ରା, ଅଶ୍ୱିନଙ୍କୁ ବିଶ୍ରାମ

ନୂଆଦିଲ୍ଲୀ , ୧୪।୮(ପି.ଟି.)

### ନୂଆ ଫର୍ମାଟରେ ଦୁଲିପ୍ ଟ୍ରଫି

ନୂଆ ଫର୍ମାଟରେ ଆରମ୍ଭ ହୋଇଥିବା ଦୁଲିପ୍ ଟ୍ରଫି ପାଇଁ ଦଳ ଘୋଷଣା କରାଯାଇଛି। ଏକାଧିକ ସିନିୟର ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଥିବା ବେଳେ କେବଳ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ୍ ବୁମରା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ବିଶ୍ରାମ ମିଳିଛି। ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ ଓ ସୂର୍ଯ୍ୟକୁମାର ଯାଦବ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହିତ ଦୁର୍ଘଟଣା ପରେ ପ୍ରତ୍ୟାବର୍ତ୍ତନ କରିଥିବା ରିଷଭ ପନ୍ତଙ୍କୁ ଦୁଇ ବର୍ଷ ପରେ ପ୍ରଥମ ଥର ଟେଷ୍ଟ ଜର୍ସିରେ ଦେଖିବାକୁ ମିଳିବ।

ଟିମ ଏ: ଶୁବମନ ଗିଲ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ରିୟାନ ପରାଗ, ଧ୍ରୁବ ଜୁରେଲ(ଉଇକେଟ କିପର), ଲୋକେଶ ରାହୁଲ(ଉଇକେଟ କିପର), ତିଲକ ବର୍ମା, ଶିବମ ଦୁବେ, ତନୁଶ କୋଟିୟାନ, କୁଲଦୀପ ଯାଦବ, ଆକାଶ ଦୀପ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ଆଭେଶ ଖାଁ, ବିଦ୍ୱଥ କାଭେରପ୍ପା, କୁମାର କୁଶାଗ୍ର, ଶାଶ୍ୱତ ରାୱତ।

ଟିମ ବି: ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ସର୍ଫରାଜ ଖାନ, ରିଷଭ ପନ୍ତ, ମୁଶୀର ଖାନ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ଯଶ ଦୟାଲ, ମୁକେଶ କୁମାର, ରାହୁଲ ଚହର, ଆର ସାଇ କିଶୋର, ଏନ. ଜଗଦୀଶାନ(ଉଇକେଟ କିପର)।

ଟିମ ସି: ରୁତୁରାଜ ଗାଏକ୍ୱାଡ (ଅଧିନାୟକ), ସାଇ ସୁଦର୍ଶନ, ରଜତ ପଟିଦାର, ଅଭିଷେକ ପୋରେଲ(ଉଇକେଟ କିପର), ସୂର୍ଯ୍ୟକୁମାର ଯାଦବ, ବାବା ଇନ୍ଦ୍ରଜିତ, ହ୍ରିତିକ ଶୋକିନ, ମାନବ ସୁତାର, ଉମ୍ରାନ ମଲିକ, ବିଜୟକୁମାର ବୈଶକ, ଅଂଶୁଲ କମ୍ବୋଜ, ହିମାଂଶୁ ଚୌହାନ, ମୟଙ୍କ ମାର୍କଣ୍ଡେ, ଆର୍ଯ୍ୟନ ଯୁରେଲ(ଉଇକେଟ କିପର), ସନ୍ଦୀପ ୱାରିୟର।

ଟିମ ଡି: ଶ୍ରେୟସ ଆୟର (ଅଧିନାୟକ), ଅଥର୍ଭ ତାଇଡେ, ଯଶ ଦୁବେ, ଦେବଦତ୍ତ ପାଡିକଲ, ଈଶାନ କିଶନ (ଉଇକେଟ କିପର), ରିକି ଭୁଇ, ସାରାଂଶ ଜୈନ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ଆଦିତ୍ୟ ଠାକରେ, ହର୍ଷିତ ରାଣା, ତୁଷାର ଦେଶପାଣ୍ଡେ, ଆକାଶ ସେନଗୁପ୍ତା (ଉଇକେଟ କିପର), ସୌରଭ କୁମାର।

## ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ୧୭ରୁ

**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ):** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କଟକ ଗୋପାଳପୁରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ ସ୍କୁଲରେ ରାଜ୍ୟ ୯ ବର୍ଷରୁ କମ୍ (ବାଳିକା ଓ ବାଳକ) ଚେସ୍ ଚଳିତମାସ ୧୭ ତାରିଖରୁ ଆରମ୍ଭ ହେବ। ଏହା ୧୯ ପର୍ଯ୍ୟନ୍ତ ୩ ଦିନଧରି ଚାଲିବ। ଉଭୟ ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୧୦ ଜଣ ଲେଖାଏ ଖେଳାଳିଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ୫, ୬, ୭ ଓ ୮ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୫ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ।




# ବଲାଙ୍ଗୀର ଚାମ୍ପିୟନ

**ଭୁବନେଶ୍ୱର, ୧୪।୮ (ତପନ ସ୍ୱାଇଁ)**

### ଆନ୍ତଃ ଜିଲା ମହିଳା କ୍ରିକେଟ

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଶେଷ ହୋଇଛି। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ କଟକକୁ ହରାଇ ବଲାଙ୍ଗୀର ଦଳ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ବଲାଙ୍ଗୀର ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳ ପକ୍ଷରୁ ମାଧୁରୀ ମେହେଟା ସର୍ବାଧିକ ୬୫ ଓ ସରିତା ମେହେର ୪୦ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ୨ଟି ଉଇକେଟ ନେଇଥିଲେ। ଜବାବରେ ତନ୍ମୟୀ ବେହେରାଙ୍କ ଲଢୁଆ ୪୬ ରନ ସତ୍ତ୍ୱେ କଟକ ଦଳ ୧୮ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବନ୍ଦ ହୋଇଥିଲା। ଡିଏଲ୍‌ଏସ୍‌ରେ ବଲାଙ୍ଗୀର ଦଳ ୧୭ ରନରେ ବିଜୟୀ ହୋଇଥିଲା। ବିଜୟୀ ଦଳର ସାରଦା ମହାନନ୍ଦ ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୪ ରନଦେଇ ୪ଟି ଉଇକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ସୁଶାନ୍ତ କୁମାର ମହାନ୍ତି, ଶିବବ୍ରତ ମଲିକ, ନିର୍ବାଣ ରୟ, ବିଜୟ କୁମାର ଦାସ, ଅମିତ ବେହେରା ଓ ବୀରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ତଃ ଜିଲା ମହିଳା କ୍ରିକେଟ ଚାମ୍ପିୟନ ବରଗଡ଼ ଦଳ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ମର୍ନେ ମର୍କେଲ ଭାରତର ବୋଲିଂ କୋଚ୍

**ନୂଆଦିଲ୍ଲୀ,୧୪।୮(ପି.ଟି.):** ଭାରତୀୟ କ୍ରିକେଟ ଦଳର ବୋଲିଂ କୋଚ୍ ଭାବରେ ମର୍ନେ ମର୍କେଲଙ୍କୁ ବୁଧବାର ନିଯୁକ୍ତି ମିଳିଛି। ବିସିସିଆଇ ସମ୍ପାଦକ ଜୟ ଶାହା ବୁଧବାର ଏହା ଘୋଷଣା କରିଛନ୍ତି। ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିବା ବେଳେ ସେ ମର୍ନେ ମର୍କେଲଙ୍କୁ ବୋଲିଂ କୋଚ୍ ଭାବରେ ଦାବି କରିଥିଲେ। ପ୍ରାରମ୍ଭରୁ ବିସିସିଆଇ ସହମତି ଦେଖାଇ ନ ଥିବା ବେଳେ ଶେଷରେ ରାଜି ହୋଇଛି। ପୂର୍ବତନ ଭାରତୀୟ ଦ୍ରୁତ ବୋଲର ପାରସ୍ ମାହାମ୍ବ୍ରେଙ୍କ ସ୍ଥାନରେ ମର୍କେଲଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ଗମ୍ଭୀରଙ୍କ ସହ ଅଭିଷେକ ନାୟାର ସହକାରୀ କୋଚ୍ ଓ ର୍‍ୟାନ୍ ଟେନ୍ ଡୋଶ୍ଚେଟ ବ୍ୟାଟିଂ କୋଚ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ରାହୁଲ ଦ୍ରାବିଡଙ୍କ ସମୟରେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ରହିଥିବା ଟି. ଦିଲୀପ ନିଜ ଦାୟିତ୍ୱ ବଜାୟ ରଖିଛନ୍ତି




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୫/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, August 15/2024 | Page 20 ₹ 7.00 | BALASORE

୫୦ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 262 | ମୂଲ୍ୟ ₹୭/-



**ଭିତର ପୃଷ୍ଠାରେ** ▶▶ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ▶▶ ଖଣି କମ୍ପାନୀଠାରୁ ବକେୟା ଆଦାୟ କରିପାରିବେ ରାଜ୍ୟ


# ଡେଙ୍ଗୁ ଟିକା ପାଇଁ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର, ୧୪।୮ (ଅସମାପିକା ସାହୁ)**

ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ଏବଂ ପାନାସିଆ ବାୟୋଟେକ୍ ଭାରତରେ ଡେଙ୍ଗୁ ଟିକା ପାଇଁ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଆରମ୍ଭ କରିଛନ୍ତି। ପାନାସିଆ ବାୟୋଟେକ ଦ୍ୱାରା ବିକଶିତ ହୋଇଥିବା ଭାରତର ସ୍ୱଦେଶୀ ଟେଟ୍ରାଭାଲେଣ୍ଟ ଡେଙ୍ଗୁ ଟିକା 'ଡେଙ୍ଗିଅଲ'ର କାର୍ଯ୍ୟକାରିତାର ମୂଲ୍ୟାଙ୍କନ ହେବ। ଏହି ପରୀକ୍ଷଣରେ ପ୍ରଥମ ଅଂଶଗ୍ରହଣକାରୀଙ୍କୁ ବୁଧବାର ରୋହତକସ୍ଥିତ ପଣ୍ଡିତ ଭଗବତ ଦିୟାଲ ଶର୍ମା ପୋଷ୍ଟ ଗ୍ରାଜୁଏଟ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ(ପିଜିଆଇଏମ୍ଏସ୍)ରେ ଟିକା ଦିଆଯାଇଛି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଡେଙ୍ଗୁ ବିରୋଧରେ ଲଢ଼େଇ ପାଇଁ ଭାରତର ପ୍ରଥମ ସ୍ୱଦେଶୀ ଡେଙ୍ଗୁ ଟିକାର ଏହି ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଆରମ୍ଭ ହୋଇଛି। ଏହା ଆମ ନାଗରିକମାନଙ୍କୁ ଏହି ବିସ୍ତାରିତ ରୋଗରୁ ରକ୍ଷା କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହିତ ଟିକା ଅନୁସନ୍ଧାନ ଏବଂ ବିକାଶରେ ଭାରତର ସାମର୍ଥ୍ୟକୁ ସୂଚିତ କରୁଛି। ବର୍ତ୍ତମାନ ଭାରତରେ ଡେଙ୍ଗୁ ବିରୋଧରେ କୌଣସି ☞ **ପୃଷ୍ଠା–୫**

# ପତଞ୍ଜଳିଙ୍କୁ ସୁପ୍ରିମକୋର୍ଟ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୧୪।୮**

**ଅଦାଲତ ଅବମାନନା ମାମଲା ବନ୍ଦ**

ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ପତଞ୍ଜଳିକୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଯୋଗଗୁରୁ ରାମଦେବ, ତାଙ୍କ ସହଯୋଗୀ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ପତଞ୍ଜଳି ଆୟୁର୍ବେଦ ଲିଃର କ୍ଷମା ଆବେଦନକୁ ସର୍ବୋଚ୍ଚ ଅଦାଲତ ଗ୍ରହଣ କରିବା ସହ ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାକୁ ବନ୍ଦ କରିଦେଇଛନ୍ତି।

ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଥିଲା। କୋଭିଡ୍–୧୯ ଟିକାକରଣ ଏବଂ ଔଷଧର ଆଧୁନିକ ବ୍ୟବସ୍ଥା ବିରୋଧରେ ପତଞ୍ଜଳି ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରି ଅଭିଯାନ ଚଳାଇଥିବା ଏଥିରେ ଦର୍ଶାଯାଇଥିଲା। ସର୍ବୋଚ୍ଚ ଅଦାଲତ ଗତ ମେ' ୧୪ରେ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ☞ **ପୃଷ୍ଠା–୫**










# ଜେଲ, ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ୭ଜଣଙ୍କୁ ପଦକ

ଭୁବନେଶ୍ୱର,୧୪।୮ (ସତ୍ୟଜିତ୍ ରାଉତ)

ଓଡ଼ିଶାର ଜେଲ୍, ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୭ଜଣଙ୍କୁ ପଦକ ପ୍ରଦାନ କରାଯିବ। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ଉପରୋକ୍ତ ୩ ବର୍ଗ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଦକ ଘୋଷଣା କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଜେଲ ସେବା ବର୍ଗରେ ଜେଲର ରତିକାନ୍ତ ଶୁକ୍ଳାଙ୍କୁ ପଦକ ପ୍ରଦାନ କରାଯିବ। ସେହିଭଳି ପ୍ରଶଂସନୀୟ ସେବା ପାଇଁ ଅଗ୍ନିଶମ ସେବା ବର୍ଗରୁ ୨ଜଣ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଲିଡିଂ ଫେୟାରମ୍ୟାନ୍ ନିରଞ୍ଜନ ଜେନା ଓ ସୁକାନ୍ତ କୁମାର ବେହେରା। ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ୪ଜଣଙ୍କୁ ପଦକ ମିଳିବ। ସେମାନଙ୍କ ମଧ୍ୟରୁ ଉଲ୍ଲେଖନୀୟ ସେବା ପାଇଁ କମ୍ପାନୀ କମାଣ୍ଡର୍ ପ୍ରକାଶ ଚନ୍ଦ୍ର ସାହୁ ଓ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟର୍ ସୀମାଞ୍ଚଳ କୁଣ୍ଡୁଙ୍କୁ 'ରାଷ୍ଟ୍ରପତି ପଦକ' ଓ ପ୍ରଶଂସନୀୟ ସେବା ପାଇଁ ପ୍ଲାଟୁନ୍ କମାଣ୍ଡର୍ ସୁଲଚନା ସାହୁ ଓ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟର୍ ଝାଗୁ ବରୁଣଆଙ୍କୁ ପଦକରେ ସମ୍ମାନିତ କରାଯିବ। ସୂଚନାଯୋଗ୍ୟ, ଏହି ୩ ବର୍ଗରେ ଦେଶର ମୋଟ ୧୨୯ଜଣଙ୍କୁ ବିଭିନ୍ନ ପଦକରେ ସମ୍ମାନିତ କରାଯିବ।




# ଓଡ଼ିଶାର ୧୩ ଜଣଙ୍କୁ ପୋଲିସ ପଦକ

ଭୁବନେଶ୍ୱର,୧୪।୮ (ସତ୍ୟଜିତ୍ ରାଉତ)

## ଘୋଷଣା କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

- ଏଡିଜି ସୁରେଶ ଦେବଦତ୍ତ ସିଂ, ଡିଏସ୍‌ପି ସଚ୍ଚିଦାନନ୍ଦ ରଥଙ୍କୁ ରାଷ୍ଟ୍ରପତି ପୋଲିସ ପଦକ
- ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ମନୋନୀତ ହେଲେ ୧୧ ଜଣ

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଓ ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୋଲିସ ବିଭାଗର ୧୩ ଜଣଙ୍କୁ ପୋଲିସ ପଦକ ପ୍ରଦାନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ଦୁଇ ଅଧିକାରୀଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୧ ଜଣଙ୍କୁ 'ପୋଲିସ ପଦକ'ରେ ସମ୍ମାନିତ କରାଯିବ। ୭୮ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଦେଶର ଅନ୍ୟ ରାଜ୍ୟରେ ପୋଲିସ ପଦକ ପାଇଁ ମନୋନୀତ ମୋଟ ୯୦୮ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଛି। ତେବେ ଓଡ଼ିଶାରୁ ରାଷ୍ଟ୍ରପତି ପୋଲିସ ପଦକ ପାଇବାକୁ ମନୋନୀତ ଦୁଇ ଅଧିକାରୀ ହେଲେ ଅତିରିକ୍ତ ପୋଲିସ ଡିଜି (ଅପରେସନ୍ସ) ସୁରେଶ ଦେବଦତ୍ତ ସିଂ ଏବଂ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ଡିଏସ୍‌ପି ସଚ୍ଚିଦାନନ୍ଦ ରଥ। ସେହିପରି ପୋଲିସ ପଦକ ପାଇବାକୁ ମନୋନୀତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀ ହେଲେ ଯାଜପୁର କଳିଙ୍ଗନଗରସ୍ଥିତ ୩ୟ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ୍‌ର ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ, ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ର ଡିଏସ୍‌ପି ସନତ କୁମାର ନାଥଶର୍ମା, ସମ୍ବଲପୁର ଭିଜିଲାନ୍ସ ଡିଭିଜନ୍‌ର ଡିଏସ୍‌ପି କବିତା ସାହୁ, ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲ୍ୟୁ)ର ଇନ୍ସପେକ୍ଟର ହରିବନ୍ଧୁ ଭତ୍ରା, କ୍ରାଇମବ୍ରାଞ୍ଚର ଏସ୍‌ଆଇ ପ୍ରଦ୍ୟୁମ୍ନ କୁମାର ନନ୍ଦ, ଯାଜପୁର ବରିଷ୍ଠିତ ପୋଲିସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ପିଟିଆଇ)ର ଏଏସ୍‌ଆଇ ବାବୁଲା ସାମଲ, ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ୍‌ର କନ୍‌ଷ୍ଟେବଲ ସଞ୍ଜୁକ୍ତା ପଟ୍ଟନାୟକ, ବାଲେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର କନ୍‌ଷ୍ଟେବଲ ପ୍ରମୋଦ କୁମାର ମହନ୍ତ, କଟକ ସହରାଞ୍ଚଳ ପୋଲିସ ଜିଲାର ହାବିଲଦାର ତୋଫାନ ବେହେରା, ଖୋର୍ଦ୍ଧାସ୍ଥିତ ୬ଷ୍ଠ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ୍‌ର ହାବିଲଦାର ପ୍ରାଣକୃଷ୍ଣ ଲେଙ୍କା ଏବଂ ରାଉରକେଲାର ହାବିଲଦାର ସୁରେଶ ଚନ୍ଦ୍ର ରାଉତ। ତେବେ ପୋଲିସ ପଦକ ପାଇବାକୁ ମନୋନୀତ ହୋଇଥିବା ସମସ୍ତଙ୍କୁ ରାଜ୍ୟ ପୋଲିସ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।









ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୫/୨୦୨୪ Bhubaneswar, Thursday, August 15/2024


# ଖଣି କମ୍ପାନୀଠାରୁ ବକେୟା ଆଦାୟ କରିପାରିବେ ରାଜ୍ୟ

**ନୂଆଦିଲ୍ଲୀ,୧୪।୮**

ଖଣି ପ୍ରାଚୁର୍ଯ୍ୟ ରାଜ୍ୟଗୁଡ଼ିକ ଖନନକାରୀ କମ୍ପାନୀଗୁଡ଼ିକଠାରୁ ଅତୀତର (୨୦୦୫ ଏପ୍ରିଲ ୧ରୁ ପଡ଼ିରହିଥିବା) ବକେୟା ଟିକସ ସଂଗ୍ରହ କରିପାରିବେ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଟିକସ ଦାବିର ଦେୟ ସମୟ ୨୦୨୬ ଏପ୍ରିଲ ୧ରୁ ୧୨ ବର୍ଷର ଅବଧି ମଧ୍ୟରେ କିସ୍ତିରେ ଦିଆଯାଇପାରିବ। ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟକୁ ନିଷ୍ପ୍ରଭ କରିବା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ ନ କଲେ ଏହାଦ୍ୱାରା ଖନନକାରୀ କମ୍ପାନୀଗୁଡ଼ିକର ଭବିଷ୍ୟତ ପ୍ରଭାବିତ ହେବ ବୋଲି ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ମିନେରାଲ ଇଣ୍ଡଷ୍ଟ୍ରିଜ୍ ସାଧାରଣ ସମ୍ପାଦକ ଆର୍.କେ. ଶର୍ମା କହିଛନ୍ତି।



ସୁପ୍ରିମକୋର୍ଟ ଜୁଲାଇ ୨୫ରେ ଦେଇଥିବା ଏ ସମ୍ପର୍କିତ ରାୟକୁ ସେହି ତାରିଖଠାରୁ ଲାଗୁ କରାଯାଉ ବୋଲି କରାଯାଇଥିବା ଯୁକ୍ତିକୁ ବୁଧବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ସିଜେଆଇ ଚନ୍ଦ୍ରଚୂଡ଼ ସଂଖ୍ୟାଗରିଷ୍ଠ ୮:୧ ରାୟ ପ୍ରକାଶ କରି କହିଛନ୍ତି, ଜୁଲାଇ

## ୯ ଜଣିଆ ସାମ୍ବିଧାନିକ ପୀଠର ରାୟ

୨୫ରେ ଅଦାଲତ ରାଜ୍ୟଗୁଡ଼ିକୁ ଖଣି ଟିକସ ସମ୍ପର୍କିତ ବ୍ୟବସ୍ଥାପିକା ଅଧିକାର ପ୍ରଦାନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇସାରିଛନ୍ତି। ଜୁଲାଇ ୨୫ର ରାୟ ପରେ ଏହା କେବେଠୁ ଲାଗୁହେବ ସେନେଇ ୩୧ ତାରିଖରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା। ଖଣିଜ ସମ୍ପଦ ଉପରେ ୧୯୮୯ରୁ ବସାଯାଉଥିବା ରୟାଲଟି ଫେରସ୍ତ ପାଇଁ ରାଜ୍ୟଗୁଡ଼ିକର ଦାବିକୁ କେନ୍ଦ୍ର ସରକାର ବିରୋଧ କରିଥିଲେ। ଏହାଦ୍ୱାରା ନାଗରିକମାନେ ପ୍ରଭାବିତ ହେବା ସହ ସରକାରୀ ଉଦ୍ୟୋଗ (ପିଏସ୍ୟୁ)ଗୁଡ଼ିକୁ ୭୦,୦୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ ବୋଲି ସରକାର ଯୁକ୍ତି ବାଢ଼ିଥିଲେ। ମିନେରାଲ ଏରିଆ ଡେଭେଲପ୍‌ମେଣ୍ଟ ଅଥରିଟି ଆଇନ (ଏମ୍ଏଡିଏ ଜୁଲାଇ ୨୫ ରାୟ) ପୂର୍ବ ଅବଧି ପାଇଁ କରାଯାଇଥିବା ଦାବି ଉପରେ କୌଣସି ସୁଧ କିମ୍ବା ଜରିମାନା ଲାଗିବ ନାହିଁ ବୋଲି ପୀଠ କହିଛନ୍ତି। ଏମ୍ଏଡିଏରେ ନିର୍ଦ୍ଧାରିତ ଆଇନ ଅନୁସାରେ ସମ୍ବିଧାନ ସପ୍ତମ ପରିଚ୍ଛେଦର ଦ୍ୱିତୀୟ ତାଲିକାରେ ଏଣ୍ଟ୍ରି ୪୯ ଓ ୫୦ ସମ୍ବନ୍ଧିତ ଟିକସ କିମ୍ବା ନୂଆ ଦାବି ରାଜ୍ୟଗୁଡ଼ିକ କରିପାରିବେ। ୨୦୦୫ ଏପ୍ରିଲ ୧ ପୂର୍ବରୁ କରାଯାଇଥିବା କାରବାର ଉପରେ ଟିକସ ଦାବି କରାଯାଇପାରିବ ନାହିଁ ବୋଲି ପୀଠ ସ୍ପଷ୍ଟ କରିଛନ୍ତି। ସାମ୍ବିଧାନିକ ପୀଠରେ ସିଜେଆଇଙ୍କ ସହ ଜଷ୍ଟିସ୍ ହୃଷୀକେଶ ରାୟ, ଅଭୟ ଏସ୍. ଓକା, ଜେ. ବି. ପର୍ଦ୍ଦିୱାଲା, ☞ପୃଷ୍ଠା-୫



'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସୂଚନା ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ ଓ ଅନ୍ୟମାନେ।

# 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୮(ସୁନିତ୍ ମିଶ୍ର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାରେ ଆୟୋଜିତ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ପଦଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ଆମ ସମସ୍ତଙ୍କୁ ଦେଶପ୍ରେମର ସୂତ୍ରରେ ବାନ୍ଧି ରଖିବାରେ ସଫଳ ହେଉଛି। ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରଠାରୁ ମୁକ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, ଜାତୀୟ ପତାକା ଆମ ଦେଶ ତଥା ପ୍ରତ୍ୟେକ ଦେଶବାସୀଙ୍କ ପାଇଁ ବହୁ ସମ୍ମାନ ଓ ଗୌରବ ବହନ କରିଥାଏ। ତ୍ରିରଙ୍ଗାର ୩ ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣିତ କରିଥାଏ। ଆମ ଜାତୀୟ ପତାକା ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ। ଏହା ମଧ୍ୟ ରାଷ୍ଟ୍ରୀୟ ଏକତା, ସହିଷ୍ଣୁତା ଓ ବନ୍ଧୁତ୍ୱର ପ୍ରତୀକ। ପ୍ରତ୍ୟେକ ଦେଶବାସୀ ଆମ ଜାତୀୟ ପତାକାକୁ ନେଇ ଗର୍ବ ଅନୁଭବ କରିଥାଆନ୍ତି ☞ପୃଷ୍ଠା-୫

# ବ୍ଲାକ୍‌ରୋଜ୍ ତଦନ୍ତ ହେବ

## ଡିଜିପିଙ୍କୁ ଚିଠି ଲେଖିଲା ଗୃହ ବିଭାଗ

**ଭୁବନେଶ୍ୱର,୧୪।୮(ଅନିଲ ଦାସ)**

ଦୀର୍ଘ ୧୫ବର୍ଷ ପରେ ପୁଣି ବହୁଚର୍ଚ୍ଚିତ ବ୍ଲାକ୍‌ରୋଜ ଜାହାଜ ବୁଡ଼ି ଘଟଣାର ଗୁମର ଖୋଲିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ଏହି ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ) ଦ୍ୱାରା କରିବାକୁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିଲେ ହେଁ, ତତ୍କାଳୀନ ବିଜେଡି ସରକାର ଏଥିରେ ସହଯୋଗ କରୁ ନ ଥିଲେ। ଏବେ ସରକାର ପରିବର୍ତ୍ତନ ହେବା ପରେ ବ୍ଲାକ୍‌ରୋଜ ବୁଡ଼ି ଘଟଣାର ତଦନ୍ତ କରିବାକୁ ୨୦୨୪ ଜୁନ୍ ୨୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୂଚନାଧିକାର



କର୍ମୀ ପ୍ରଦୀପ ପ୍ରଧାନ ଏକ ପତ୍ର ଲେଖିଥିଲେ। ବ୍ଲାକ୍‌ରୋଜ ବୁଡ଼ି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତର ସମସ୍ତ ଦସ୍ତାବିଜ ସିବିଆଇକୁ ହସ୍ତାନ୍ତର ପାଇଁ ପ୍ରଧାନ ନିବେଦନ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଘଟଣାର ଉପଯୁକ୍ତ ଅନୁସନ୍ଧାନ କରିବାକୁ ଗୃହ ବିଭାଗ ପକ୍ଷରୁ ଡିଜିପିଙ୍କୁ ଚିଠି ଲେଖାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୦୯ ସେପ୍ଟେମ୍ବର ୯ ତାରିଖରେ ପାରାଦୀପ ବନ୍ଦରଠାରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ମଙ୍ଗୋଲିଆର ପଣ୍ୟବାହୀ ଏମ୍‌ଭି ବ୍ଲାକ୍‌ରୋଜ ଜାହାଜ ବୁଡ଼ି ଯାଇଥିଲା। ଉକ୍ତ ଜାହାଜରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ଏବଂ ୯୨୦ ମେଟ୍ରିକ୍ ଟନ୍ ଫର୍ନେସ ଅଏଲ ବୋଝେଇ ହୋଇଥିଲା। ଏହି ଦୁର୍ଘଟଣା ସମୟରେ ଜାହାଜରେ ୨୭ଜଣ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ଉଦ୍ଧାର ☞ପୃଷ୍ଠା-୫



## ବ୍ଲକସ୍ତରୀୟ ଘରେ ଘରେ ତ୍ରିରଙ୍ଗା ଅଭିଯାନ

ବନ୍ତ,୧୪।୮(ହରି ନାରାୟଣ ମହାନ୍ତି)

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବୁଧବାର ବନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବନ୍ତ ବଜାର ପରିକ୍ରମା କରି କେନ୍ଦୁଆପଦା ଛକ ପର୍ଯ୍ୟନ୍ତ ଯାଇଥିଲା। ବିଡିଓ ପ୍ରଦୀପ କୁମାର ସେଠୀ ଏହାକୁ ଶୁଭାରମ୍ଭ କରିଥିଲେ। ବନ୍ତ ହାଇସ୍କୁଲ, ବାଳିକା ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହିଳା ଓ ବ୍ଲକର ସମସ୍ତ କର୍ମଚାରୀ ଏଥିରେ ସାମିଲ ଥିଲେ। ଶୋଭାଯାତ୍ରା ଶେଷରେ ଅଫିସ୍ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ଜିପିଓ ସୁଚିସ୍ମିତା ବାରିକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଶାକର ଖୁଣ୍ଟିଆ, ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାସୁମନ ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ ସାହୁ, କିରାଣି ଅନୱାର ହୋସେନ ଖାନ୍, ନଜରୁଲ ରହେମାନ, କମ୍ପ୍ୟୁଟର ପ୍ରୋଗ୍ରାମର ସୁଧାଂଶୁ ଶେଖର ବିଶ୍ୱାଳଙ୍କ ସହ ମିଶନ ଶକ୍ତିର ବିପିଏମ୍, ବିଏଲ୍‌ସି ଏବଂ ଅନ୍ୟ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ସହକାରୀ କମ୍ପ୍ୟୁଟର ପ୍ରୋଗ୍ରାମର ମିତ୍ରଭାନୁ ସ୍ୱାଇଁ, କର୍ମଚାରୀ ରତନି ଜେନା ପ୍ରମୁଖ ସହଯୋଗ କରିଥିଲେ।

**ପଞ୍ଚାୟତ ସମିତିର ୬ଷ୍ଠ ଅଧିବେଶନ**

# ମଧ୍ୟାହ୍ନଭୋଜନକୁ ନେଇ ବିଡିଓ-ବିଇଓ ମୁହାଁମୁହିଁ

- ନିମ୍ନମାନର ଛତୁଆ ଦେଖାଇଲେ ସରପଞ୍ଚ
- ବୈଠକର ବିବରଣୀପତ୍ରକୁ ଜାଲ୍ କହି ଚିରିଦେଲେ
- ଅନୁପସ୍ଥିତ ଅଧିକାରୀଙ୍କୁ ପଠାଯିବ କାରଣ ଦର୍ଶାଅ ନୋଟିସ

ତିହିଡ଼ି, ୧୪।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ଅଧିବେଶନ ବୁଧବାର ନୀଳମଣି ସଭାଗୃହରେ ଚାଲିଥିବା ବେଳେ ମଧ୍ୟାହ୍ନ ଭୋଜନକୁ ନେଇ ବିଡିଓ ଏବଂ ବିଇଓ (ବ୍ଲକ ଶିକ୍ଷାଧିକାରୀ) ମୁହାଁମୁହିଁ ହୋଇଛନ୍ତି। ସେହିପରି ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି ପିଲାଙ୍କୁ ବଣ୍ଟନ କରାଯାଉଥିବା ଛତୁଆ ନିମ୍ନମାନର ବୋଲି ବାରୋ ପଞ୍ଚାୟତର ସରପଞ୍ଚ ଉଦ୍ଧବ ନାୟକ ଅଭିଯୋଗ କରିଛନ୍ତି। ସେହି ଛତୁଆକୁ ଦେଖାଇବା ସହ ପୂର୍ବ ବୈଠକର ବିବରଣୀକୁ ଜାଲ୍ କହି ଚିରିଦେବା ଘଟଣା ବୈଠକର ବାତାବରଣକୁ ସରଗରମ କରିଥିଲା।

ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ ମାନସ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ କେଉଁ ବିଭାଗର ଅଧିକାରୀମାନେ ଉପସ୍ଥିତ ଅଛନ୍ତି, ଏମ୍‌ପି ଅଭିମନ୍ୟୁ ସେଠୀ ଜାଣିବା ପାଇଁ ଅଧିକାରୀଙ୍କ ହାତ ଟେକା ଉପସ୍ଥିତି ଦେଖାଯାଇଥିଲା। ଅନୁପସ୍ଥିତ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବାକୁ ଏମ୍‌ପି କହିଥିଲେ।



ବାରୋ ସରପଞ୍ଚ ଉଦ୍ଧବ ନାୟକ ନିମ୍ନମାନର ଅଭିଯୋଗ କରି ଛତୁଆ ପ୍ୟାକେଟ୍ ଦେଖାଉଛନ୍ତି।

ତେବେ ବର୍ଷେ ହେଲା ପଞ୍ଚାୟତ ସମିତିର ବୈଠକ କାହିଁକି ଡକାଯାଇ ନ ଥିଲା ବୋଲି ସମିତିସଭ୍ୟ ଶୁକଦେବ ମଲିକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସଞ୍ଜୀବ ବେହେରା ପ୍ରମୁଖ ପ୍ରଶ୍ନ ଉଠାଇଥିଲେ। ସରକାରଙ୍କ ନିୟମାନୁଯାୟୀ ବୈଠକ ଡକାଇବାକୁ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ନେଇ ଅଭିଯୋଗ କରିଥିଲେ ଫତେପୁର ସରପଞ୍ଚ ପ୍ରଦୀପ ବଳ। ସ୍କୁଲରେ ଶିକ୍ଷକମାନେ ପିଲାମାନଙ୍କଠାରୁ ଭଲ ଖାଉଛନ୍ତି ବୋଲି ବିଡିଓ ଜ୍ୟୋତିର୍ମୟ କର କହିବା ପରେ ବିଇଓ ଶୁଭସ୍ମିତା ତ୍ରିପାଠୀ ବିଡିଓଙ୍କୁ ଆକ୍ଷେପମୂଳକ ମନ୍ତବ୍ୟ ଦେବାରୁ ବୈଠକର ବାତାବରଣ ସରଗରମ ହୋଇଥିଲା। ଚାନ୍ଦବାଲି ବିଧାୟକ ରାୟଙ୍କ ସମେତ କେତେଜଣ ସରପଞ୍ଚ ଓ ସମିତିସଭ୍ୟ ଆକ୍ଷେପ ଉଚିତ ନୁହେଁ ବୋଲି ଦର୍ଶାଇବାରୁ ବିଇଓ ଏଥିପାଇଁ କ୍ଷମା ମାଗିଥିବା ଜଣାଯାଇଛି। ବୈଠକରେ ବଣ୍ଟନ କରାଯାଇଥିବା ବିବରଣୀ ପତ୍ର ଜାଲ୍ ଦର୍ଶାଇ ବାରୋ ସରପଞ୍ଚ ନାୟକ ସର୍ବସମ୍ମୁଖରେ ଏହାକୁ ଚିରି ଦେଇଥିଲେ। ପୂର୍ବ ବୈଠକରେ ହୋଇଥିବା ଆଲୋଚନାର ଠିକ୍ ବିବରଣୀ ଉଲ୍ଲେଖ କରାଯାଇ ନ ଥିବା ସେ ଅଭିଯୋଗ କରିଥିଲେ। ଶିଶୁ ବିକାଶ ଯୋଜନାରେ ନିର୍ମାଣ ହୋଇପାରି ନ ଥିବା ଅଙ୍ଗନୱାଡି ଗୃହ ପାଇଁ ସରକାରୀ ଜାଗା ଚିହ୍ନଟ କରିବାକୁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ସମୟରେ ବାରୋ ସରପଞ୍ଚ ନାୟକ ଅଙ୍ଗନୱାଡି ଶିଶୁଙ୍କୁ ବଣ୍ଟନ ହେଉଥିବା ଛତୁଆ ନିମ୍ନମାନର ଦର୍ଶାଇ ପ୍ୟାକେଟ ପ୍ରଦର୍ଶନ କରିବା ସହ ଏହାର ମାନ ଯାଞ୍ଚ ପାଇଁ ଦାବି କରିଥିଲେ। ଯାଞ୍ଚ କମିଟି ଗଠନ କରାଯାଇ ପ୍ରତି ମାସ ଛତୁଆର ମାନ ପରୀକ୍ଷା କରିବାକୁ ଏମ୍‌ପି ପରାମର୍ଶ ଦେଇଛନ୍ତି।

ଏହାବ୍ୟତୀତ ଅଙ୍ଗନୱାଡି ଶିଶୁମାନେ ଅସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢୁଥିବା ପାଳିଆବିନ୍ଧା ସରପଞ୍ଚ ଯଶୋଦା ମଲ୍ଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ ଓ ନୂଆନନ୍ଦ ସରପଞ୍ଚ ନିହାରିକା ବିଶ୍ୱାଳ ଅଭିଯୋଗ କରିଥିଲେ। କାଁପଡ଼ା ପ୍ରାଥମିକ ସ୍କୁଲ ପାଖରେ ଥିବା ବାଉଁଶ ପୋଲରେ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବା ସରପଞ୍ଚ କୁନ୍ତଳା ମଲିକ ଦର୍ଶାଇବା ସହ ତୁରନ୍ତ ପକ୍କାପୋଲ ପାଇଁ ଦାବି କରିଥିଲେ। ସେହିପରି ମଙ୍ଗଳପୁର ପଞ୍ଚାୟତରେ କାର୍ଯ୍ୟାଳୟ ନ ଥିବା ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଦର୍ଶାଇ ତୁରନ୍ତ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ।

ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ସହକାରୀ ଯନ୍ତ୍ରୀ ଟେକଚାନ୍ଦ କାଲୋ ମଞ୍ଚାସୀନ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନ, ସିଡିପିଓ ସଙ୍ଗୀତା ସିଂ, ମେଡିକାଲ ଅଫିସର ଡା. ଶୁଭକାନ୍ତ ଓଝା, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସୁମତୀ ସେଠୀ, ଅମୂଲ୍ୟ କୁମାର ମାଝୀଙ୍କ ସହ ସରପଞ୍ଚ ଓ ସମିତିସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ଜିପିଓ ପ୍ଲାବନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ରାଉତ, ଭୀଷ୍ମଦେବ ଶତପଥୀ, ପିଇଓ ଦୀନବନ୍ଧୁ ମହାନ୍ତି, ଶାରଦା ବଳ, ଡ. ଅରୁଣ ପଣ୍ଡା, ସୁଧାଂଶୁ ନାୟକ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## 'ନାରୀ ସଶକ୍ତୀକରଣ ସୁଦୃଢ଼ କରିବା ସରସ୍ୱତୀଙ୍କ ମୂଳ ଲକ୍ଷ୍ୟ ଥିଲା'

ଧାମନଗର,୧୪।୮(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଡ଼ିଆ)

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୂର୍ଯ୍ୟମଣି ତ୍ରିପାଠୀଙ୍କ ସ୍ତ୍ରୀ ସ୍ୱର୍ଗତ ସରସ୍ୱତୀ ତ୍ରିପାଠୀଙ୍କ ଦ୍ୱାଦଶାହ କ୍ରିୟା ଅବସରରେ ବୁଧବାର ଧାମନଗର ମେଡିକାଲ ନିକଟସ୍ଥ ମେଲଣ ପଡ଼ିଆଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ସଭାପତିତ୍ୱ ଓ ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ମହାପାତ୍ର ସଭା ସଞ୍ଚାଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ପୂର୍ବତନ ଏମ୍‌ପି ମୁରଲୀଧର ଜେନା, ମଞ୍ଜୁଲତା ମଣ୍ଡଳ, ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ଚନ୍ଦ୍ର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, ବିଜୟ କୁମାର ରାମ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଆଇନଜୀବୀ ଦେବାଶିଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ନାରୀ ସଶକ୍ତୀକରଣ କିପରି ଭାବେ ସୁଦୃଢ଼ କରାଯିବ, ତାହା ସରସ୍ୱତୀଙ୍କ ମୂଳ ଲକ୍ଷ୍ୟ ଥିଲା। ସେଥିପାଇଁ ସେ ସର୍ବଦା ପ୍ରଚେଷ୍ଟା ଜାରି ରଖିଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'ସ୍ମୃତିରେ ସରସ୍ୱତୀ' ପୁସ୍ତକ ଉନ୍ମୋଚନ କରାଯାଇଛି। ସିପିଆଇଏମ୍ ନେତା ଚନ୍ଦ୍ରଶେଖର ନାୟକ, କଂଗ୍ରେସ ନେତା ଅଭିଷେକ ରାଉତ, ଏସ୍‌ୟୁଜେ ସଂଘ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ କୁମାର ବାରିକ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ପ୍ରେସ କ୍ଲବ୍ ସଭାପତି ବୈକୁଣ୍ଠ ନାଥ ସାହୁ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ପୁଅ ନାରାୟଣ ଚନ୍ଦ୍ର ତ୍ରିପାଠୀ, ବାସୁଦେବ ତ୍ରିପାଠୀ ଓ ପଦ୍ମନାଭ ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥି।

## ମହିଳା ମହାସଂଘ ଜମାଖାତାରୁ ୨୦ ଲକ୍ଷ ଆତ୍ମସାତ୍ ଅଭିଯୋଗ


ସିଆର୍‌ପି ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ ବିପିଏମ୍‌ଙ୍କୁ ଭେଟି ଅଭିଯୋଗ କରୁଛନ୍ତି।

ବନ୍ତ,୧୪।୮(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ପଧାନପଡ଼ା ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଜମାଖାତାରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ନେଇ ଅଭିଯୋଗ ହୋଇଛି। ମହାସଂଘ ଅଧୀନରେ ଥିବା ସିଆର୍‌ପି ଓ ଏସଏଚ୍‌ଜିର ସଦସ୍ୟାମାନେ ବୁଧବାର ଏନେଇ ବିପିଏମ୍ ଦୁର୍ଗା ପ୍ରସାଦ ଦାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବନ୍ତସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ଥିବା ମହାସଂଘର ଜମାଖାତାରୁ ସଭାନେତ୍ରୀ, ସମ୍ପାଦିକା ଓ ଏମ୍‌ବିକେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ଆତ୍ମସାତ୍ କରିଛନ୍ତି। ଉକ୍ତ ଟଙ୍କା ଫେରସ୍ତ କରିବା ପାଇଁ ସିଆର୍‌ପି ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ ବହୁବାର କହୁଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି।

ମହାସଂଘ ଅଧୀନରେ ଥିବା ଏକ ସ୍ୱୟଂସହାୟକ ଗୋଷ୍ଠୀ ଦୀର୍ଘବର୍ଷ ହେବ ବନ୍ଦ ହୋଇଯାଇଥିବା ବେଳେ ଉକ୍ତ ଗ୍ରୁପ୍ ନାମରେ ଏକାଧିକବାର ବ୍ୟାଙ୍କ ଋଣ ଉଠାଯାଇ ହଡ଼ପ କରାଯାଇଛି। ଉକ୍ତ ଗୋଷ୍ଠୀ ନାମରେ ନକଲି ରିଜୋଲେସନ ତିଆରି କରାଯିବା ସହ ସଭାନେତ୍ରୀ, ସମ୍ପାଦିକା ଓ ସଦସ୍ୟାମାନଙ୍କ ଜାଲ୍ ଦସ୍ତଖତ କରାଯାଇ ଟଙ୍କା ଉଠାଯାଇଛି। ସେଲ୍ଫ ଚେକ୍ ଜରିଆରେ ବ୍ୟାଙ୍କରୁ ନଗଦ ଟଙ୍କା ଉଠାଇବା ଏବଂ ମହାସଂଘ ଜମାଖାତାରୁ ନିଜ ବ୍ୟକ୍ତିଗତ ଜମାଖାତାକୁ ଟଙ୍କା ଟ୍ରାନ୍ସଫର କରାଯାଇଛି। ସେହିପରି ଏସ୍‌ଏଚ୍‌ଜିମାନଙ୍କ ମାସିକ ଦେୟ ମହାସଂଘ ଜମାଖାତାରେ ଡିପୋଜିଟ କରା ନ ଯାଇ ହଡ଼ପ କରାଯାଇଥିବା ସିଆର୍‌ପି ଉମାରାଣୀ ଦାସ, କବିତା ନାୟକ, ସୁରଜିତା ବେହେରା, ଖଲିଦା ବିବି, ଇସମାତୁନ୍ ଖାତୁନ, ଏସ୍‌ଏଚ୍‌ଜି ସଦସ୍ୟା ତିଲୋତ୍ତମା ଯେନା, ମାନସୀ ଯେନା, ସୁଲୋଚନା ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ହଡ଼ପ ଟଙ୍କା ତୁରନ୍ତ ଆଦାୟ କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିପିଏମ୍ ଦୁର୍ଗା ପ୍ରସାଦ ଦାଶ ଆସନ୍ତା ବୁଧବାର ମଧ୍ୟରେ କାଗଜପତ୍ର ଯାଞ୍ଚ କରାଯିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସାଂସ୍କୃତିକ ବିପ୍ଳବ ପାଇଁ ସାହିତ୍ୟିକଙ୍କ ଲେଖନୀ ଜାରି ରହୁ


ସାହିତ୍ୟିକ ସ୍ୱର୍ଗତ ନବଘନ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି।

ଭଣ୍ଡାରିପୋଖରୀ,୧୪।୮(ରାଜେନ୍ଦ୍ର ଶତପଥୀ)

ଶିକ୍ଷକ ଓ ସାହିତ୍ୟିକ ସର୍ବଦା ମୃତ୍ୟୁଞ୍ଜୟୀ। ସାଂସ୍କୃତିକ ଓ ସାମାଜିକ ବିପ୍ଳବ ଦ୍ୱାରା ଉତ୍ତରପିଢ଼ିଙ୍କୁ ଅନୁପ୍ରେରିତ କରିବା ପାଇଁ ସାହିତ୍ୟିକଙ୍କ ଲେଖନୀ ଜାରି ରହୁ ବୋଲି ମଞ୍ଜୁରୀରୋଡ୍‌ଠାରେ ସାହିତ୍ୟିକ ଓ ଶିକ୍ଷାବିତ୍ ସ୍ୱର୍ଗତ ନବଘନ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ପ୍ରତିଭା ଜାଗରଣ ମଞ୍ଚ ଆନୁକୂଲ୍ୟରେ ସାହିତ୍ୟିକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା କବି ଗୋସ୍ୱାମୀ ଗୋଲାମ ଦେବତା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପାରାଦୀପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ମୋହନ ମିଶ୍ର ଏବଂ ଅନ୍ୟତମ ବକ୍ତା ଭାବେ ଡ. ଭାଗବତ ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ମାଝୀ, ଭୁବନମୋହନ ମହାନ୍ତି, ମନୋଜ ରାଉତରାୟ, ଗୋଲକ ପ୍ରସାଦ ମହାନ୍ତି, କିଶୋର ଦାସ, ପଦ୍ମଲୋଚନ ଦାସ, ଶ୍ରୀପତି ଜେନା, ହରିଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କୁ 'ନବଘନ ପଣ୍ଡା ଶିକ୍ଷା-ସାହିତ୍ୟ ସମ୍ମାନ' ଓ ଲୋକନାଥ ପାଠାଗାରର ପ୍ରତିଷ୍ଠାତା ବିକାଶ ଶତପଥୀଙ୍କୁ 'ନବଘନ ପଣ୍ଡା ପାଠକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ, ବିଶ୍ୱନାଥ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ସୁରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମାନପତ୍ର ପାଠ କରିଥିଲେ ଡ. କେଶବ ଚନ୍ଦ୍ର ମହାପାତ୍ର ଓ ରାଜେଶ ବିଶ୍ୱାଳ। ମନ୍ମୟୀ ପଣ୍ଡା, ରମଣୀରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ପଦଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ସାମିଲ

ଭଦ୍ରକ,୧୪।୮
(ସନାତନ ରାଉତ/ରବିନାରାୟଣ ଖିଲାର)

ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଭଦ୍ରକ ଜିଲାରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାକୁ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜ ହବିବ୍, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମିଶନ ଶକ୍ତି ଡିପିସି ଅଭିକ୍ ନାରିନ୍ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ମହିଳା ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ୫୦୦ରୁ ଊର୍ଦ୍ଧ୍ୱ ଲୋକ ହାତରେ ତ୍ରିରଙ୍ଗା ଧରି ବିଭିନ୍ନ ନାରା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟାଉନହଲ୍ ପର୍ଯ୍ୟନ୍ତ ଯାଇଥିଲେ। ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବ୍ୟାଣ୍ଡବାଦନ ତ୍ରିରଙ୍ଗା ପତାକା ଧରି ରାସ୍ତାରେ ସ୍କେଟିଂ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ, ଭଦ୍ରକ ପୌର ପରିଷଦର କର୍ମଚାରୀ, କାଉନସିଲର ଓ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।


ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରୁଛନ୍ତି।

**ଜିଲାସ୍ତରୀୟ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ**

## ନୂତନ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭଦ୍ରକ,୧୪।୮(ରବିନାରାୟଣ ଖିଲାର)

ଭଦ୍ରକର ନୂତନ ଜିଲାପାଳ ଦିଲୀପ ରାଉତରାଏ ଦାୟିତ୍ୱ ଗ୍ରହଣ କରିବା ପରେ ଭୂମିକନ୍ୟା ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ଫଟୋ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଙ୍ଗଠନର ସଭାପତି ଲେଖିକା ସଂଯୁକ୍ତା ବଳ ନାୟକ, ସମ୍ପାଦିକା କବୟିତ୍ରୀ ଦମୟନ୍ତୀ ରାଉତ, ଉପସଭାପତି ତଥା କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ସହସମ୍ପାଦିକା ମାନସୀ ସୂତାର, ସହସମ୍ପାଦିକା ବୀଣାପାଣି ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ବେହେରା, ଗୌରାଙ୍ଗ ବାରିକ, ଅରବିନ୍ଦ ବେହେରା, ଉପଦେଷ୍ଟା ଶାନ୍ତିଲତା ବାରିକ, ମମତା ବଳ, ମୀନତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଜିଲାପାଳଙ୍କୁ ଜିଲାର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇବା ସହ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଥିଲେ। ସେହିପରି ବିଭିନ୍ନ ସଂଘ ଓ କମିଟି ଜିଲାପାଳଙ୍କୁ ସ୍ୱାଗତ କରିଛନ୍ତି।

## ଦେଶର ଅଖଣ୍ଡତାକୁ ବଜାୟ ରଖିବାକୁ ଶପଥପାଠ

ଧାମନଗର,୧୪।୮(ସନ୍ତୋଷ କୁମାର ମହାପାତ୍ର)

ସ୍ୱାଧୀନତା ଦିବସ ଉପଲକ୍ଷେ ବୁଧବାର ଧାମନଗର କଲେଜ ପରିସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଏମ୍‌ଡି ଇସ୍ରାଏଲ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ବଜାୟ ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ର, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମନୋଜ କୁମାର କର, ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ସଞ୍ଜୟ କୁମାର ପଣ୍ଡା, ସଜଳ କୁମାର ମହାନ୍ତି ଓ ଆଶୀର୍ବାଦ ମହାନ୍ତିଙ୍କୁ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଶପଥ ପାଠ କରାଇଥିଲେ। ଏଥିସହ ଘରେ ଘରେ ତ୍ରିରଙ୍ଗା ଉତ୍ସବ ପାଳନର ଉଦ୍ଦେଶ୍ୟ କହିଥିଲେ।

## ଧାମରା ବନ୍ଦର ପକ୍ଷରୁ କର୍ମଚାରୀଙ୍କୁ ସେଫ୍‌ଟି ଷ୍ଟାର ଆୱାର୍ଡ

ଚାନ୍ଦବାଲି, ୧୪।୮ (କିଷାନ ପାତ୍ର)

ଭଦ୍ରକ ଜିଲା ଧାମରା ଆଦାନୀ ବନ୍ଦର ପକ୍ଷରୁ ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେଫ୍‌ଟି ଷ୍ଟାର ଆୱାର୍ଡ ପ୍ରଦାନ କରାଯାଇଛି। ମଙ୍ଗଳବାର ଧାମରା ଗୁଆଁଳ ଗ୍ରାମର ସୁବାସ ମହାଳିକଙ୍କୁ ପ୍ରଥମ, ସୁନୀଲ ନାୟକଙ୍କୁ ଦ୍ୱିତୀୟ ଏବଂ ପ୍ରିୟରଞ୍ଜନ ବାରିକଙ୍କୁ ତୃତୀୟ ପୁରସ୍କାର ସହ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପାଇଁ ବନ୍ଦର ମଧ୍ୟରେ ସୁରକ୍ଷା ଓ ସଂସ୍କୃତିକୁ ଉତ୍ସାହିତ କରିବା, ଉପଲବ୍ଧ ସୁରକ୍ଷା ଉପକରଣଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା, ବ୍ୟକ୍ତିଗତ ସୁରକ୍ଷା ଆଦି ବିଷୟକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଲିଖିତ, ମୌଖିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୩ ଜଣଙ୍କୁ ଚୟନ କରାଯାଇ ଏହି ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକ୍କର, ସିଓଓ ସଞ୍ଜୀବ ଗୁପ୍ତା, ମାନବ ସମ୍ବଳ ଅଧିକାରୀ, ବାସୁକୀ ନାଥ, ମୁଖ୍ୟ ନିରାପତ୍ତା ଅଧିକାରୀ ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ଦର ନିରାପତ୍ତା ଅଧିକାରୀ ଆଶିଷ କୁମାର ନାୟକ, ସଞ୍ଜୟ କୁମାର ମିଶ୍ର, ଗୁଣାଧର ସାମଲ, ଦେବାଶିଷ ମିଶ୍ର ପ୍ରମୁଖ ପ୍ରଥମ ପୁରସ୍କାର ପାଇଥିବା ସୁବାସଙ୍କୁ ଶୋଭାଯାତ୍ରାରେ ଆଣି ତାଙ୍କ ଗ୍ରାମରେ ଛାଡ଼ିଥିଲେ। ସମସ୍ତ କର୍ମଚାରୀ ନିଜକୁ ସୁରକ୍ଷିତ ରଖିବା ସହ ସୁରକ୍ଷା ବଳୟ ମଧ୍ୟରେ ନିଜ ପରିବାରକୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମତପ୍ରକାଶ ପାଇଥିଲା।


ପୁରସ୍କାର ପ୍ରଦାନ ଅବସରରେ ବନ୍ଦର କର୍ମଚାରୀ ଓ ଅନ୍ୟମାନେ।

## ତ୍ରିରଙ୍ଗା ଶୋଭାଯାତ୍ରା

ବନ୍ତ,୧୪।୮ (ହରିନାରାୟଣ ମହାନ୍ତି)

ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବନ୍ତଠାରେ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୁଧାଂଶୁ ଗଣିଜାଙ୍ଗସ୍ଥିତ ତାରିଣୀ ମନ୍ଦିରରୁ ପୂଜାର୍ଚ୍ଚନା ସାରି ଶତାଧିକ କର୍ମୀଙ୍କ ସହ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ। କାଶିପୁର, ଛୟାଳସିଂହ, ବରହମପୁର, ତାଳପଦା, ଟିଲୋ, ଗ୍ରେନଗୋଲା, ବନ୍ତ ଆଦି ବଜାର ପରିକ୍ରମା କରି ଶ୍ରୀବନ୍ତପୁରସ୍ଥିତ ତାରିଣୀ ମନ୍ଦିରଠାରେ ପହଞ୍ଚିଥିଲେ। ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ବରିଷ୍ଠ ନେତା କମଳାକାନ୍ତ ସାହୁ, ଜିତେନ୍ଦ୍ର କୁମାର ନାୟକ, ସୁଧୀର ନାୟକ, ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ, କୃପାସିନ୍ଧୁ ସେଠୀ, ସନ୍ତୋଷ ନାୟକ, ବସନ୍ତ କୁମାର ବିଶ୍ୱାଳ, ଲକ୍ଷ୍ମୀଧର କର, ସୁବାସ ସ୍ୱାଇଁ, ମାନସ ଜେନା, ବସନ୍ତ ରାଜ, ଧନଞ୍ଜୟ ବିଶ୍ୱାଳ, ସୁରେଶ୍ୱର ବାରିକ, ଦିପୁନ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

## ଦିନରେ ଚାଲିଛି କୋଇଲା ଚାଲାଣ

**୩ ଶହ ବସ୍ତା ଜବତ**

ଚାନ୍ଦବାଲି,୧୪।୮(କିଷାନ ପାତ୍ର)

ଚାନ୍ଦବାଲି ଥାନା ଅଞ୍ଚଳରେ ଚୋରା କୋଇଲା କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଆଗରୁ କେବଳ ରାତି ବେଳେ ପୋଲିସକୁ ଚକ୍‌ମା ଦେଇ ମାଫିଆମାନେ ପଡ଼ୋଶୀ କେନ୍ଦ୍ରାପଡ଼ା, ଯାଜପୁର, କଟକ ଆଦି ଜିଲାକୁ କୋଇଲା ଚାଲାଣ କରୁଥିଲେ।

ଗତ ମାସ ୨୫ ତାରିଖଠାରୁ ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କେବଳ ରାତିରେ ଚାନ୍ଦବାଲି ତାରିଣୀ ଛକ ନିକଟରେ କ୍ୟାମ୍ପ କରାଯାଇ ରାତି ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସ୍ପେଶାଲ ସ୍କ୍ୱାଡ୍ ଜଗି ରହୁଛନ୍ତି। ଏଣୁ ରାତିରେ ଆଉ କୋଇଲା ଚୋରା ଚାଲାଣ ସମ୍ଭବ ହେଉନାହିଁ। ଫଳରେ ମାଫିଆମାନେ ଦିନଦ୍ୱିପ୍ରହରରେ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଦ୍ରୁତଗତିରେ ଚାନ୍ଦବାଲି ବଜାର ମଧ୍ୟ ଦେଇ ଗାଡ଼ି ପାର୍ କରି ଗେମନ ବ୍ରିଜ ଦେଇ ପଡ଼ୋଶୀ ଜିଲାକୁ କୋଇଲା ଚାଲାଣ କରୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶରେ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ନୂଆଗାଁ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମରେ ଅଚାନକ ଚଢ଼ାଉ କରାଯାଇ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଚୋରା କୋଇଲା ବସ୍ତା ଜବତ କରାଯାଇଛି। ଅନ୍ୟପଟେ ଏସ୍‌ଡିପିଓ କହିଛନ୍ତି, କୋଇଲା ଚୋରା ଚାଲାଣ ରୋକିବାକୁ ଚାନ୍ଦବାଲି ତାରିଣୀ ଛକ ନିକଟରେ ପୋଲିସ ପକ୍ଷରୁ ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ପୋଲିସ ମଧ୍ୟ ରାତିରେ ଜଗି ରହୁଛି।



## ସଂକ୍ଷେପରେ

### ଦିବଂଗତ ବିଧାୟକଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ

**ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ):**

ବାଲେଶ୍ୱରର ଦିବଂଗତ ବିଧାୟକ ମଦନମୋହନ ଦତ୍ତଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ସଦର ଭାଜପା ଯୁବମୋର୍ଚ୍ଚା ଓ ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ବୁଲି ବୁଲି ରୋଗୀଙ୍କୁ ଫଳ ବାଣ୍ଟିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀଙ୍କ ସେବା ପାଇଁ ସେ ପ୍ରତ୍ୟେକ ଦିନ ସକାଳେ କିଛି ସମୟ ଦେଉଥିଲେ। ସେହି କ୍ରମରେ ତାଙ୍କ ଜୟନ୍ତୀକୁ ରୋଗୀ ସେବାରେ ନିୟୋଜିତ ପାଇଁ ନିଷ୍ପତ୍ତି ନିଆଯାଇଥିବା ସ୍ମୃତି କମିଟି ପକ୍ଷରୁ ସୂଚନା ଦେଇଥିଲେ। ଭାଜପା ନେତା ଧୀରଜ ମହାନ୍ତି, ମନ୍ମଥ ଦାସ, ସୌଭାଗ୍ୟ ମାନସ ନାୟକ, ପବନ କମିଲା, ବିଜୟ ପୃଷ୍ଟି, ଜଳେନ୍ଦ୍ର ସେଠୀ, ନିତିନ ଦାସ, ଉମେଶ ବେହେରା, ଜିତୁ ପରମାଣିକ, ବିଜୟ ଦାସ, ପିଣ୍ଟୁ ପୋଦାର ପ୍ରମୁଖ ଉପସ୍ଥିତ ରହି ଫଳ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ):**

ବାଲେଶ୍ୱର ରେଳଷ୍ଟେଶନ ଅନତି ଦୂର ଅରଡ଼ବଜାର ନିକଟ ରେଳଧାରଣାରୁ ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ଜଣାପଡିନାହିଁ। ତାଙ୍କର ବୟସ ୩୫ ହେବ। ସେ କୌଣସି ଟ୍ରେନ୍‌ରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଅପଲାଇନ୍ ରେଳଧାରଣାରେ ମୃତଦେହ ପଡିଥିବା ଖବରପାଇ ବୁଧବାର ଜିଆରପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ. ୭୧/୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଫକୀରମୋହନ କଲେଜରେ ଛାତ୍ର ଅଶାନ୍ତି: ଜଣେ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

**ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ):**

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ବୁଧବାର ଛାତ୍ର ଅଶାନ୍ତି ଦେଖାଦେଇଛି। କୌଣସି କଥାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ କଲେଜ ଫାଟକ ବାହାରେ ଗଣ୍ଡଗୋଳ ହୋଇଥିଲା। ଏକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ଜଣେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଯୁକ୍ତ୨ର ଛାତ୍ରଙ୍କ ମୁହଁ ଓ କାନ ଫାଟି ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ କଲେଜ ପକ୍ଷରୁ ଘଟଣା ସମ୍ପର୍କରେ ବୁଝାଶୁଝା କରାଯାଉଥିବା ଜଣାପଡ଼ିଛି।

**ରାଜ୍ୟ ସରକାରଙ୍କ ହସ୍ତକ୍ଷେପ**

# ଫେରିଲେ ୩୦୦ ଓଡ଼ିଆ

**ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ)**

ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ପଶ୍ଚିମବଙ୍ଗରେ ଅଟକ ଥିବା ୩ଶହରୁ ଊର୍ଦ୍ଧ୍ୱ ଓଡ଼ିଆ ମଙ୍ଗଳବାର ବିଳମ୍ବିତ ରାତିରେ ସୁରକ୍ଷିତ ଭାବେ ଓଡ଼ିଶା ଫେରିଛନ୍ତି। ଓଡ଼ିଶା ସୀମାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତଥା ପଶ୍ଚିମବଙ୍ଗ ଓ ଓଡ଼ିଶା ପୋଲିସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସମ୍ପ୍ରତି ବାଂଲାଦେଶରେ ରାଜନୈତିକ ଅସ୍ଥିରତାକୁ ନେଇ ସେଠାରେ ଦଙ୍ଗା ଲାଗି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପଶ୍ଚିମବଙ୍ଗ ଅଞ୍ଚଳର ଫେରିବାଲାଙ୍କୁ ବାଂଲାଦେଶୀ ସନ୍ଦେହରେ ତାଙ୍କ ଦେଶକୁ ଫେରିଯିବା ପାଇଁ ବାଧ୍ୟ କରାଯାଉଛି। ଏହାର ପ୍ରଭାବ ପଶ୍ଚିମବଙ୍ଗରେ ଦେଖିବାକୁ ମିଳିଛି। ମଙ୍ଗଳବାର ବାଲେଶ୍ୱର ଜିଲାର ନୀଳଗିରି, ଅଯୋଧ୍ୟା, ରେମୁଣା, ବସ୍ତା, ରୂପସା ସମେତ ମୟୂରଭଞ୍ଜ ଜିଲାରୁ ବସ୍, ବୋଲେରୋ ଓ କାର୍ ଯୋଗେ ପଶ୍ଚିମବଙ୍ଗର ମେଦିନୀପୁର ଜିଲା କେଶପୁର ଥାନା ଅଧୀନ ଖଡ଼ିକା ଅଞ୍ଚଳର ଜଣେ କବିରାଜଙ୍କ ନିକଟକୁ ଚିକିତ୍ସା

**ଲକ୍ଷ୍ମଣନାଥଠାରେ ଛାଡ଼ିଲା ପଶ୍ଚିମବଙ୍ଗ ପୋଲିସ**



ପଶ୍ଚିମବଙ୍ଗରେ ଅଟକ ଓଡ଼ିଆ ଭ୍ୟାନ୍ ଯୋଗେ ଲକ୍ଷ୍ମଣନାଥ ଗେଟ୍ ନିକଟରେ ପ୍ରବେଶ କରୁଛନ୍ତି।

ନିମନ୍ତେ ଯାଇଥିଲେ। ସେହିପରି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ପଶ୍ଚିମବଙ୍ଗ ଯାଇଥିଲେ। ଖଡ଼ିକା ନିକଟରେ ସେଠାକାର ଲୋକମାନେ ବସ୍, ବୋଲେରୋ ଓ କାର୍‌ଗୁଡ଼ିକୁ ଅଟକାଇ କାଚ ଭଙ୍ଗାରୁଜା କରି ଧମକ ଦେଇଥିଲେ। ଖବରପାଇ କେଶପୁର ଥାନା ପୋଲିସ ପହଞ୍ଚି ସମସ୍ତ ଓଡ଼ିଆଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ସେଠାକାର ୪୦ରୁ ଊର୍ଦ୍ଧ୍ୱ ଯୁବକ ଏକଜୁଟ୍ ହୋଇ ଥାନାରେ ପହଞ୍ଚି ହଙ୍ଗାମା କରିଥିଲେ। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଓଡ଼ିଆ ଲୋକଙ୍କୁ ଏକ ବାତ୍ୟା ଆଶ୍ରୟସ୍ଥଳରେ ସୁରକ୍ଷା ଦେଇଥିଲେ। ରୋଗୀଙ୍କ ସମେତ ମହିଳା, ପୁରୁଷ ଓ ଛୋଟ ଛୋଟ ପିଲାଙ୍କୁ ମିଶାଇ ପ୍ରାୟ ୩ଶହ ଓଡ଼ିଆ ଥିଲେ। ସେଠାକାର ପୋଲିସ ପକ୍ଷରୁ ସେମାନଙ୍କୁ ପାଣି, ବିସ୍କୁଟ ଖାଇବାକୁ ଦିଆଯାଇଥିଲା। ଜଣେ ଯୁବକ ଘଟଣା ସମ୍ପର୍କରେ ଭିଡିଓ ଉତ୍ତୋଳନ ପୂର୍ବକ ସୋସିଆଲ ମିଡିଆରେ ଅପଲୋଡ୍ କରି ସୁରକ୍ଷିତ ଭାବେ ସେମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଥିଲେ। ଖବର ସମ୍ପର୍କରେ ଜାଣିବା ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୋଲିସ ଡିଜିଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଜିଲାର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥଠାରେ ରାତିରେ ପହଞ୍ଚିଥିଲେ। ପ୍ରାୟ ରାତି ୧ଟା ୩୦ରେ ବିଏସ୍‌ଏଫ୍ ଯବାନ ଓ ପଶ୍ଚିମବଙ୍ଗ ପୋଲିସଙ୍କ ସହାୟତାରେ ୧୫୫ ଜଣ ଓଡ଼ିଆଙ୍କୁ ବସ୍, ଭ୍ୟାନ୍ ଓ କାର୍ ଯୋଗେ ସୁରକ୍ଷିତ ଭାବେ ଲକ୍ଷ୍ମଣନାଥ ନିକଟକୁ ଅଣାଯାଇଥିଲା। ସେଠାରୁ ଓଡ଼ିଆ ପୋଲିସଙ୍କ ହେପାଜତରେ ସମସ୍ତଙ୍କୁ ନିଜର ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ସେହିପରି ଅନ୍ୟ ଓଡ଼ିଆଙ୍କୁ ପଶ୍ଚିମବଙ୍ଗ ପୋଲିସ ଟ୍ରେନ୍ ଯୋଗେ ସୁରକ୍ଷିତ ଭାବେ ପଠାଇଥିଲେ।

## ଇସ୍ରୋ ପରିଦର୍ଶନ କଲେ ବାଲେଶ୍ୱର ଛାତ୍ରୀ ଅର୍ପିତା

**ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ):**



ଇସ୍ରୋ ପରିଦର୍ଶନରେ ଅର୍ପିତା।

ବାଲେଶ୍ୱର ଜିଲା କୁଅଁରପୁରସ୍ଥିତ ଜଗଦୀଶ ଚନ୍ଦ୍ର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଅର୍ପିତା ଘଡ଼େଇ ଅହମଦାବାଦସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ସହିତ ସାଇନ୍ସ ଆପ୍ଲିକେଶନ ସେଣ୍ଟର (ଏସ୍‌ଏସି) ପରିଦର୍ଶନ କରିଛନ୍ତି। ଟାଟା ଷ୍ଟିଲ ୟଙ୍ଗ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ ସର୍ଚ୍ଚ (ୟାଟ୍ସ) କାର୍ଯ୍ୟକ୍ରମ ୨୦୨୩-୨୪ରେ ଉତ୍କର୍ଷ ପ୍ରଦର୍ଶନ କରି ସେ ଶ୍ରେଷ୍ଠ ୨୦ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ସେ ନିଜ ବିଦ୍ୟାଳୟ ଓ ଟାଟା ଷ୍ଟିଲକୁ ଶ୍ରେୟ ଦେଇଛନ୍ତି।

ଅର୍ପିତା କହନ୍ତି, ଏହା ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଁ ଆନନ୍ଦିତ। ଇସ୍ରୋ ସହିତ ସାଇନ୍ସ ଆପ୍ଲିକେଶନ ସେଣ୍ଟର (ଏସ୍‌ଏସି) ପରିଦର୍ଶନ ସ୍ୱପ୍ନ ସାକାର ହୋଇଛି। ଏହି ଗସ୍ତ ଜ୍ୟୋତିର୍ବିଜ୍ଞାନ ବିଷୟରେ ତାଙ୍କର ଧାରଣା ଏବଂ ଜ୍ଞାନକୁ ବୃଦ୍ଧି କରିବା ସହ ତାଙ୍କୁ ବିଜ୍ଞାନରେ କ୍ୟାରିୟର କରିବାକୁ ପ୍ରେରଣା ଦେଇଛି। ଇସ୍ରୋ ଗସ୍ତ ମହାକାଶ ବିଜ୍ଞାନ ପ୍ରତି ତାଙ୍କର ଆଗ୍ରହକୁ ଆହୁରି ବଢ଼ାଇ ଦେଇଛି। ସେ ଭବିଷ୍ୟତରେ ଜଣେ ଡାକ୍ତର କିମ୍ବା ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଅର୍ପିତାଙ୍କ ମା' ପ୍ରିୟଙ୍କା ଘଡ଼େଇ ଏବଂ ପିତା ବିଶ୍ୱେଶ୍ୱର ଘଡ଼େଇ ମଧ୍ୟ ତାଙ୍କ ଝିଅର ଏହି ସଫଳତାରେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୟାଟ୍ସର ୧୭ତମ ସଂସ୍କରଣରେ ୮୦ହଜାର ଛାତ୍ରୀଛାତ୍ର 'ଚନ୍ଦ୍ର ଆଧାର-ମହାକାଶ ପାଇଁ ଭବିଷ୍ୟତ ଲଞ୍ଚପ୍ୟାଡ୍' ଶୀର୍ଷକରେ ଅଂଶଗ୍ରହଣ କରିଥିଲେ ଓ ଶ୍ରେଷ୍ଠ ୨୦ ବିଜେତା ଅହମ୍ମଦାବାଦସ୍ଥିତ ଇସ୍ରୋ ବ୍ୟବସ୍ଥା ପରିଦର୍ଶନ କରି ମହାକାଶ ବିଜ୍ଞାନ କ୍ଷେତ୍ରରେ ପ୍ରାଥମିକ ଅଭିଜ୍ଞତା ହାସଲ କରିଥିଲେ।

## ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

**ବାଲିଆପାଳ,୧୪।୮(ଗୋପାଳ ଚନ୍ଦ୍ର ସାହୁ):**

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନ କଙ୍କଡାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବୁଧବାର ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ହେଉ ନ ଥିବାରୁ ଉତ୍ତେଜନା ଦେଖାଦେଇଛି। ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଘଟଣାସ୍ଥଳରେ ଏବିଇଓ ନାମିତ ସାମଲ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀରେ ମୋଟ୍ ୨୫୦ରୁ ଅଧିକ ଛାତ୍ରୀଛାତ୍ର ପାଠପଢନ୍ତି। ସ୍କୁଲରେ ୧୦ଜଣ ଶିକ୍ଷକ ଆବଶ୍ୟକ ରହିଥିବା ବେଳେ ମାତ୍ର ୭ଜଣ ଶିକ୍ଷକ ଅଛନ୍ତି। ପାଠପଢା ବାଧାପ୍ରାପ୍ତ ହେଉଥିବାରୁ ଅସନ୍ତୋଷ ଲାଗି ରହିଛି। ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଅଭିଯୋଗ କରିବା ପରେ ଜଣେ ଶିକ୍ଷକଙ୍କୁ ଅଳ୍ପଦିନ ତଳେ ନିଯୁକ୍ତି ମିଳିଥିଲା। ମାତ୍ର ଗତ ୧୩ତାରିଖରେ ପୁଣି ଉକ୍ତ ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବାକୁ ପ୍ରତିବାଦ କରାଯାଇଛି। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ସାମଲ, ସିଆର୍‌ସିସି ଅଞ୍ଜନ ରାଜ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବିଶ୍ୱଶାନ୍ତି ନିମନ୍ତେ ରୁଦ୍ରାଭିଷେକ

**କାଳିପଦା, ୧୪।୮(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜଗତୀପୁର ପଞ୍ଚାୟତ ଭିକାଗଡ଼ିଆଠାରେ ଥିବା ଭକ୍ତେଶ୍ୱର ଶୈବପୀଠରେ ବୁଧବାର ରୁଦ୍ରାଭିଷେକ ପୂଜା ଅନୁଷ୍ଠିତ ହୋଇଛି। ବେଦ ଚେତନ ସଂସ୍କୃତି ବିକାଶ ପରିଷଦର ବାର୍ଷିକ ଉତ୍ସବ ଅବସରରେ ସମାଜ କଲ୍ୟାଣ ସାଧନ ପାଇଁ ଶାନ୍ତି ମୈତ୍ରୀର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହି ରୁଦ୍ରାଭିଷେକ ଆୟୋଜନ କରାଯାଇଥିଲା। ବସ୍ତା ବିଧାୟିକା ସୁବାସିନୀ ଜେନା ମାନବ ସମାଜର କଲ୍ୟାଣ ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରି ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ଦେବାଦେବୀଙ୍କର ସମସ୍ତ ପୂଜାର୍ଚ୍ଚନା, ହୋମ, ପୂର୍ଣ୍ଣ ଆହୁତି ଯଥାବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ସୁବାଷ ଚୌଧୁରୀ, ଉପସଭାପତି ଶକ୍ତିପଦ ପଣ୍ଡା, ସମ୍ପାଦକ ଯଦୁନାଥ ପଣ୍ଡା, ପୂଜକ ଜନ୍ମେଜୟ ପଣ୍ଡା, ହିମାଂଶୁ ପାଢ଼ୀ, ସୀତାନାଥ ପଣ୍ଡା, ଦିବ୍ୟରଞ୍ଜନ ପଣ୍ଡା, ନଗେନ୍ଦ୍ର ପୂଜାରୀ, ଜନ୍ମେଜୟ ପୂଜାରୀ, ମନ୍ମଥ ପଣ୍ଡା, ପ୍ରିୟବ୍ରତ ପଣ୍ଡା, ବିନୋଦ ପାଣିଗ୍ରାହୀ, ଜଗଦୀଶ ମହାପାତ୍ର, ଶଙ୍କରଣ ପଣ୍ଡା, ସଞ୍ଜୟ କୁମାର ମିଶ୍ର, ଭକ୍ତିପଦ ପଣ୍ଡା ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ରୁଦ୍ରାଭିଷେକ ପୂଜା ସମ୍ପନ୍ନ କରିଥିଲେ।

## ବାହାନଗା ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

**ବାହାନଗା, ୧୪।୮(ଅରୂପ୍ କୁମାର ଦାସ)**

ଦୀର୍ଘ ଦିନର ଛକାପଞ୍ଝା ପରେ ଆରମ୍ଭ ହୋଇଥିଲା ୭ମ ବାହାନଗା ପଞ୍ଚାୟତ ସମିତି ବୈଠକ। ବୈଠକ ହୋହାଲ୍ଲାରେ ଆରମ୍ଭ ହୋଇ କଥା କଟାକଟିରେ ସରିଥିଲା। ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ପୌରୋହିତ୍ୟ କରି ଅଧିବେଶନ ଓ ବିବରଣୀ ପାଠ ସମେତ ଏଜେଣ୍ଡା ବାବଦରେ ସୂଚନା ଦେଇଥିଲେ। ବୈଠକରେ ଏକ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ବିଜେଡି ପିଆରଆଇ ସଭ୍ୟାସଭ୍ୟମାନେ ପାଟିତୁଣ୍ଡ କରିବାରୁ ଭାଜପା ସମର୍ଥିତ ପିଆରଆଇ ସଭ୍ୟାସଭ୍ୟମାନେ ବୈଠକ ତୁରନ୍ତ କରିବା ପାଇଁ ଅଡିବସିଥିଲେ। ଫଳରେ ଆରମ୍ଭରୁ ହୋହାଲ୍ଲା ହୋଇଥିଲା।

ଏଥିରେ ସୋର ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଅଜୟ କୁମାର ପଣ୍ଡା, ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର ଅଗସ୍ତି, ୧୮ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ନିଳାମ୍ବର ମହାଳିକ, ଉପାଧ୍ୟକ୍ଷା ବାସନ୍ତୀ ପତି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ କାମ ଉପରେ ଆଲୋଚନା କରିଥିଲେ। ସମନ୍ୱିତ ଶିଶୁ ବିକାଶ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ପରେ କୃଷି, ଉଦ୍ୟାନ ବିଭାଗ, ଗ୍ରାମ୍ୟଜଳଯୋଗାଣ ବିଭାଗ, ବିଦ୍ୟୁତ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ, ଏନଆରଇଜିଏସ୍ ବାବଦରେ ଆଲୋଚନା କରିବା ସହିତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ସ୍ପଷ୍ଟୀକରଣ ଦେଇଥିଲେ। ଖାଉଟି ଯୋଗାଣ ବିଭାଗରେ କେତେ ସ୍ୱଚ୍ଛଳ ବ୍ୟକ୍ତି ସରକାରୀ ଯୋଜନା ନେଉଛନ୍ତି ସେମାନଙ୍କୁ ବାଦ୍ ଦେବା ସହିତ ନୂଆ କଣ୍ଟ୍ରୋଲ ଡିଲର ପାଇଁ ତୁରନ୍ତ ଜିଲାପାଳଙ୍କୁ ଅବଗତ କରାଇ ନୋଟିଫିକେସନ କରିବା ପାଇଁ ଏମ୍‌ଆଇଙ୍କୁ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ପରେ ସରକାରଙ୍କ ସିଧାସଳଖ ବ୍ଲକକୁ ଆସୁଥିବା ଫଣ୍ଡ ବାବଦରେ ଆଲୋଚନା କରାଯାଇଥିଲା। ଭାଜପା ପିଆରଆଇ ମେମ୍ବରମାନେ ସେ ଟଙ୍କାରେ ସିଧା ଆମେ କାମ କରିବା କହିବା ପରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ବ ସରକାର ସମୟରେ ଭାଜପା ସରପଞ୍ଚ, ସମିତିସଭ୍ୟମାନେ ସେ ଟଙ୍କା ପାଇ ନ ଥିଲେ। ତେଣୁ ଆମ ସରକାର ଆମେ ସେ ଟଙ୍କାରେ କାମ କରିବାକୁ ଅଡି ବସିଥିଲେ। ସରକାରଙ୍କ ନିୟମ ଅନୁସାରେ କାମ ହେବ, ବ୍ଲକ ଅଧ୍ୟକ୍ଷଙ୍କ ଅନୁମୋଦନରେ କାମ ହେବ ବୋଲି କହିବା ପରେ ହୋହାଲ୍ଲା ହୋଇ କଥା କଟାକଟି ହୋଇଥିଲା। ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଓଷ୍ଟା ଖଇରା ମଣ୍ଡଳର ଭ୍ରାମ୍ୟମାଣ ବୈଠକ

**ଖଇରା, ୧୪।୮(ଉତ୍କଳବନ୍ଧୁ ପଣ୍ଡା):**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନକ୍ରମେ ଖଇରା ବ୍ଲକ ଉଗରପଡା ପଞ୍ଚାୟତ ମଙ୍ଗଳପଡା ଉପେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାପୀଠ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ସମ୍ବର୍ଦ୍ଧନା ସମାରୋହ ସାଙ୍ଗକୁ ଓଷ୍ଟାର ଭ୍ରାମ୍ୟମାଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଓଷ୍ଟା ଖଇରା ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ କୁମାର ପାତ୍ର, ଓଷ୍ଟାର ଅନ୍ୟାନ୍ୟ କର୍ମକର୍ତ୍ତା ଜୟନ୍ତ କୁମାର ପଣ୍ଡା, ଭଗବାନ ବାରିକ, ରଶ୍ମିରଞ୍ଜନ ଶତପଥି, ମନୋରଞ୍ଜନ ବେହେରା, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତ ମଣ୍ଡଳ ସମ୍ପାଦକ ରବୀନ୍ଦ୍ର ମହାନ୍ତି,



ଭ୍ରାମ୍ୟମାଣ ବୈଠକରେ ମଞ୍ଚାସୀନ ଓଷ୍ଟା କର୍ମକର୍ତ୍ତା।

ଏସ୍‌ଏମ୍‌ସି ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ଲକର ବିଭିନ୍ନ ହାଇସ୍କୁଲରେ ଅବସର ନେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ୧୬ତାରିଖ ଭୁବନେଶ୍ୱର ସମାବେଶକୁ ସଫଳ କରିବାକୁ ପ୍ରସ୍ତୁତି କରାଯାଇଥିଲା। ସହକାରୀ ଶିକ୍ଷକ ନରୋତ୍ତମ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ନିଶା ସଚେତନତା

**ଖଇରା, ୧୪।୮(ଉତ୍କଳବନ୍ଧୁ ପଣ୍ଡା):**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ନିଶାଦ୍ରବ୍ୟ ସେବନ ନିରୋଧ ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାତୀୟ ସେବାସଂସ୍ଥା ଓ ଯୁବ ରେଡକ୍ରସ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଖଇରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସହଯୋଗରେ ସୋମବାର ବିଦ୍ୟାଳୟରେ ଆୟୋଜିତ ନିଶା ସଚେତନତା ସଭାରେ ସିଡିପିଓ ନଳିନୀ କୁମାରୀ ମହାରଣା ଅଧ୍ୟକ୍ଷତା କରିଥିଲେ। ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ସେହିଭଳି ବୁଧବାର ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନହଙ୍ଗ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁ, ଅଧ୍ୟକ୍ଷା ଅନିତାରାଣୀ ନାୟକ, ଅଧ୍ୟାପିକା ସୁଲୋଚନା ଦାସ, ଜ୍ୟୋସ୍ନାବାଳା ଦାସ ଓ ମମତାମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମାଟିର ସ୍ୱାସ୍ଥ୍ୟ ପାଇଁ ପୁରାତନ କୃଷି ପଦ୍ଧତି ଅପରିହାର୍ଯ୍ୟ

**ସିମୁଳିଆ, ୧୪।୮(ସନ୍ତୋଷ ନାୟକ):**

**ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା**

ଉଭୟ ଜୀବଜଗତ ଓ ପରିବେଶ ପାଇଁ ମାଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅପରପକ୍ଷେ ମାଟିର ସ୍ୱାସ୍ଥ୍ୟ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସାମ୍ପ୍ରତିକ ପରିସ୍ଥିତିରେ ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି। ଏହାକୁ କେନ୍ଦ୍ର କରି ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବିଭିନ୍ନ ୨୦ଜଣ ଗ୍ରାମୀଣ ଯୁବତୀଯୁବକଙ୍କୁ ନେଇ ପରିଚାଳିତ ୫ଦିନିଆ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା, ମାଟିର ନମୁନା ସଂଗ୍ରହ ପ୍ରଣାଳୀ, ପରୀକ୍ଷଣ ଓ ଫଳାଫଳ ଶୀର୍ଷକରେ ଆଲୋଚନା କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାଶ ଏହି ଯୁବତୀଯୁବକମାନଙ୍କୁ ସୂଚନା ଦେଇ ମାତ୍ରାଧିକ କେମିକାଲଯୁକ୍ତ ସାର ଔଷଧ ମାଟିର ଗୁଣବତ୍ତାକୁ ନଷ୍ଟ କରିଦେଇଛି। ତେଣୁ ଜୈବିକ କୃଷି ବା ପୁରାତନ କୃଷିକୁ ନ ଫେରିଲେ ଅନ୍ୟ ଗତି ନାହିଁ। ସେହି ପାରମ୍ପରିକ ଗୋବର ଖତ, ଧଣିଚା, ସୋରିଷ, ନଳିତା ଆଦି ସବୁଜ ଖତ ଯୋଗାଉଥିବା କୃଷି ସହିତ ସର୍ବୋପରି ମାଟିର ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ ନ ରହିଲେ ଆଗାମୀ ପିଢି କଷ୍ଟ ପାଇବେ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ଏହି ସଚେତନତା କର୍ମଶାଳାର ଉଦ୍‌ଘାଟନ କରିଥିଲେ। ମତ୍ସ୍ୟବିଜ୍ଞାନୀ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ମତ୍ସ୍ୟ ଚାଷରେ ପାଣି ପରୀକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ।



ସାର୍ଟିଫିକେଟ ପାଇଥିବା ଶିକ୍ଷାର୍ଥୀମାନଙ୍କ ଗହଣରେ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାଶ।

## ୫ଶହ ଫୁଟ୍‌ର ପତାକା ଧରି ସହର ପରିକ୍ରମା

**ବାଲେଶ୍ୱର, ୧୪।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ଜନସାଧାରଣଙ୍କ ମଧ୍ୟରେ ଜାତୀୟତାଭାବ ସୃଷ୍ଟି ପାଇଁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୫ଶହ ଫୁଟ୍ ଲମ୍ବର ପତାକାକୁ ଧରି ବିଧାୟକ ମାନସ କୁମାର ଦତ୍ତ ଓ ଭାଜପା କର୍ମୀମାନେ ବାରବାଟୀରୁ ବାହାରୁ ଟାଉନ ଥାନା ଛକ, ସିନେମା ଛକ ଓ ପାଣି ଟାଙ୍କି ଛକ ପରିକ୍ରମା କରି ଜିଲା ସ୍କୁଲ ପଡ଼ିଆରେ ପହଞ୍ଚିଥିଲେ।

ବିଧାୟକ ଦତ୍ତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ରାଷ୍ଟ୍ରୀୟତା ଭାବନା ଜାଗ୍ରତ ସହିତ ଦେଶର ସ୍ୱାଧୀନତା ସଂଗ୍ରାମରେ ମହାମନୀଷଙ୍କ ତ୍ୟାଗ ଓ ବଳିଦାନର



ବାରବାଟୀରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା କହିଥିଲେ। ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ସୁଜିତ ଦେବ, ବିଭୁପଦ ଦାସ, ସୁଷମା ବିଶ୍ୱାଳ, ସତ୍ୟଶିବ ସୁନ୍ଦର ଦାସ, ନିତ୍ୟ ଗୋପାଳ ସିଂ, ରବିନାରାୟଣ ପ୍ରଧାନ, ଅଶୋକ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ନସୀମା ବିବି, ଶ୍ରିୟା ଦାସ, ସସ୍ମିତା ଦାଶ, ସସ୍ମିତା ଶୁକ୍ଲା, ସୁକାନ୍ତି ଦେବ ଗୋସ୍ୱାମୀ, ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# ଏସ୍‌ସି,ଏସ୍‌ଟି ଜମି କେଲେଙ୍କାରୀର ତଦନ୍ତ ହେବ: ମନ୍ତ୍ରୀ ପୂଜାରୀ




ଭବାନୀପାଟଣାଠାରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଦଳୀୟ ନେତୃବୃନ୍ଦ।

ଭବାନୀପାଟଣା,୧୪।୮ (ଉତ୍ତମ କୁମାର ଦାଶ)

ଭାଜପା ସରକାର ଆସିବା ପରେ ରାଜ୍ୟର ଅନ୍ନଦାତା, ମହିଳା କଲ୍ୟାଣ, ଯୁବଗୋଷ୍ଠୀ, ଗରିବି ଇତ୍ୟାଦିକୁ ଗୁରୁତ୍ୱ ଦେଇଛି। ବିଗତ ସରକାରଙ୍କଠାରୁ ଭାଜପା ସରକାରଙ୍କ ବଜେଟ୍ ୨୪ ଶତକଡା ଅଧିକ ରହିଛି। କୃଷି କ୍ଷେତ୍ର ସହ ମହିଳା, ଯୁବବର୍ଗ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ପୂର୍ବ ସରକାରଠାରୁ ଅଧିକ ବଜେଟ ରଖିଛି। ତେବେ ଜୁନାଗଡ ତହସିଲରେ ହୋଇଥିବା ଏସ୍‌ସି,ଏସ୍‌ଟି ଜମି କେଲେଙ୍କାରୀର ତଦନ୍ତ କରାଯିବ ବୋଲି କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଏକ ହୋଟେଲଠାରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ସେ ଆହୁରି କହିଥିଲେ, ଜଙ୍ଗଲରେ ରହୁଥିବା ଆଦିବାସୀଙ୍କୁ ଜଙ୍ଗଲ କିସମର ଜମି ପଟ୍ଟା ପ୍ରଦାନ କରାଯିବ। ବର୍ତ୍ତମାନ ହୀରାକୁଦ ବନ୍ଧର ବାସଚ୍ୟୁତ ହୋଇଥିବା ଲୋକଙ୍କୁ ଖୋଜାଚାଲିଛି। ସେମାନଙ୍କୁ ୧୦ଡେସିମିଲ ଜାଗା ପ୍ରଦାନ କରାଯିବ। କଳାହାଣ୍ଡିରେ ମଧ୍ୟ ହୀରାକୁଦ ବିସ୍ଥାପିତ ଲୋକ ଅଛନ୍ତି। ସେତେବେଳେ ବିସ୍ଥାପିତ ହୋଇଥିବା ଅଜା, ପୁଅ ନ୍ୟାୟ ପାଇଲେ ନାହିଁ। କିନ୍ତୁ ଏଥର ତାଙ୍କ ନାତି ଓ ଅଣନାତିଙ୍କୁ ଏ ସରକାର ନ୍ୟାୟ ଦେବା ପାଇଁ ଚେଷ୍ଟା କରୁଛି। ନିର୍ବାଚନ ପୂର୍ବରୁ ଭାଜପା ଯାହା ଇସ୍ତାହାର ଆଣିଥିଲା ତାହା ବର୍ତ୍ତମାନ ପୂରଣ କରି ଚାଲିଛି ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ, ଜୁନାଗଡ ତହସିଲରେ ହୋଇଥିବା ଏସ୍‌ସି,ଏସ୍‌ଟି ଜମି କେଲେଙ୍କାରୀର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଧରିତ୍ରୀରେ ଏ ସମ୍ପର୍କରେ ଖବର ପ୍ରକାଶିତ ପରେ ଜିଲାପାଳଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଗଣମାଧ୍ୟମ ଆଗରେ ସେ ସୂଚନା ଦେଇଥିଲେ। ଏହି ଜମି ଘୋଟାଲାରେ ଜୁନାଗଡର ଗୋଟିଏ ପରିବାରର ହାତ ରହିଥିବାବେଳେ ୩ଜଣ ଉପଜିଲାପାଳଙ୍କ ସମୟରେ ଏହା ହୋଇଛି। ଜିଲାପାଳଙ୍କ ତଦନ୍ତ ପରେ ଏହି ଘଟଣାରେ ସାମିଲ ଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ, ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଷୀ, ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଭବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚାହୁଁଛନ୍ତି ନବୀନ: ଭାଜପା

ଭୁବନେଶ୍ୱର,୧୪।୮(ସୁନିତ୍ ମିଶ୍ର)

ଦୀର୍ଘ ୨୪ ବର୍ଷ ଶାସନ କ୍ଷମତାରେ ରହି ନବୀନବାବୁ ଓଡ଼ିଆ ଓ ରାଜ୍ୟବାସୀଙ୍କ ସହ ଖେଳ ଖେଳିଆସିଲେ। ଓଡ଼ିଆ ଅସ୍ମିତାର ଧଜିଆ ଉଡ଼ାଇଲେ। ବର୍ତ୍ତମାନ ବିଜେଡି ଓଡ଼ିଆ ଅସ୍ମିତା ସମ୍ପର୍କରେ ସମାଲୋଚନା କରିବା ହାସ୍ୟାସ୍ପଦ ଏବଂ ଦୁର୍ଭାଗ୍ୟଜନକ। ସରକାରରେ ଥିଲାବେଳେ ନବୀନବାବୁ ରାଜ୍ୟରେ ଯାବତୀୟ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କରିଆସୁଥିଲେ। ଏବେ ମଧ୍ୟ ବିରୋଧୀ ଦଳରେ ରହି ମୁଖପାତ୍ରମାନଙ୍କୁ ମାଧ୍ୟମକରି ସମାନ ସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମଲିକ କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦିଲୀପ କହିଛନ୍ତି, ଦିଲ୍ଲୀରେ ରାହୁଲ ଗାନ୍ଧୀ ଯାହା କହୁଛନ୍ତି ଏଠି ନବୀନବାବୁ ତାହାକୁ ଅନୁକରଣ କରୁଛନ୍ତି। ରାହୁଲ ଦେଶରେ ଓ ନବୀନବାବୁ ରାଜ୍ୟରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି, ଯାହାକୁ ରାଜ୍ୟବାସୀ ସଫଳ କରିବାକୁ ଦେବେ ନାହିଁ। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦୀର୍ଘ ୨୪ ବର୍ଷ ଓଡ଼ିଶା ଶାସନର ଦାୟିତ୍ୱରେ ଥିଲେ ମଧ୍ୟ ଓଡ଼ିଆ ଶିଖିଲେ ନାହିଁ। ସେ ବର୍ତ୍ତମାନ ମଧ୍ୟ ଓଡ଼ିଆ ବୁଝିଲେ ନାହିଁ କି ଓଡ଼ିଆ କହିଲେ ନାହିଁ। ସବୁବେଳେ ସେ ଓ ତାଙ୍କ ଦଳର ଅନେକ ନେତା ଖଣ୍ଡି(କଦର୍ଥ କରି) ଓଡ଼ିଆ କହି ରାଜ୍ୟବାସୀଙ୍କୁ ଉପହାସ



ଦିଲୀପ ମଲିକ

କରିଆସୁଥିଲେ। ଏହାଦ୍ୱାରା ଏବେ ସେମାନଙ୍କୁ ଶୁଦ୍ଧ ଓଡ଼ିଆ ଭଲ ଲାଗୁ ନାହିଁ ବା ଶୁଦ୍ଧ ଓଡ଼ିଆ ସେମାନେ ଶୁଣିପାରୁନାହାନ୍ତି। ନିଜ ଦୋଷ ଘୋଡ଼ାଇବା ପାଇଁ ଉପରଠାଉରିଆ ଭାଜପାକୁ ସମାଲୋଚନା କରୁଛନ୍ତି। ଆଉ ଏକ ଉଦାହରଣ ଓଡ଼ିଆ କହିପାରୁ ନ ଥିବା କାରଣରୁ ଏବେ ବିରୋଧୀ ଦଳ ନେତା ନବୀନବାବୁ ବିଧାନସଭାକୁ ଆସିବାକୁ ମଧ୍ୟ ଡରୁଛନ୍ତି। ବିଜେଡି ଜାଣିବା ଦରକାର, ଗଣତନ୍ତ୍ର ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟରେ ବିକାଶ ହୋଇଥାଏ। ଆମେ ପ୍ରଥମରୁ କହିଥିଲୁ 'ଡବଲ ଇଞ୍ଜିନ ସରକାର' ପ୍ରତିଷ୍ଠା ହେଲେ ରାଜ୍ୟର ଦୁଇଗୁଣା ବିକାଶ ହେବ। ଆଜି ତାହା ହେବାକୁ ଆରମ୍ଭ କରିଛି। ବିଜେଡି ବର୍ତ୍ତମାନ ଛୋଟ ଛୋଟ କଥାରେ ମିଥ୍ୟାର ଆଶ୍ରୟ ନେଇ ରାଜ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଛି ବୋଲି ଦିଲୀପ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-EI-SIEMENS-396, ତା.08.08.2024ରିଖ

କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଷ୍ଟେସନ ଠାରେ ମେସର୍ସ ସିମେନ୍ସ ରେଲ୍ ଅଟୋମେସନ ପ୍ରାଇଭେଟ୍ ଲିମିଟେଡ୍ (M/s. Simens Rail Automation Pvt. Ltd) ଦ୍ୱାରା ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ (Westrace ଦ୍ୱାରା ନିର୍ମିତ)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 11,80,28,625.93, EMD (ଟଙ୍କାରେ): 7,40,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-(18% GST ଅନ୍ତର୍ଭୁକ୍ତ)।

ବିଡ୍ ଆରମ୍ଭ ହେବା ତାରିଖ: ତା.16.08.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.08.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-426/P/24-25

**GANGADHAR MEHER UNIVERSITY, SAMBALPUR**

No. : 3489/GMU Date - 14.08.2024

**QUOTATION CALL NOTICE**

Quotations in sealed cover from reputed travel agencies/Tour Operators/Private Individuals are invited by the office of the undersigned for providing following vehicle for use on hire basis.

| Sl. No. | Category of Offices | Vehicle details | Qty. |
|---|---|---|---|
| 1 | Registrar | Swift Dzire (Petrol, BS-IV or Higher) | 1 |

Quotations should reach the office of the undersigned latest by 30.08.2024 upto 03.00 PM. Other details and Quotations form are available on university website www.gmuniversity.ac.in.

The undersigned reserves the right to reject any/all quotations without assigning any reason thereof. Corrigendum if any arises will be published in University Website only.

Sd./- Registrar

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-KUR-DM-GC-265-2024

କାର୍ଯ୍ୟର ନାମ: 03 ବର୍ଷ ସମୟ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ ARTs ଏବଂ କ୍ୟାରେଜ୍ ତଥା ୱାଗନ (C&W) ଡିପୋଗୁଡ଼ିକର ବିଭିନ୍ନ ପ୍ରକାର ଗେଜ୍ ଏବଂ ମାପ ଉପକରଣ ଗୁଡ଼ିକର ପରୀକ୍ଷଣ/ଅଂଶାଙ୍କନ (Calibration)।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 7,27,824/-, EMD (ଟଙ୍କାରେ): 14,600/-, ଶେଷ ହେବା ଅବଧି: 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.16.08.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.08.2024ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ଼

PR-427/P/24-25

# ଓଡ଼ିଶା ପାଇଁ ଷ୍ଟିୟରିଂ କମିଟି ଗଠନକଲା ଏଆଇସିସି

ଭୁବନେଶ୍ୱର, ୧୪।୮(ସୁନିତ୍ ମିଶ୍ର)

ଓଡ଼ିଶା ସାଙ୍ଗଠନିକ ସ୍ଥିତି ସଜାଡ଼ିବା ଲାଗି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେବା ଆରମ୍ଭ କରିଛି। ମଙ୍ଗଳବାର ଛାତ୍ର କଂଗ୍ରେସ ସଭାପତି ନିଯୁକ୍ତି ପରେ ବୁଧବାର ଓଡ଼ିଶା ପାଇଁ ଏଆଇସିସି ପକ୍ଷରୁ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଏଥିରେ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କୁ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ବେଳେ ତାଙ୍କ ସହ ଆଉ ୧୪ ଜଣଙ୍କୁ କମିଟିରେ ସ୍ଥାନ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ

**ଅଜୟ୍ କୁମାର ଅଧ୍ୟକ୍ଷ, ମହମ୍ମଦ ସେହନୱାଜ ଆବାହକ ନିଯୁକ୍ତ**

ଶ୍ରୀକାନ୍ତ ଜେନା, ଭକ୍ତ ଦାସ, ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ଅଶୋକ ଦାସ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ, ଦେବାଶିଷ ପଟ୍ଟନାୟକ, ବିଶ୍ୱରଞ୍ଜନ ମହାନ୍ତି, ବଳଭଦ୍ର ମାଝି, ସସ୍ମିତା ବେହେରା ଏବଂ ଏଆଇସିସି ସମ୍ପାଦକ ମହମ୍ମଦ ସେହନୱାଜଙ୍କୁ କମିଟିରେ ଆବାହକ ଭାବେ ଦାୟିତ୍ୱ ଦିଆଯାଇଛି। ଏହି କମିଟି ଗଠନ ନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି।

ସୂଚନାଯୋଗ୍ୟ, ପ୍ରଦେଶ କଂଗ୍ରେସ କମିଟି(ପିସିସି)କୁ କିଛିଦିନ ତଳେ ଏଆଇସିସି ପକ୍ଷରୁ ରଦ୍ଦ କରିଦିଆଯାଇଥିବା ବେଳେ ପିସିସି ସଭାପତି ଦାୟିତ୍ୱରୁ ଶରତ ପଟ୍ଟନାୟକଙ୍କୁ ମଧ୍ୟ ହଟାଯାଇଥିଲା। ଏବେ ଓଡ଼ିଶାର ସାଙ୍ଗଠନିକ ସ୍ଥିତି ସଜାଡ଼ିବା ଲାଗି ଏଆଇସିସି ଅଣ୍ଟା ଭିଡ଼ିଛି। କିଛିଦିନ ମଧ୍ୟରେ ଦଳ ନୂଆ ପିସିସି ସଭାପତି ନିଯୁକ୍ତି କରିବ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

# ବିଧାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀଙ୍କୁ ଅତିଥି କରିବା ଏକ ବଡ଼ ଅସଙ୍ଗତି:ବିଜେଡି

ଭୁବନେଶ୍ୱର,୧୪।୮ (ଅନିଲଦାସ)

ରାଜ୍ୟର ଭାଜପା ସରକାର ପ୍ରଥମ ଥର ପାଇଁ ନିର୍ବାଚିତ ବିଧାୟକଙ୍କ ପାଇଁ ଅଗଷ୍ଟ ୧୭ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଗଷ୍ଟ ୧୮ ଉଦ୍‌ଯାପନୀ ଦିବସରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଧାନସଭାରେ ଅନୁଷ୍ଠିତ ହେବାକୁ ଥିବା ବିଧାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀଙ୍କୁ ଅତିଥି କରିବା ନିଷ୍ପତ୍ତିକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଏହା ଏକ ଅସଙ୍ଗତି ବୋଲି ଦଳର ବରିଷ୍ଠ ମୁଖପାତ୍ର ତଥା ଦଳର ଉପ ମୁଖ୍ୟସଚେତକ ପ୍ରତାପ ଦେବ ଓ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି। ବୁଧବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରତାପ ଦେବ କହିଛନ୍ତି, ବିଧାନସଭାରେ ବିଧାୟକଙ୍କୁ ନେଇ ହେଉଥିବା କାର୍ଯ୍ୟକ୍ରମରେ ସାଧାରଣତଃ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ଅତିଥି ଭାବେ ରହିଥାନ୍ତି। ଅପରପକ୍ଷେ ଦୁଇ କେନ୍ଦ୍ରମନ୍ତ୍ରୀ ବିଧାନସଭାର ସଦସ୍ୟ ନୁହନ୍ତି। ସେମାନଙ୍କୁ ଅତିଥି କରିବା ଗୃହର ମର୍ଯ୍ୟାଦା ହାନି ହେବା ସହ ଏହା ଏକ ଦଳୀୟ କାର୍ଯ୍ୟକ୍ରମ ପରି ମନେ ହେଉଛି। ରାଜ୍ୟ ସରକାର ଏଥିରୁ କ୍ଷାନ୍ତ ହୁଅନ୍ତୁ ଏବଂ ପରମ୍ପରା ଭାଙ୍ଗନ୍ତୁ ନାହିଁ ବୋଲି ସେ କହଛନ୍ତି। ବିଧାୟକ ଗଣେଶ୍ୱର କହିଛନ୍ତି, ବିଧାନସଭା ପରିସରରେ କେନ୍ଦ୍ରମନ୍ତ୍ରୀଙ୍କୁ ଅତିଥି କରିବା ଏକ ବଡ଼ ଅସଙ୍ଗତି। ଏହି କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଇନାହିଁ। ଏହି ପ୍ରଶିକ୍ଷଣ ବ୍ୟତୀତ, ଭାଜପାର ରାଜ୍ୟ ମୁଖ୍ୟାଳୟଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଧାନସଭାର ବାଚସ୍ପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟ ଏକ ଅସଙ୍ଗତି ବୋଲି ସେ କହିଛନ୍ତି।

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5217

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-853 Email-hpschiplima@yahoo.in, Fax No. (0663) 2460505

No.-CHEP/TW-260 (Vol.-II)/3587 Date: 14.08.2024

**TENDER CALL NOTICE NO.-CHEP-27/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned works from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Sl. No. | Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|---|
| 1 | Renovation of ME School Toilet of CHEP, Chiplima | Rs.2,360.00 (Rs.2,000.00 + GST@18%) | Rs.2,21,779.00 / EMD = Rs.2,220.00 |
| 2 | Replacement of the Colour Sheets of the Garage Shade at GM Office, CHEP, Chiplima | Rs.708.00 (Rs.600.00 + GST@18%) | Rs.1,06,389.00 / EMD = Rs.1,070.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.17.08.2024 up to 12:30 PM of dtd.31.08.2024.

OIPR-04006/11/0027/2425 Sd/- C & P Head, CHEP, Chiplima

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**MINIMATA BANGO DAM DIVISION NO.03 MACHADOLI, DISTT.KORBA (C.G.)**
**CORRIGENDUM NO.02**

IN NIT No.: 06/SAC/2024-25, Machadoli, Dated 22.07.2024 System Tender No. 156351 (1st Call) Whose G. No. is 242501274/1 Dated 24.07.2024 following amendments are made-

| S. No. | Particulars | Previous Published Date | Amendment Date | Time |
|---|---|---|---|---|
| 1. | **Bid Start date & time** (The date and time from which bidders start preparation/ submission of their bid response, before this bidder's action will not be allowed) | 05.08.2024 | 14.08.2024 | 17.31 |
| 2 | **Bid Due date & time** (The last date & time for submission of bid response, after which no bids can be submitted | 20.08.2024 | 28.08.2024 | 17.30 |
| 3 | **Bid Open, Start date & time** (The date of opening of Envelope-A & B online | 21.08.2024 | 29.08.2024 | 11.30 |

Note:- All other terms and conditions of NIT will remain unchanged.

Sd./- Executive Engineer
MINIMATA BANGO DAM DIVISION NO.03, MACHADOLI (C.G.)
G-242501827/10 For Chief Engineer, Minimata (Hasdeo) Bango Project, Bilaspur (C.G.)

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301**

**ई–अल्पकालीन पुनर्निविदा आमंत्रण सूचना**

ई–निविदा सं0 :–18/R2/2024-25/RWD/EE/GIRIDIH दिनांक :– 13.08.2024 ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :–

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | प्राक्कलित राशि (रुपया में) अक्षर में | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| 1. | RWD/GIRIDIH/34/ 2023-24 | गेनरो मेन रोड से लुप्पी भाया लोधरातरी तक पथ निर्माण कार्य। (लं0–6.100 कि0मी0) | 6,21,12,300.00 | छः करोड़ इक्कीस लाख बारह हजार तीन सौ रू0 मात्र | 15 माह | तृतीय |

2. वेबसाईट में निविदा प्रकाशन की तिथि:– 16.08.2024
3. ई–निविदा प्राप्ति की अंतिम तिथि एवं समय:– 22.08.2024 अपराह्न 5.00 बजे तक।
4. निविदा खोलने की तिथि एवं समय:– 24.08.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301
6. ई–निविदा प्रकोष्ठ का दूरभाष सं0– 06532–225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह

PR 332802 REO(24-25)#D

**GOVERNMENT OF ODISHA** No.A-199
OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR
AT/P.O. - SALAPADA, DIST. - KEONJHAR, PIN - 758020
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID : PI63533)
REQUEST FOR BIDS (RFB) E Procurement Notice
**NATIONAL OPEN COMPETITIVE PROCUREMENT FOR SMALL WORKS**
**RFB NO. OIIPCRA-AND/W2-1/2024-25 DATE - 30.07.2024**

| | | |
|---|---|---|
| Name of work | : | Modernisation work of Barei MIPs under M.I.Division, Anandapur |
| No. of works | : | 01 Minor Irrigation Tanks |
| Estimated cost | : | Rs. 54.32 Lakhs Approx (Total estimated cost of 01 tanks Rs. 54.32) |
| Cost of Bid Document | : | Free of Cost |
| Period of completion | : | As per DTCN |
| Availability of bid documents | : | From 16.08.2024, 10.00 Hrs to 18.09.2024 up to 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | : | 23.08.2024 As per Para-7 of DTCN |
| Last date & time of receipt of bid | : | Up to 18.09.2024, 15.00 Hrs. through online |
| Period of receipt of bid security | : | To be paid online along with the bid. Bank Guarantees also acceptable subject to verification |
| Date of opening of technical bid | : | On dt. 18.09.2024 at 15.30 Hrs. |
| Date of opening of financial bid | : | To be intimated online after off-line evaluation of Technical Bid |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Anandapur. At/P.O - Salapada, Dist - Keonjhar, PIN - 758020, E-Mail : mianandapur@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |

Sd./- Superintending Engineer,
M.I. Division, Anandapur
OIPR-32108/11/0002/2425

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**

Letter No. 2354/2024 Date: 12.08.2024

**NOTIFICATION**

No. n-68: It is brought to the notice of all concerned that the Draft Merit list and Rejected list of the candidates applied for the post of Warden, Accountant, Part Time Teacher (English), Part Time Teacher (Math/Science), Part Time Teacher (Sanskrit), Peon-cum-Attendant, Asst. Cook on contractual basis for different KGBVs and Residential Schools of Malkangiri District in response to advertisement No. 3385 dated 26.08.2023 is hereby published as detailed below.

The candidates can download the details from the website **https://malkangiri.odisha.gov.in/** and attend in the District Project Office, SS, Malkangiri for certificate verification and interview in the scheduled date as mentioned against each post.

1. The certificate verification of eligible candidates for the post of **Warden will be held on 21.08.2024 from 10 A.M. to 1.00 P.M. The interview of the candidates will be held in the same day from 2.00 P.M. onwards**.
2. The certificate verification of eligible candidates for the post of **Accountant will be held on 22.08.2024 from 10 A.M. to 1.00 P.M. The written test of the candidates for 50 marks will be held in the same day from 2.00 P.M. to 3.00 P.M. (One hour) and interview will be held from 3.00 P.M. onwards**.
3. The certificate verification of the eligible candidates for the post of **Part-Time Teachers (Math/Science), Part Time Teacher (English), Part Time Teacher (Sanskrit) (Both for KGBV & Residential Schools) will be held on 23.08.2024**. The selection of candidates for the post of Part-Time Teachers will be made on the basis of marks; hence viva is not required for such candidates eligible for the post of Part Time Teachers.
4. The certificate verification of the eligible candidates for the post of **Peon-cum-Attendant (for Residential Schools)** will be held on **23.08.2024 from 10.00 A.M. to 1.00 P.M.** After completion of certificate verification, the Viva of **Peon-cum-Attendant candidates will be held in the same day from 02.00 P.M. onwards**.
5. The certificate verification of eligible candidates for the post of **Asst. Cook (Residential Schools) will be held on 23.08.2024 from 10 A.M. to 1.00 P.M. The interview of the Asst. Cook will be held in the same day from 2.00 P.M. onwards**.

By the order of Collector-cum-Chairman
Sd./- District Project Coordinator
Samagra Shiksha, Malkangiri
OIPR-27064/11/0001/2425

**ग्रामीण विकास विशेष प्रमंडल, बोकारो।**
**ई–निविदा आमंत्रण सूचना**
**ई– अतिअल्पकालीन निविदा सूचना संख्या – RDD/SD/BOKARO/15/2024-25/RE**

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चन्द्रपुरा प्रखण्ड अंतर्गत दुग्दा बस्ती में पी०सी०सी० पथ के बीच में नाली (ढक्कन सहित) निर्माण। (भरत साहु के घर से पुरसोतम झा के घर तक) | 18233200.00 | 365000.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि – 17.08.2024
3. ई–निविदा प्राप्ति की तिथि एवं समय – दिनांक 17.08.2024 से दिनांक 24.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 27.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो।
PR 332794 Rural Development(24-25)D

**NOTICE**
**IN THE DEBTS RECOVERY TRIBUNAL, CUTTACK,**
**C-71, SECTOR-7, CDA, CUTTACK-753014**
**O.A. NO. 146 OF 2024**

**IDBI BANK LIMITED, Khurda Branch** ...Applicant
- Versus -
**Mrs Munrani Enterprises and others** ...Defendants

To,

1. **M/s. Munrani Enterprises,** Proprietorship Firm, At: Plot No.: 743/2943, P.O.: Lenkudipada, District: Nayagarh, Represented By it's **Prop: Mrs. Munrani Mohanty**
2. **Mrs. Munrani Mohanty,** S/o.: Mr. Satyanarayan Majhi, At: New Rajabati Lane, Trinath Chhaka, P.O../District: Nayagarh, PIN-752069
3. **Mr. Satya Narayan Majhi,** S/o.: Naguni Majhi, At: New Rajabati Lane, Trinath Chhaka, P.O./District: Nayagarh, PIN-752069

...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 146 of 2024** in the court of Debts Recovery Tribunal at Cuttack for recovery of **Rs.71,90,116.37** Paisa only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorized agent, in support of their defence to show cause on **Dt/-30/09/2024 at 10.30 A.M.** as to why the reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this the 2nd **August, 2024.**

Sd/- (NIKHILA RANJAN PATI)
Registrar
Debts Recovery Tribunal, Cuttack

**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल दुमका**

**अति अल्पकालीन ई–निविदा आमंत्रण सूचना**

निविदा संख्या– 07/2024-25/RWD/EE/DUMKA दिनांक– 13.08.2024

1. कार्यपालक अभियंता ग्रामीण कार्य विभाग, कार्य प्रमंडल, दुमका द्वारा निम्न विवरणी के अनुसार E-procurement पद्धति से निविदा आमंत्रित की जाती है।

| क्र. सं. | आईडेंटिफिकेशन संख्या /पैकेज संख्या | कार्य का नाम | लं0 (कि0मी0) | प्राक्कलित राशि (रु० में) अंक में | प्राक्कलित राशि (रु० में) अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD/ DUMKA/ 24/ STPKG- 23/2024-25 | चिरूडीह से भालसुगिया तक पथ का सुदृढ़ीकरण कार्य। | 3.600 | 12,85,40,800 | बारह करोड़ पचासी लाख चालीस हजार आठ सौ | 15 महीने |
| 2 | | पी0डब्ल्यू0डी0 रोड से ईरो तक पथ का सुदृढ़ीकरण कार्य। | 4.895 | | | |
| 3 | | पी0डब्ल्यू0डी0 रोड दुधिया से सरूवापानी तक पथ का सुदृढ़ीकरण कार्य। | 11.00 | | | |
| 4 | | बड़ा चुपड़िया से बालीडीह तक पथ का सुदृढ़ीकरण कार्य। | 3.200 | | | |
| 5 | | पी0डब्ल्यू0डी0 रोड से कोरिया तक पथ का सुदृढ़ीकरण कार्य। | 4.155 | | | |
| 6 | | आर0ई0ओ0 रोड से कुलकांठ तक पथ का सुदृढ़ीकरण कार्य। | 4.590 | | | |
| 7 | | पी0डब्ल्यू0डी0 रोड बंदरपानी मोड़ से बाघासोल तक पथ का सुदृढ़ीकरण कार्य। | 1.850 | | | |
| 8 | | आर0ई0ओ0 रोड से बड़तल्ला तक पथ का सुदृढ़ीकरण कार्य। | 2.740 | | | |

1. वेबसाईट में निविदा प्रकाशन की तिथि 17.08.2024
2. ई–निविदा प्राप्ति की अंतिम तिथि एवं समय 27.08.2024 अपराह्न 5:00 बजे तक।
3. निविदा शुल्क एवं अग्रधन की राशि Online के माध्यम से जमा किया जाएगा।
4. निविदा खोलने की तिथि 29.08.2024 एवं समय पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता– कार्यपालक अभियंता, ग्रामीण कार्य विभाग, कार्य प्रमण्डल, दुमका।
6. ई–निविदा प्रकोष्ठ का सम्पर्क संख्या– 06434 291033
7. विस्तृत जानकारी के लिए jharkhandtenders.gov.in/नोटिस बोर्ड में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल दुमका
PR 332757 Rural Work Department(24-25)#D

# ଚର୍ଚ୍ଚିତ ଦେଶାତ୍ମବୋଧକ ଚଳଚ୍ଚିତ୍ର

**କେବଳ ହିନ୍ଦୀ ନୁହେଁ, ବିଭିନ୍ନ ଭାଷାରେ ଦେଶାତ୍ମବୋଧକ ସିନେମା ନିର୍ମାଣ ଧାରା କାହିଁ କେବେଠାରୁ ଚାଲିଆସିଛି। ତେବେ ସେଗୁଡ଼ିକ ମଧ୍ୟରୁ ବଲିଉଡ୍ ଏବଂ ଓଲିଉଡ୍‌ରେ ଚର୍ଚ୍ଚିତ ଏଭଳି କେତୋଟି ସିନେମା ସମ୍ପର୍କରେ ସୂଚନା...**

**ଦ ଲିଜେଣ୍ଡ ଅଫ୍ ଭଗତ ସିଂ :** ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂଙ୍କ ଜୀବନୀକୁ ଆଧାର କରି ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ଦ ଲିଜେଣ୍ଡ ଅଫ୍ ଭଗତ୍ ସିଂ'। ରାଜ କୁମାର ସନ୍ତୋଷୀ ଏହାର ନିର୍ଦ୍ଦେଶନା ଦେଇଥିଲେ ଏବଂ ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ଅଜୟ ଦେବଗନ। ଫିଲ୍ମଟି ବକ୍ସ ଅଫିସରେ ପାଖାପାଖି ୧୨କୋଟି ଟଙ୍କା ବିଜ୍‌ନେସ କରିଥିଲା। କେବଳ ସେତିକି ନୁହେଁ, ଏହି ସିନେମା ଅଜୟ ଦେବଗନଙ୍କ କ୍ୟାରିୟରକୁ ନୂଆ ମୋଡ଼ ଦେଇଥିଲା।

**ରଙ୍ଗ ଦେ ବସନ୍ତୀ :** ବଲିଉଡ୍‌ରେ ଚର୍ଚ୍ଚିତ ଅନ୍ୟତମ ଦେଶାତ୍ମବୋଧ ଚଳଚ୍ଚିତ୍ର ଥିଲା 'ରଙ୍ଗ ଦେ ବସନ୍ତୀ'। ଏହାର ନିର୍ଦ୍ଦେଶନା ଦେଇଥିଲେ ରାକେଶ ଓମ୍‌ପ୍ରକାଶ ମେହେରା। ୨୦୦୬ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମଟି ପାଖାପାଖି ୯୭କୋଟି ବିଜନେସ୍ କରିଥିଲା। ଏହାର ବିଭିନ୍ନ ଭୂମିକାରେ ଆମିର ଖାନ୍, ସିଦ୍ଧାର୍ଥ, କୁନାଲ କପୁର, ସୋହା ଅଲ୍ଲୀ ଖାନ୍, ସରମନ୍ ଜୋଶୀ ଏବଂ ଅତୁଲ କୁଲକର୍ନି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

**ଚକ୍ ଦେ ଇଣ୍ଡିଆ :** କେବଳ ଦେଶପ୍ରେମ ନୁହେଁ, କ୍ରୀଡ଼ାକୁ ଆହୁରି ଜନପ୍ରିୟ କରାଇବାକୁ ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ଚକ୍ ଦେ ଇଣ୍ଡିଆ'। ଏହାର କାହାଣୀ ଆମ ଦେଶର ଜାତୀୟ ଖେଳ ହକିକୁ ନେଇ ରଚନା କରାଯାଇଥିଲା। ଶାହରୁଖ ଖାନ୍ ଏଥିରେ ହକି ପ୍ରଶିକ୍ଷକ ଭୂମିକାରେ ଅଭିନୟ କରି ସାଉଁଟି ଥିଲେ ଅନେକ ପ୍ରଶଂସା। ସୀମିତ୍ ଅମିନଙ୍କ ନିର୍ଦ୍ଦେଶନାରେ ୨୦୦୭ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ୧୦୭କୋଟି ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।



'ବର୍ଡର'

**ଲଗାନ୍ :** ଆମିର ଖାନ୍‌ଙ୍କ ପ୍ରଯୋଜିତ ତଥା ଅଭିନୀତ 'ଲଗାନ୍'କୁ ଅନ୍ୟତମ ସୁପରହିଟ୍ ଦେଶାତ୍ମବୋଧକ ସିନେମା ଭାବରେ ଗଣନା କରାଯାଇଥାଏ। କେତେଜଣ କୃଷକ କିପରି ବ୍ରିଟିଶ ସୈନିକଙ୍କୁ କ୍ରିକେଟ ମ୍ୟାଚ୍‌ରେ ପରାସ୍ତ କରୁଛନ୍ତି ଆଉ ନିଜ ଚାଷ ଜମିକୁ ରକ୍ଷା କରିପାରୁଛନ୍ତି ତାହାକୁ ବେଶ୍ ସୁନ୍ଦର ଭାବରେ ଏହି ଫିଲ୍ମରେ ଉପସ୍ଥାପନା କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋୱାରିକର। ୨୦୦୧ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା।

**୧୯୭୧:** ଅମ୍ରିତ ସାଗରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ '୧୯୭୧' ବେଶ୍ ଦର୍ଶକାଦୃତ ହୋଇଥିଲା। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମନୋଜ ବାଜପେୟୀ। ଶତ୍ରୁ ସୈନିକଙ୍କ କବଳରୁ ଖସି ଆସିଥିବା କେତେଜଣ ସୈନିକଙ୍କ ମନରେ କିପରି ସେନା ପ୍ରତି ଭିନ୍ନ ମନୋଭାବ ଆସୁଛି ଏବଂ ପରେ ତାହା କିପରି ଦୂର ହେଉଛି, ତାହାକୁ ବେଶ୍ ସୁନ୍ଦର ଭାବରେ ଏହି ଫିଲ୍ମରେ ଉପସ୍ଥାପନ କରାଯାଇଛି।

**ମଙ୍ଗଲ ପାଣ୍ଡେ:** ଭାରତୀୟ ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା କଲେ ଯଦି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲ ପାଣ୍ଡେଙ୍କ କଥା ଉପରେ ଗୁରୁତ୍ୱ ଦିଆ ନ ଯାଏ, ତେବେ ତାହା ଅଧା ରହିଯିବ। ତାଙ୍କର ଜୀବନୀକୁ ନେଇ ନିର୍ମିତ 'ମଙ୍ଗଲ ପାଣ୍ଡେ'ର ନିର୍ଦ୍ଦେଶନା ଦେଇଥିଲେ କେତନ ମେହେଟ୍ଟା। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ଆମିର ଖାନ୍।

**୧୯୪୨: ଏ ଲଭ୍ ଷ୍ଟୋରି :** ବିଶିଷ୍ଟ ନିର୍ଦ୍ଦେଶକ ବିଧୁ ବିନୋଦ ଚୋପ୍ରାଙ୍କର '୧୯୪୨: ଏ ଲଭ୍ ଷ୍ଟୋରି'ରେ ମଧ୍ୟ ଦେଶାତ୍ମବୋଧର ମସଲା ଭରପୂର ରହିଥିଲା। ଏକ ପ୍ରାକ୍-ସ୍ୱାଧୀନତା ପ୍ରେମ କାହାଣୀ ଉପରେ ଏହାକୁ ନିର୍ମାଣ କରାଯାଇଥିଲା। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅନିଲ କପୁର ଏବଂ ମନୀଷା କୋଇରାଲା।

**ସ୍ୱଦେଶ:** ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ସ୍ୱଦେଶ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶାହରୁଖ ଖାନ୍ ଏବଂ ଗାୟତ୍ରୀ ଜୋଷୀ। ୨୦୦୪ରେ ମୁକ୍ତିଲାଭ କରିଥିବା ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା।

**ପ୍ରହାର:** ସୁବାସ ଘାଇଙ୍କ 'ପ୍ରହାର' ସେ ସମୟରେ ଦର୍ଶକମାନଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ବିଶେଷଭାବରେ ଏଥିରେ ନାନା ପାଟେକରଙ୍କ ଭୂମିକାକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ତାଙ୍କ ବ୍ୟତୀତ ଏହି ଫିଲ୍ମରେ 'ଡିମ୍ପଲ କାପାଡିଆ ଏବଂ ମାଧୁରୀ ଦୀକ୍ଷିତ ମଧ୍ୟ ଅଭିନୟ କରିଥିଲେ। ଚିତ୍ରଟି ୧୯୯୧ରେ ପରଦା ଉପରକୁ ଆସିଥିଲା।

**ମଦର ଇଣ୍ଡିଆ:** ବଲିଉଡ୍‌ରେ ଅଲ୍-ଟାଇମ୍ ସ୍ମରଣୀୟ ଚଳଚ୍ଚିତ୍ର ଭାବରେ ଏହି ଫିଲ୍ମକୁ ଗଣନା କରାଯାଇଥାଏ। ମେହେବୁବ ଖାନ୍‌ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ସୁପରହିଟ୍ ଫିଲ୍ମଟି ୧୯୫୭ରେ ମୁକ୍ତିଲାଭ କରିଥିଲା। ଏଥିରେ ନର୍ଗିସ, ସୁନୀଲ ଦତ୍ତ, ରାଜେନ୍ଦ୍ର କୁମାର, ରାଜ କୁମାର ପ୍ରମୁଖ କଳାକାର ଅଭିନୟ କରିଥିଲେ।

**ବର୍ଡର :** ବିଶିଷ୍ଟ ନିର୍ଦ୍ଦେଶକ ଜେ.ପି. ଦତ୍ତାଙ୍କ ଅନ୍ୟତମ ଦର୍ଶକାଦୃତ ସିନେମା ହେଉଛି 'ବର୍ଡର'। ୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଏହାର କାହାଣୀ ରଚନା କରାଯାଇଥିଲା। ୧୯୯୭ରେ ପରଦା ଉପରକୁ ଆସିଥିବା ଏହି ଫିଲ୍ମରେ ସନି ଦେଓଲ, ସୁନୀଲ ସେଟ୍ଟୀ, ଅକ୍ଷୟ ଖାନ୍ନା, ଜ୍ୟାକି ଶ୍ରଫ, ସୁଦେଶ ବେରୀ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ। ବକ୍ସ ଅଫିସରେ ଫିଲ୍ମଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଉକ୍ତ ସିନେମାର 'ସନ୍ଦେସେ ଆତେ ହେଁ..' ଗୀତ ଏବେ ବି ଶ୍ରୋତାଦୃତ ହୋଇ ରହିଛି।

## ଓଡ଼ିଆ ସିନେମା

**ଦେ**ଶାତ୍ମବୋଧକ କାହାଣୀକୁ ଆଧାରକରି ମାତ୍ର ଅଳ୍ପ କେତୋଟି ଓଡ଼ିଆ ସିନେମା ନିର୍ମାଣ କରାଯାଇଛି। ଦେବାଶିଷ ଡୋଗ୍ରା ଏବଂ ପ୍ରଗତି ମହାନ୍ତିଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା 'ବନ୍ଦେ ଉତ୍କଳ ଜନନୀ'। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଶୁଭେନ୍ଦୁ ସ୍ୱାଇଁ। ଏହାର ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସବ୍ୟସାଚୀ, ମୀନକେତନ, ହର ରଥ ଏବଂ ଅର୍ପିତା ମୁଖାର୍ଜୀଙ୍କୁ ଦେଖିବାକୁ ମିଳିଥିଲା। ୨୦୦୮ରେ ପରଦା ଉପରକୁ ଆସିଥିବା ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହାବ୍ୟତୀତ 'ଆଇ ଲଭ ମାଇଁ ଇଣ୍ଡିଆ'ରେ ମଧ୍ୟ ଦେଶପ୍ରେମର ଝଲକ ଦେଖିବାକୁ ମିଳିଥିଲା। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବୁଦ୍ଧାଦିତ୍ୟ ମହାନ୍ତି ଏବଂ ନମ୍ରତା ଥାପ୍ପା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ଦେଶାତ୍ମବୋଧକ ଚଳଚ୍ଚିତ୍ର 'ଶହୀଦ ରଘୁ ସର୍ଦ୍ଦାର'ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ଦେବାଶିଷ ପାତ୍ର। ଏହାବ୍ୟତୀତ 'ବଳିଦାନ' ଫିଲ୍ମରେ ଏକ ଦେଶାତ୍ମବୋଧକ ଗୀତ 'ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା' ଦୃଶ୍ୟାୟିତ ହୋଇଥିଲା।



'ଶହୀଦ ରଘୁ ସର୍ଦ୍ଦାର'



















## ୨୦ରେ ନିମାପଡ଼ା ନଗରପାଳଙ୍କ ବିରୋଧରେ ଅନାସ୍ଥା ଭୋଟ

ନିମାପଡ଼ା,୧୪।୮(ରଞ୍ଜନ ପଟ୍ଟନାୟକ): ଆସନ୍ତା ୨୦ ତାରିଖରେ ନିମାପଡ଼ା ନଗରପାଳଙ୍କ ବିରୋଧରେ ଅନାସ୍ଥା ଭୋଟ ହେବ ବୋଲି ସୂଚନା ମିଳିଛି। ଗତ ୧୨ ତାରିଖରେ ୮ଜଣ କାଉନସିଲର ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାକ୍ଷାତ କରି ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଜିଲାପାଳ ଆବେଦନ ଗ୍ରହଣ କରି ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ୨୦ ତାରିଖରେ ଅନାସ୍ଥା ଭୋଟ କରିବା ପାଇଁ ନିମାପଡ଼ା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜାଣିବାକୁ ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧୁଆ ମୂଳା, ଧୁଆ ମୂଳା**
**ସବୁ ସମାନ।**

ବେଳେବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖି ନ ଥାନ୍ତି। ଭଲ ମନ୍ଦ ଭିତରେ ଫରକ ବାରି ନ ଥାନ୍ତି। ଦୁହିଁଙ୍କୁ ସମାନ ଅର୍ଥରେ ଦେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳସୀ ମାରଇ ଫାଲୁଆ ଗୁଣ୍ଡା,**
**ଚାହିଁ ରହିଥାଏ ଗେରସ୍ତ ହୁଣ୍ଡା।**

କେତେକ ନାରୀ ଅତ୍ୟନ୍ତ ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ଖାଇପିଇ ଘରେ ଖୁଣ୍ଟ ଭଳି ବସି ରହିଥାନ୍ତି। ଏପରି ନାରୀଙ୍କୁ ଘର କାମରେ ମନୋନିବେଶ କରାଇବା ବିଚରା ସ୍ୱାମୀ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅଭିଯୁକ୍ତଙ୍କୁ ସୁରକ୍ଷା ଉଦ୍ୟମ ଅନେକ ପ୍ରଶ୍ନ ଛିଡ଼ା କରାଇଛି: ରାହୁଲ

### ଟ୍ରେନିଂ ମହିଳା ଡାକ୍ତରଙ୍କୁ ବଳାତ୍କାର, ହତ୍ୟା ଘଟଣା

ନୂଆଦିଲ୍ଲୀ,୧୪।୮

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବୁଧବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହା ଉପରେ ମୁହଁ ଖୋଲିଛନ୍ତି। କଂଗ୍ରେସ ନେତା ରାହୁଲ କହିଛନ୍ତି, ଜୁନିୟର ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ ସାରା ଦେଶ ମର୍ମାହତ। ଏହି ଘଟଣା ପରେ ଦେଶର ଡାକ୍ତର ଓ ମହିଳାଙ୍କ ମଧ୍ୟରେ ଅସୁରକ୍ଷା ଭାବ ବଢ଼ିବାରେ ଲାଗିଛି। ତେବେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ଯେପରି ଉଦ୍ୟମ କରାଯାଇଥିଲା, ତାହା ହସ୍ପିଟାଲ ଓ ସ୍ଥାନୀୟ ପ୍ରଶାସନ ଉପରେ ଗମ୍ଭୀର ପ୍ରଶ୍ନଚିହ୍ନ ଲଗାଇଛି। ଯଦି ମେଡିକାଲ କଲେଜ ଭଳି ସ୍ଥାନରେ ଡାକ୍ତର ସୁରକ୍ଷିତ ନୁହନ୍ତି ତେବେ ମା'ବାପାମାନେ ନିଜ ପିଲାଙ୍କୁ ବାହାରକୁ ପାଠ ପଢ଼ିବା ପାଇଁ କିପରି ପଠାଇବେ ବୋଲି ଚିନ୍ତା କରିବାକୁ ଏହି ଘଟଣା ଆମକୁ ବାଧ୍ୟ କରିଛି। ନିର୍ଭୟା ମାମଲା ପରେ ଅଣାଯାଇଥିବା କଠୋର ଆଇନ ଏଭଳି ଅପରାଧ ରୋକିବାରେ କାହିଁକି ବିଫଳ ହେଲା ବୋଲି ରାହୁଲ ଏକ୍ସ'ରେ ପ୍ରଶ୍ନ କରିଛନ୍ତି।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ହଟାଇଲେ କୋର୍ଟ

ବ୍ୟାଙ୍କକ୍,୧୪।୮

ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ସ୍ରେଟ୍‌ଥା ଥାଭିସିନ୍‌ଙ୍କୁ ନୈତିକତା ଉଲ୍ଲଂଘନ ମାମଲାରେ ଦେଶର ଏକ କୋର୍ଟ ହଟାଇଦେଇଛନ୍ତି। ମାସକ ତଳେ ମୁଖ୍ୟ ବିରୋଧୀ ଦଳକୁ ଭଙ୍ଗ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସଦ୍ୟ ରାୟ ପରେ ଦେଶରେ ରାଜନୈତିକ ଅସ୍ଥିରତା ଓ ଅନିଶ୍ଚିତତା ବଢ଼ିବାରେ ଲାଗିଛି। ଥାଭିସିନ୍ ଜଣେ କୋର୍ଟ ଅଧିକାରୀଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ତାଙ୍କୁ ଜେଲଦଣ୍ଡାଦେଶ ହୋଇଛି। ଏକ ସାମ୍ବିଧାନିକ ଅଦାଲତ ୫:୪ ସଂଖ୍ୟାଗରିଷ୍ଠ ରାୟ ପ୍ରକାଶ କରି ଥାଭିସିନ୍‌ଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ପଦରୁ ହଟାଇ ଦେଇଛନ୍ତି। ତେବେ ପାର୍ଲାମେଣ୍ଟ ନୂଆ ପ୍ରଧାନମନ୍ତ୍ରୀ ଚୟନ ନ କରିବା ପର୍ଯ୍ୟନ୍ତ କାମଚଳା କ୍ୟାବିନେଟ୍ ରହିବ। କାମଚଳା କ୍ୟାବିନେଟ୍ ସଂସଦ ଭଙ୍ଗକରି ନିର୍ବାଚନ ପାଇଁ ସୁପାରିସ କରିପାରିବ। ଥାଭିସିନ୍‌ଙ୍କ ଅଧୀନରେ ପ୍ରଥମ ଉପପ୍ରଧାନମନ୍ତ୍ରୀ ଥିବା ଫେଉ ଥାଇ ପାର୍ଟିର ଫୁମ୍‌ତାମ୍ ୱେଚାୟାଚାଇ କାମଚଳା ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି।

## ଓୟୁଏଟି, ଆଇଆଇଆଇଟି ଭୁବନେଶ୍ୱର ମଧ୍ୟରେ ଚୁକ୍ତିନାମା

ଭୁବନେଶ୍ୱର, ୧୪।୮(ଅସମାପିକା ସାହୁ)

ବୈଜ୍ଞାନିକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଷୟିକ ଶିକ୍ଷା ତଥା ଗବେଷଣାତ୍ମକ ନୂତନ ଜ୍ଞାନ କୌଶଳର ଆଦାନପ୍ରଦାନ, ନୂତନ ଉଦ୍ଭାବନ, ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଆଇଆଇଟି) ଭୁବନେଶ୍ୱର ମଧ୍ୟରେ ବୁଧବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଏବଂ ଆଇଆଇଆଇଟି ଏକାଡେମିକ୍ସ ବିଭାଗର ଅଧ୍ୟକ୍ଷ ପ୍ରଫେସର ଆର୍. ସି. ବଳବନ୍ତରାୟ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଦ୍ୱାରା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଦ୍ୱାରା ଜ୍ଞାନକୌଶଳର ଉଦ୍ଭାବନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଗବେଷଣା ପାଇଁ ସମ୍ବଳର ଆଦାନପ୍ରଦାନ ଆଦି ସରଳ ଓ ସୁବିଧା ହୋଇପାରିବ। ଏହାସହ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ସୂଚନା ଓ ବୈଷୟିକ ଜ୍ଞାନ କୌଶଳର ଆଦାନପ୍ରଦାନ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଏହି ଅବସରରେ ଓୟୁଏଟିର ନିର୍ଦ୍ଦେଶକ, ଅଧ୍ୟକ୍ଷ, ବୈଜ୍ଞାନିକ ଓ ଆଇଆଇଆଇଟି ଭୁବନେଶ୍ୱରର ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ଡେଙ୍ଗୁ ଟିକା ପାଇଁ...

ଆଣ୍ଟିଭାଇରାଲ ଚିକିତ୍ସା କିମ୍ବା ଲାଇସେନ୍ସପ୍ରାପ୍ତ ଟିକା ନାହିଁ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ୨୦୧୮-୧୯ରେ ହୋଇଥିଲା, ଯାହା ସଫଳତା ଦେଇଥିଲା। ଆଇସିଏମ୍‌ଆର୍‌ର ଆର୍ଥିକ ସହଯୋଗରେ ପାନାସିଆ ବାୟୋଟେକ ୧୮ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ୧୯ଟି ସ୍ଥାନରେ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରିବ। ଆସନ୍ତା ଦୁଇବର୍ଷ ପାଇଁ ଉଭୟ ମିଳିତ ଭାବେ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି।

### ପତଞ୍ଜଳିକୁ...

ରଖିଥିଲେ। ତେବେ ରାମଦେବ, ବାଲକ୍ରିଷ୍ଣା ଓ ପତଞ୍ଜଳି ଆୟୁର୍ବେଦ ଲିଃ ଦେଇଥିବା ଅଣ୍ଡରଟେକିଂକୁ ଭିତ୍ତିକରି ଜଷ୍ଟିସ୍ ହିମା କୋହଲି ଏବଂ ଅହସାନୁଦ୍ଦିନ ଅମାନୁଲ୍ଲାହଙ୍କ ଖଣ୍ଡପୀଠ ଅବମାନନା ମାମଲାକୁ ସବୁଦିନ ପାଇଁ ବନ୍ଦ କରିଦେଇଛନ୍ତି ଏନେଇ କମ୍ପାନୀ ପକ୍ଷରୁ ମାମଲା ପରିଚାଳନା କରିଥିବା ଆଇନଜୀବୀ ଗୌତମ ତାଲୁକ୍‌ଦାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭବିଷ୍ୟତରେ ଆଇନ ଉଲ୍ଲଂଘନ କଲା ଭଳି ଏପରି କୌଣସି ବିଜ୍ଞାପନ ପ୍ରକାଶ କରାଯିବ ନାହିଁ ବୋଲି ପତଞ୍ଜଳି ପକ୍ଷରୁ ଅବଗତ କରାଯାଇଥିବା ବିଷୟ ୨୦୨୩ ନଭେମ୍ବର ୨୧ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ପତଞ୍ଜଳି ଏହାର ଅନୁପାଳନ କରିବାକୁ ବାଧ୍ୟ ବୋଲି ଅଦାଲତ କହିଥିଲେ।

### ଖଣି କମ୍ପାନୀଠାରୁ

ମନୋଜ ମିଶ୍ରା, ଉଜ୍ଜ୍ୱଳ ଭୂୟାଁ, ସତୀଶ ଚନ୍ଦ୍ର ଶର୍ମା ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହ ସାମିଲ ଥିଲେ। ଅନ୍ୟପକ୍ଷେ ଏହି ରାୟ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ବଡ଼ ଆର୍ଥିକ ପ୍ରଭାବ ପକାଇବା ସହ ସେଗୁଡ଼ିକର ନିବେଶ ମଧ୍ୟ ପ୍ରଭାବିତ ହେବ ବୋଲି ଖଣି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ଯୋଗୁ ଖନନକାରୀ କମ୍ପାନୀଗୁଡ଼ିକ ଉପରେ ପ୍ରାୟ ୧ ଟ୍ରିଲିୟନ୍ ଟଙ୍କା (୧୧.୯୧ ବିଲିୟନ୍ ଆମେରିକୀୟ ଡଲାର)ର ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି।

### 'ଘରେ ଘରେ...

ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୨ ଅଗଷ୍ଟ ୧୫ରେ ସ୍ୱାଧୀନତାର ୭୫ତମ ପୂର୍ତ୍ତି ପାଳନ ଓ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ପକ୍ଷରୁ ଆମ ଜାତୀୟ ପତାକାର ସମ୍ମାନାର୍ଥେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ପ୍ରତି ବର୍ଷ ସ୍ୱାଧୀନତା ଦିବସ ପାଳନର କିଛିଦିନ ପୂର୍ବରୁ ଦେଶବାସୀଙ୍କ ମନରେ ଜାତିପ୍ରେମକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆୟୋଜିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଦେଶର କୋଣ ଅନୁକୋଣରେ ରହୁଥିବା ପ୍ରତ୍ୟେକ ଭାରତୀୟ ଏହି ଅଭିଯାନରେ ସାମିଲହୋଇ ଘରେ ଘରେ ଆମ ଜାତୀୟ ପତାକା ତ୍ରିରଙ୍ଗା ଉଡ଼ାଇ ଦେଶପ୍ରେମର ନିଦର୍ଶନ ପ୍ରତିଫଳିତ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇ କହିଛନ୍ତି, ଆମେ ସମସ୍ତେ ଏକତାର ସୂତ୍ରରେ ବାନ୍ଧିହୋଇ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ମନ୍ତ୍ରରେ ଦୀକ୍ଷିତ ହୋଇ ଦେଶ ପାଇଁ ଆସନ୍ତୁ ନିଜର ଅବଦାନ ରଖିବା। ଏହି ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ରାଜ୍ୟ ସରକାରଙ୍କର ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ। ପଦଯାତ୍ରାରେ ସାମିଲ ସମସ୍ତଙ୍କ ହାତରେ ଥିଲା ଜାତୀୟ ପତାକା ଏବଂ ଭାରତ ମାତା କି ଜୟ ଧ୍ୱନିରେ ପଦଯାତ୍ରା ପ୍ରକମ୍ପିତ ହେଉଥିଲା।

### ବ୍ଲାକ୍‌ରୋଜ୍...

ହୋଇଥିବାବେଳେ ଜଣେ ରୁଷୀୟ ଯନ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଜାହାଜଟି ସମୁଦ୍ରରେ ଦୀର୍ଘ ଦିନ ଧରି ପଡ଼ି ରହିବାରୁ ପାଣିରେ ତେଲ ଲିକ୍ ହୋଇଥିଲା। ଜାହାଜକୁ କୂଳକୁ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଜାହାଜଟି ଭାରତୀୟ ସମୁଦ୍ର ସୀମାରେ ବୁଡ଼ିଯାଇଥିବାରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଜାହାଜ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ଭାରତ ସରକାରଙ୍କ ଜାହାଜ ମନ୍ତ୍ରଣାଳୟ ୨୦୧୮ରେ ନିଷ୍ପତ୍ତି ନେଇଥିଲା। ଏନେଇ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ ମଧ୍ୟ କରାଯାଇଥିଲା। ସିବିଆଇ ପକ୍ଷରୁ ତତ୍କାଳୀନ ବିଜେଡି ସରକାରଙ୍କୁ ୨୦୧୯ ନଭେମ୍ବରରେ ଚିଠି ଲେଖାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ନ ମିଳିବାରୁ ୨ମାସ ପରେ ପୁନର୍ବାର ଆଉ ଏକ ଚିଠି ମଧ୍ୟ ଦିଆଯାଇଥିଲା। ତଥାପି ରାଜ୍ୟ ସରକାର ଏନେଇ କୌଣସି ଅନୁମତି ଦେଇ ନ ଥିଲେ। ଏପରିକି ଜାହାଜ ସମ୍ପର୍କରେ ଅଧିକ ଖୋଳତାଡ଼ କରିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଇ ନ ଥିଲେ। ରାଜ୍ୟ ସରକାର ଅନୁମତି ନ ଦେବାରୁ ଏହି ଘଟଣାରେ ସିବିଆଇ ତଦନ୍ତ ଆଗେଇ ପାରି ନ ଥିଲା। ଏପରି କି ରାଜ୍ୟ ସରକାର କୌଣସି ଦସ୍ତାବିଜ ସିବିଆଇକୁ ଦେଇ ନ ଥିଲେ। ଏହି ଜାହାଜର ଲାଇସେନ୍ସ ନ ଥିବାବେଳେ ଏହାର ମାଲିକଙ୍କୁ ମଧ୍ୟ ଏପର୍ଯ୍ୟନ୍ତ ଠାବ କରାଯାଇ ପାରିନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ଜାହାଜରେ ଭର୍ତ୍ତି କରାଯାଇଥିବା ସାମଗ୍ରୀକୁ ମଧ୍ୟ କେହି ଦାବି କରି ନ ଥିଲେ, ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ବ୍ଲାକରୋଜ କେଲେଙ୍କାରୀରେ ବିଜେଡିର ପ୍ରଭାବଶାଳୀ ନେତା ସାମିଲ ଥିବା ନେଇ ବିଭିନ୍ନ ସମୟରେ ବିରୋଧୀ ଦଳ ଅଭିଯୋଗ କରିଆସିଛନ୍ତି। ଏପରିକି ଏହି ପ୍ରସଙ୍ଗକୁ ମଧ୍ୟ ବିଧାନସଭାରେ ଅନେକ ଥର ବିରୋଧୀ ଦଳ ଉତ୍ଥାପନ କରିଛନ୍ତି । ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ବ୍ଲାକ୍‌ରୋଜ ବୁଡ଼ି ଘଟଣା ତଦନ୍ତର ନୂଆଫର୍ଦ୍ଦ ଖୋଲିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## କଲେଜ ବସ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

ଚଣ୍ଡିଖୋଲ/ବଡ଼ଚଣା,୧୪।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି): ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଛକ ନିକଟରେ ବୁଧବାର ଏକ ଘରୋଇ କଲେଜ ବସ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମହିପୁର ଗ୍ରାମର କୁଳମଣି ସାମଲ(୫୦)। କୁଳମଣି ଚଣ୍ଡିଖୋଲ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ଏକ ଦୋକାନ କରି ପରିବାର ପ୍ରତି ପୋଷଣ କରନ୍ତି। ସେ ସକାଳେ ସ୍କୁଟି ଯୋଗେ କଟକ ଅଭିମୁଖେ ଯାଉଥିବାବେଳେ ଘରୋଇ କଲେଜ ବସ ପିଲାମାନଙ୍କୁ ନେଇ ଟାଙ୍ଗୀ ଅଭିମୁଖେ ଯାଉଥିଲା। ବସ୍‌ଟି ବଡ଼ଚଣା ପୋଲର ବାଇ ପାସ ରାସ୍ତା ନିକଟରେ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କୁଳମଣି ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଚଣା ପୋଲିସ ପହଞ୍ଚି ବସକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟଣା ହତ୍ୟା ଅଭିଯୋଗ ଆଣିଲେ ପରିବାର

ଚଣ୍ଡିଖୋଲ,୧୪।୮ (ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ମହେଶ୍ୱର ମଲିକଙ୍କ ପୁଅ ଦିଲୀପ ମଲିକ(୩୫)ଙ୍କ ମୃତଦେହ ରାସ୍ତାକଡ଼ରୁ ମିଳିବା ପରେ ଘଟଣା ସନ୍ଦେହ ଘେରକୁ ଆସିଛି। ପୁଅକୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ନେଇ ବଡ଼ଚଣା ଥାନାରେ ଦିଲୀପଙ୍କ ବାପା ମହେଶ୍ୱର ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବୁଧବାର ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦିଲୀପ ବଡ଼ଚଣା ବିଦ୍ୟୁତ୍ ଉପଖଣ୍ଡ କର୍ଯ୍ୟାଳୟରେ ଅସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ଘରକୁ ନ ଫେରିବାରୁ ଘର ଲୋକ ବ୍ୟସ୍ତ ହୋଇ ଫୋନ କରିଥିଲେ। କିନ୍ତୁ ତାଙ୍କ ଫୋନ ସୁଇଚ ଅଫ ଥିଲା। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ମିଳିଥିଲା।

## ଅସଦାଚରଣ ମାମଲାରେ ଦୋଷୀଙ୍କୁ ୧୫ ମାସ ଜେଲ

ଯାଜପୁର ଟାଉନ,୧୪।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଜଣେ ନାବାଳିକା କଲେଜ୍ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଜିତ୍ ପଲାଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୫ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୧ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ସଦର ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଖଇରାବାଦ ପଞ୍ଚାୟତ କଳିନ୍ଦ୍ରାବାଦ ଗ୍ରାମର ୫୦ ବର୍ଷୀୟ ଶ୍ରୀଧର ସାହୁ ନାମକ ବ୍ୟକ୍ତି ନିୟମିତ ହଇରାଣ କରୁଥିଲେ। ୨୦୨୩ ମେ’ ୧୧ ତାରିଖ ସକାଳ ୫ଟା୩୦ରେ ଛାତ୍ରୀ ଜଣଙ୍କ ଟ୍ୟୁସନ୍ ଯିବା ରାସ୍ତାରେ ଅଡ଼ଙ୍ଗ ପୋଲ ଉପରେ ଶ୍ରୀଧର ତାଙ୍କୁ ଅଟକାଇ ଟଣାଘୋଷରା କରିବା ସହ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ଛାତ୍ରୀ ତାଙ୍କ ଘରେ ଜଣାଇଥିଲେ। ଏହାପରେ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୦/୨୩ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୬ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ କୁମାର ମହାନ୍ତି ପରିଚାଳନା କରିଥିଲେ।

## ରାଂଶୋଳ ପଞ୍ଚାୟତରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

କାଳିଆପାଣି,୧୪।୮ (ଅସିତ ମହାନ୍ତ): ସୁକିନ୍ଦା ବ୍ଲକ ରାଂଶୋଳ ପଞ୍ଚାୟତରେ ସିଆର୍‌ପି ବବିତା ମହାନ୍ତଙ୍କ ନେତୃତ୍ୱରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଂଶୋଳ ସରପଞ୍ଚ କନକଲତା ସର୍ଦ୍ଦାର ଓ ନାଏବ ସରପଞ୍ଚ ଅତୁଲ ମହାନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସିଆର୍‌ପି ମହାନ୍ତଙ୍କ ସହ ମହିଳାମାନେ ଘରଘର ବୁଲି ତ୍ରିରଙ୍ଗା ପତାକା ବଣ୍ଟନ କରିଥିଲେ।

# ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

- କାମ ବନ୍ଦ କଲେ ଅଞ୍ଚଳବାସୀ, ଉପଯୁକ୍ତ ତଦାରଖ ଦାବି
- ଉନ୍ନତମାନର କାମ କରିବାକୁ ଠିକାଦାରଙ୍କୁ ତାଗିଦ


ଦଶରଥପୁର ବ୍ଲକ ମଙ୍ଗଳପୁରରେ ନିର୍ମାଣାଧୀନ ଆମ ବସ୍‌ଷ୍ଟାଣ୍ଡ।

ଯାଜପୁର,୧୪।୮ (ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲାରେ ଓଡ଼ିଶା ଷ୍ଟେଟ ପୋଲିସ ହାଉସିଂ ଆଣ୍ଡ ଡବ୍ଲ୍ୟୁ.ସି. ଲିଃ ପକ୍ଷରୁ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ଜିଲାର ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ବଜାରଠାରେ ନିର୍ମାଣାଧୀନ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ନିମ୍ନମାନର ହେଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଠିକାସଂସ୍ଥା ପକ୍ଷରୁ ବସଷ୍ଟାଣ୍ଡର ମୁଖ୍ୟ ବିଲ୍ଡିଂ କାର୍ଯ୍ୟର ବେସ ଏବଂ ପିଲର ଢଳାଇ ହେଉଥିବାବେଳେ ଗ୍ରାମବାସୀ ଅତି ନିମ୍ନମାନର ଅଭିଯୋଗ କରି କାମକୁ ବନ୍ଦ କରି ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ଲୋକଙ୍କ ଅଭିଯୋଗକୁ ଅଣଦେଖା କରି ଠିକାଦାରଙ୍କୁ ପରୋକ୍ଷରେ ସହଯୋଗ କରୁଥିବା ଅଭିଯୋଗ ହୋଇଛି।

ରାଜ୍ୟ ସରକାର ସାଧାରଣ ଲୋକଙ୍କ ସହଜ ଓ ସୁବିଧାରେ ଗମନାଗମନ ପାଇଁ ପ୍ରତ୍ୟେକ ବ୍ଲକରେ ମୋ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଏହି କ୍ରମରେ ମଙ୍ଗଳପୁର ବଜାରରେ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ପ୍ରାୟ ୧୨ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ମଙ୍ଗଳପୁର ବଜାର ନିକଟସ୍ଥ କନିକାପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ ବସ ରହଣି ସ୍ଥାନ, ଶୌଚାଳୟ, ଯାତ୍ରୀ ବିଶ୍ରାମସ୍ଥଳୀ, ପାଚେରୀ, ଦୋକାନ ଘର ଆଦି ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି। ସେହି ପ୍ରକଳ୍ପ ୧୧।୩।୨୦୨୪ରୁ ଆରମ୍ଭ ହୋଇ ୧ ବର୍ଷ ମଧ୍ୟରେ ଶେଷ କରିବାକୁ ଚୁକ୍ତି ହୋଇଛି। ମାତ୍ର ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ହାତ କରି ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ମାଟି ଓ କାଦୁଅ ମିଶା ଚିପ୍ସ, ବାଲିକୁ ସିମେଣ୍ଟରେ ମିଶାଯାଇ ଢଳାଇ ପକାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହିତ କଂକ୍ରିଟ କାର୍ଯ୍ୟରେ ଧାର୍ଯ୍ୟ ପରିମାଣଠାରୁ କମ୍ ସିମେଣ୍ଟ ବ୍ୟବହାର କରାଯାଉଛି। ଫଳରେ କାର୍ଯ୍ୟର ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ଅଞ୍ଚଳବାସୀଙ୍କ ବିରୋଧ ଖବର ପାଇ ବୁଧବାର ସହକାରୀ ଯନ୍ତ୍ରୀ ମିତାଲି ମଧୁସ୍ମିତା ରାଉତ ଓ ଯନ୍ତ୍ରୀ ଅଶୋକ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ତଦନ୍ତ କରିଥିଲେ। ଉଭୟ କହିଥିଲେ ଆଉ ନିମ୍ନମାନ କାମ ହେବ ନାହିଁ, ଉନ୍ନତମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିବାକୁ ଠିକାଦାରଙ୍କୁ ତାଗିଦ କରାଯାଇଛି। ତେବେ ଯନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସରକାର ରାଜ୍ୟର ବିକାଶ ଓ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ନିମନ୍ତେ ପ୍ରତିବର୍ଷ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଦୁର୍ନୀତି ବଢ଼ି ଚାଲିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ନଦୀରେ ଘୂରି ବୁଲୁଛନ୍ତି ଶତାଧିକ କୁମ୍ଭୀର


ଘଞ୍ଚ ବୁଦାମୂଳେ ଖରାଖାଉଥିବା ବଉଳା କୁମ୍ଭୀର।

ମହାକାଳପଡ଼ା,୧୪।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ): କେନ୍ଦ୍ରାପଡ଼ା ଜିଲାରେ ବ୍ରାହ୍ମଣୀ, ଖରସ୍ରୋତା, ମହାନଦୀ, ଗୋବରୀ, ଲୁଣା, ଚିତ୍ରୋତ୍ପଳା ଓ ପାଇକା ନଦୀ କୂଳିଆ ଅଞ୍ଚଳରେ ବଉଳା କୁମ୍ଭୀରଙ୍କ ଆତଙ୍କ ସୃଷ୍ଟି ହୋଇଛି। ଗତ ୨ଦିନ ତଳେ ବ୍ରାହ୍ମଣୀ ନଦୀରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଥିଲା। ସମ୍ପୃକ୍ତା ମହିଳାଙ୍କ ମୃତଦେହ କିଛି ଦୂରରେ ଠାବ କରାଯାଇଥିଲା। ଏନେଇ ବନ ବିଭାଗ ପକ୍ଷରୁ ବାରମ୍ବାର ଲୋକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ହେଲେ ସଚେତନତା ଅଭାବରୁ ଲୋକେ କୁମ୍ଭୀର ଆକ୍ରମଣରେ ଶିକାର ହେଉଛନ୍ତି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ବର୍ଷାଦିନେ ଭରା ନଦୀରେ କୁମ୍ଭୀରଙ୍କ ଭୟ ରହିଥାଏ। ଗୋଳିଆ ପାଣିର ସୁଯୋଗ ନେଇ କୁମ୍ଭୀରମାନେ ଅନେକଙ୍କ ଜୀବନ ନେଇ ଥାଆନ୍ତି। ଏହି ପରିପ୍ରେକ୍ଷୀରେ ମହାକାଳପଡ଼ା ଅଞ୍ଚଳରେ ଥିବା ନଦୀନାଳରେ କୁମ୍ଭୀରଙ୍କ ଉପଦ୍ରବ ବଢ଼ିଛି। ମତ୍ସ୍ୟଜୀବୀମାନେ ବର୍ଷ ତମାମ ମାଛ ଧରି ପରିବାର ପ୍ରତିପୋଷଣ କରିଥାଆନ୍ତି। ଟିକେ ଅସାବଧାନ ହେଲେ କୁମ୍ଭୀର ଆକ୍ରମଣ କରିବାର ନଜିର ରହିଛି। ନଦୀ କୂଳରେ ଥିବା ଘଞ୍ଚ ବୁଦାମୂଳେ କୁମ୍ଭୀର ନିରାପଦରେ ଖରା ପୁଇଁ ଥାନ୍ତି। ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବତୀଘର ପଞ୍ଚାୟତ ମହାନଦୀ ତ୍ରିକୋଣ ଭୂମି ସନ୍ତସନ୍ତିଆ ନଦୀ କୂଳରେ ଏକ ବଡ଼ ବଉଳା କୁମ୍ଭୀର ଛକି ରହିଛି ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଆମ ଅଞ୍ଚଳର ସବୁ ନଦୀରେ ଶତାଧିକ ବଉଳା କୁମ୍ଭୀର ଭାସୁଥିବା ନିଶିକାନ୍ତ ମଣ୍ଡଳ, ହରେକୃଷ୍ଣ ମାନ୍ନା, କ୍ଷିତିଶ ମଣ୍ଡଳ, ରାମହରି ଦାସ ପ୍ରମୁଖ ମତ୍ସ୍ୟଜୀବୀ କହିଛନ୍ତି। ସେଥିପାଇଁ ସେମାନେ ମାଛ ନ ଧରି ଫେରି ଆସିଥିବା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ନଳିନୀକାନ୍ତ ବେହେରା କୁହନ୍ତି, ନଦୀ କୂଳିଆ ଅଞ୍ଚଳ ଲୋକମାନଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ପ୍ରଚାର ଗାଡ଼ି ମାଧ୍ୟମରେ ଆମେ ସତର୍କ, ସଚେତନ କରାଯାଉଛୁ। ନଦୀକୁ ନ ଯିବା ପାଇଁ ବାରଣ କରୁଛୁ। ହେଲେ ଅଧିକାଂଶ ଲୋକ ସଚେତନ ନ ହେବାରୁ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି।

# ଯୁବକଙ୍କ ଗଳିତ ମୃତଦେହ ଜବତ, ସ୍ତ୍ରୀ ଅଟକ


ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ଯାଜପୁରରୋଡ୍,୧୪।୮ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ଥାନା ଅନ୍ତର୍ଗତ ଚୋରଦା କପିଳେଶ୍ୱର କଲୋନୀର ଏକ ଭଡ଼ାଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ମୃତ ଯୁବକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଜଙ୍ଗାରି ଗ୍ରାମର ଧନେଶ୍ୱର ଖିଲାରଙ୍କ ପୁଅ ସୂର୍ଯ୍ୟ ଖିଲାର(୩୦)। ତାଙ୍କର ତିନିଦିନ ତଳୁ ମୃତ୍ୟୁ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତ ଯୁବକଙ୍କ ସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂର୍ଯ୍ୟ ଯାଜପୁରରୋଡ୍‌ରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ସହ କପିଳେଶ୍ୱର କଲୋନୀରେ କିଛି ଦିନ ହେବ ଏକ ଭଡ଼ାଘରେ ରହୁଥିଲେ। ଗୀତାଞ୍ଜଳି ଏକ ମଲରେ କାର୍ଯ୍ୟ କରୁଥିଲେ। ବହୁ ସମୟରେ ବିଭିନ୍ନ କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏହାପରେ ଗୀତାଞ୍ଜଳି ତାଙ୍କ ବାପଘର ଯାଜପୁରରୋଡ୍ ଥାନା ଅନ୍ତର୍ଗତ ପାଇକରାପୁରରେ ନିଜ ପିଲାଙ୍କ ସହ ଯାଇ ରହୁଥିଲେ। ବୁଧବାର ଗୀତାଞ୍ଜଳି ନିଜର ଜିନିଷ ପତ୍ର ନେବାପାଇଁ ଆସିଥିଲେ। ଏହି ସମୟରେ ଘର ବାହାର ପଟୁ ତାଲା ଝୁଲୁଥିବା ଦେଖି ତାଙ୍କ ନିକଟରେ ଥିବା ଚାବିରେ ଖୋଲିଥିଲେ। ଏହାପରେ ଘର ମଧ୍ୟରୁ ଦୁର୍ଗନ୍ଧ ବାହାରି ଥିଲା। ଏନେଇ ଘର ମାଲିକ ପୋଲିସକୁ ଖବର ଦେଇଥିଲେ। ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ସନ୍ଧ୍ୟା ହୋଇଯିବାରୁ ତଦନ୍ତ ହୋଇ ପାରିନାହିଁ। ଗୁରୁବାର ପୋଲିସ ସାଇଣ୍ଟିଫିକ ଟିମ ଦ୍ୱାରା ଏହାର ତଦନ୍ତ କରିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଏନେଇ ପୋଲିସ ନଂ.୩୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଜେନାପୁର ପୋଲିସ ପକ୍ଷରୁ ଜନସଚେତନତା

ଜେନାପୁର,୧୪।୮ (ଅଶୋକ ଦାସ): ବାଂଲାଦେଶରେ ବଢୁଥିବା ହିଂସାକୁ ନେଇ ଓଡ଼ିଶାରେ ଥିବା କେତେଜଣ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ଆକ୍ରମଣ କରାଯାଉଛି। ଏଭଳି ସୂଚନା ମିଳିବା ପରେ ଜେନାପୁର ଥାନା ପୋଲିସ ପକ୍ଷରୁ ଅଞ୍ଚଳର ଖବରଦାତା ଓ ଜନପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳ, ବାସୁଦେବ ପରିଡ଼ା, ରଞ୍ଜନ କୁମାର ବେହେରା ଉପସ୍ଥିତ ରହି ଥାନା ଅଞ୍ଚଳରେ ଥିବା ପଶ୍ଚିମବଙ୍ଗ ଫେରିବାଲାଙ୍କୁ ଯେପରି ଆକ୍ରମଣ କରା ନ ଯାଏ ସେ ଦିଗରେ ଜନସଚେତନ କରିବାକୁ କହିଛନ୍ତି। ଅଞ୍ଚଳର ବିଭିନ୍ନ ସ୍ଥାନରେ ରହୁଥିବା ପଶ୍ଚିମବଙ୍ଗ ଲୋକ ଯଦି କୌଣସି ଅସାମାଜିକ କାର୍ଯ୍ୟ କରୁଥିବା ସନ୍ଦେହ ହେଲେ ତୁରନ୍ତ ପୋଲିସକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଆଇନକୁ ହାତକୁ ନ ନେଇ ପୋଲିସକୁ ସହଯୋଗ କରିବାକୁ ଥାନା ପକ୍ଷରୁ ଅନୁରୋଧ କରାଯାଇଛି।

## ଅନୁପ୍ରବେଶକୁ ନେଇ ସଦର ଥାନାରେ ବୈଠକ

ଯାଜପୁର ସଦର,୧୪।୮ (ସମର ବିଜୟ ଶରଣ): ଯାଜପୁର ସଦର ଥାନା ପରିସରରେ ୧୮ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ଅଧକ୍ଷତା କରି ବର୍ତ୍ତମାନ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଶେଷକରି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପର ତୀକ୍ଷ୍ଣ ନଜର ରଖିବାକୁ କହିଥିଲେ। ଏହାଛଡ଼ା ବାଂଲାଦେଶୀ ଭାବି ଯେ କୌଣସି ସାଧାରଣ ଲୋକଙ୍କୁ ଧରି ଗାଁଗଣ୍ଡାରେ ଯେଉଁ ଆକ୍ରମଣ ହେଉଛି ତା’ଉପରେ ନଜର ରଖିବାକୁ ଜନପତିନିଧିଙ୍କୁ ପରାମର୍ଶ ଦେଇଥିଲେ। ଯେ କୌଣସି ଲୋକ ଉପରେ ସନ୍ଦେହ ଆସିଲେ ଥାନାକୁ ଜଣାଇବାକୁ ସେ ଅନୁରୋଧ କରିଥିଲେ। ପଞ୍ଚାୟତ ପ୍ରତିନିଧିମାନେ ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ। ଆଇନଶୃଙ୍ଖଳା କଡ଼ାକଡ଼ି କରାଯିବ ବୋଲି ଥାନା ଅଧିକାରୀ ଜନପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ନଗଡ଼ା ପିଲାଙ୍କୁ ପଢ଼ାଇଲେ ଜିଲାପାଳ

କାଳିଆପାଣି,୧୪।୮ (ଅସିତ ମହାନ୍ତ): ଯାଜପୁର ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡି ବୁଧବାର ସୁକିନ୍ଦା ବ୍ଲକ୍‌ର ନଗଡ଼ା ଅଞ୍ଚଳ ଗସ୍ତ କରିଛନ୍ତି। ଏହି ସମୟରେ ନଗଡ଼ା ଜୁଆଙ୍ଗଙ୍କ ପାଇଁ ହୋଇଥିବା ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ଜୁଆଙ୍ଗଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଆସୁ ନ ଥିବା ଦେଖି ବିରକ୍ତି ପ୍ରକାଶ କରିବା ସହ ଉପସ୍ଥିତ ବିଡିଓଙ୍କୁ ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ନଗଡ଼ା ସ୍କୁଲ୍‌କୁ ଯାଇ ପିଲାମାନଙ୍କୁ ପାଠ ପଢ଼ାଇଛନ୍ତି। ଏଠାରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ସେ ଏକ ବୈଠକ କରିବେ। ବୈଠକରେ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲାପାଳ ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, ବିଡିଓ ଅଭିଷେକ ସ୍ୱାଇଁ, ସିଡିପିଓ ଭାନୁମତୀ ବେହେରାଙ୍କ ସହ ନଗଡ଼ାରେ ପହଞ୍ଚିଥିଲେ। ଶେଷରେ ଓଡ଼ିଶା ଖଣି ନିଗମ ଅତିଥିଶାଳାରେ ପହଞ୍ଚି ଅଧିକାରୀମାନଙ୍କ ସହ ଆଲୋଚନା କରି ଫେରିଯାଇଥିଲେ।


ଏକ ବିଦ୍ୟାଳୟରେ ଜିଲାପାଳ ପିଲାଙ୍କୁ ପାଠ ପଢ଼ାଉଛନ୍ତି।

## ଭାଜପା ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଖେଳୁଛି: ବିଜେଡି


ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା।

ବିଞ୍ଝାରପୁର,୧୪।୮ (ରାମକୃଷ୍ଣ ଦାସ): ବାବା ବରୁଣେଶ୍ୱର ବିଞ୍ଝାରପୁରବାସୀଙ୍କ ଆରାଧ୍ୟ ଦେବତା। ବରୁଣେଶ୍ୱର କ୍ଷେତ୍ରର ବିକାଶ ପାଇଁ ବିଞ୍ଝାରପୁର ଅଞ୍ଚଳବାସୀଙ୍କ ସମେତ ବିଧାୟିକା ପ୍ରମିଳା ମଲ୍ଲିକ ପ୍ରୟାସ କରିଆସିଛନ୍ତି। ପୂର୍ବର ବିଜେଡି ସରକାର ଏହି ପୀଠର ଉନ୍ନତିକରଣ ପାଇଁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। ନିକଟରେ ବିଞ୍ଝାରପୁର ଭାଜପାର ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକ ମଞ୍ଜୁର ହୋଇଥିବା ଅର୍ଥ ଫେରିଯିବା ଏବଂ ସ୍ଥାନୀୟ ବିଧାୟିକାଙ୍କ ପିସି ଭାଗ ନେଇ ସାମାଜିକ ଗଣମାଧ୍ୟମରେ ରଖିଥିବା ମତକୁ ନେଇ ବିଞ୍ଝାରପୁର ବିଜେଡି ଖବରଦାତା ସମ୍ମିଳନୀ କରି ଭାଜପାରେ ଉପରେ ବର୍ଷିଛି।

କୌଣସି ଉପଯୁକ୍ତ ତଥ୍ୟ ନଥାଇ ଲୋକଙ୍କୁ ଭାଜପା ଭ୍ରମିତ କରିବା ସହିତ ବିଞ୍ଝାରପୁର ବିକାଶରେ ବାଧକ ସାଜୁଥିବା ଏବଂ ବରୁଣେଶ୍ୱରଙ୍କ ଉନ୍ନତିକରଣ କାର୍ଯ୍ୟକୁ ନେଇ ଭକ୍ତଙ୍କ ଭାବାବେଗ ସହିତ ଖେଳୁଥିବା କହି ବିଞ୍ଝାରପୁର ବିଜେଡି ସଭାପତି ନନ୍ଦକିଶୋର ସାମଲ ବବିତାଙ୍କୁ ସମାଲୋଚନା କରିଛନ୍ତି। ଯଦି ସେ ବିଭାଗୀୟ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରନ୍ତେ ଭଲ ହୁଅନ୍ତା ବୋଲି ନନ୍ଦକିଶୋର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡିର ଅନ୍ୟତମ ନେତ୍ରୀ ତଥା ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ ଯୋଗଦେଇ ମଞ୍ଜୁର ହୋଇଥିବା ଅର୍ଥ ଫେରିଯାଇନାହିଁ, ଏହାକୁ କୌଣସି ସରକାର ଚାହିଁଲେ ମଧ୍ୟ ଫେରାଇ ନେଇ ପାରିବେନାହିଁ। ଠିକାସଂସ୍ଥା ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବ ବୋଲି ସେ କହିବା ସହିତ ଭାଜପାକୁ ସମାଲୋଚନା କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ଚିକଣା ସରପଞ୍ଚ ପାର୍ବତୀ ମଲ୍ଲିକ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ, ସାମାଜିକ କର୍ମୀ ସରୋଜ ସାମଲ, ହେମେନ୍ଦ୍ର ସାମଲ, ଧ୍ରୁବଚରଣ ସେଠୀ, ଶୁଭେନ୍ଦୁ ସାମଲ ଓ ପ୍ରଦୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଫାଇଲେରିଆ ନିରାକରଣ ପକ୍ଷ ପାଳିତ

ରସୁଲପୁର,୧୪।୮ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ ଫାଇଲେରିଆ ରୋଗ ନିରାକରଣ ପକ୍ଷ ପାଳିତ ହୋଇଯାଇଛି। ରସୁଲପୁର ପଞ୍ଚାୟତର ସୁଆଁସାହି ଆଶ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା ସଭା ଓ ଔଷଧ ସେବନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ଔଷଧ ଖୁଆଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାଜକୁ ଫାଇଲେରିଆ ମୁକ୍ତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ଲୋକଙ୍କୁ ଫାଇଲେରିଆ ଔଷଧ ସେବନ କରାଉଛନ୍ତି। ଔଷଧ ସେବନର ବିଧିବିଧାନ ସଂପର୍କରେ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଶତପ୍ରତି ଲକ୍ଷ୍ୟ ହାସଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଔଷଧ ସେବନରେ ଅସହଯୋଗ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ ପଞ୍ଚାୟତର ଜନପ୍ରତିନିଧିଙ୍କ ସହାୟତା ନିଆଯିବାକୁ କୁହାଯାଇଛି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସୁରେନ୍ଦ୍ର ତିଆଡ଼ି, ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ପର୍ଯ୍ୟବେକ୍ଷକ ହିମାଂଶୁ ପାଢ଼ୀ, ପ୍ରଧାନଶିକ୍ଷକ ହିମାଶୁଂ ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ବଳ ଅଧିକାରୀଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବସନ୍ତ କୁମାର ପଣ୍ଡା, ଡା. ସଂଘମିତ୍ରା ଦାସ, ଡା. ଚିତ୍ତରଞ୍ଜନ ନାୟକ, ଡା. ସଂଗୀତା ମହାନ୍ତି, ଡା. ସୌମ୍ୟା ପରିଜା ପ୍ରମୁଖ ଯୋଗଦେଇ ଫାଇଲେରିଆ ଔଷଧ ସେବନର ବିଭିନ୍ନ ଉପାୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ

## ଭାଜପାର ଜୋନ୍‌ସ୍ତରୀୟ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

କୋରେଇ,୧୪।୮ (ଚନ୍ଦ୍ରକାନ୍ତ ପତି): କୋରେଇ ଭାଜପା ପକ୍ଷରୁ ୧ନଂ. ଜୋନରେ ବୁଧବାର ହରଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ପଛିକୋଟ ପଞ୍ଚାୟତର ପରମାନନ୍ଦପୁର ଗ୍ରାମରେ ୬୦୦ରୁ ଉର୍ଦ୍ଧ୍ୱ ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଛି। ମଣ୍ଡଳ ସଭାପତି ନୀଳମାଧବ ଚକ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସମ୍ପାଦିକା ଦୀପ୍ତିମୟୀ କୁଅଁର, ଦିଲୀପ କୁମାର ରାଉତ, ବରିଷ୍ଠ ଭାଜପା ନେତା ପ୍ରଦୀପ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୋପାଳ ରାଉତ, ନୀଳାଦ୍ରି ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରତାପ ସାହୁ, ତ୍ରିଲୋଚନ ପହି, ଅଭିମନ୍ୟୁ ମଲ୍ଲିକ, ପଦ୍ମନାଭ ବାରିକ, ଭାଜପା ନେତ୍ରୀ ନିର୍ମଳା ନାୟକ, ସୁବ୍ରତ କୁମାର ସ୍ୱାଇଁ, ଅର୍ଜୁନ ପଲେଇ, କୁଳମଣି ଦାସ, ବସନ୍ତ କର ଓ ସୁଦାମ ବାରିକଙ୍କ ସହିତ ୧ ନଂ. ଜୋନର ଅନେକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ପାଣିକୋଇଲିରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ପାଣିକୋଇଲି,୧୪।୮ (ବିକାଶ ମଲ୍ଲିକ): ଭାଜପା ଖରସ୍ରୋତା ମଣ୍ଡଳ ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶତାଧିକ କର୍ମୀ ଜାତୀୟ ପତାକା ଧରି ନେମ ଆଣ୍ଡ ଫେମ ସ୍କୁଲଠାରୁ ପଦଯାତ୍ରାରେ ବାହାରି ବଜାର ପରିକ୍ରମା କରି ତାରିଣୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ଜହର ଅଲ୍ଲି, ଶଶିକାନ୍ତ ମଲ୍ଲିକ, ଗୋକୁଳାନନ୍ଦ ସାହୁ, କଳ୍ପତରୁ ମହାପାତ୍ର, ନିରଞ୍ଜନ ନାୟକ, ଅଜୟ ସାହୁ, ମନୋଜ ପାଢ଼ୀ, ରମେଶ ବାରିକ, ଲକ୍ଷ୍ମୀଧର କରଣ ଓ ହରେକୃଷ୍ଣ ସାହୁଙ୍କ ସମେତ ବହୁ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।